



ଜାନୁଆରୀ ୧୬ରେ
ହ୍ୟାପି ପଟେଲ୍
ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-160 ♦SATURDAY ♦6 DECEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୬୦ ♦ଶନିବାର ♦୬ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

**ସମ୍ପର୍କର ନୂଆ ଯୁଗ**

# ଭାରତ-ରୁଷ ୧୯ ଚୁକ୍ତି

■ ନୂଆଦିଲ୍ଲୀ, ୫।୧୨ (ଏଜେନ୍ସି): ଆମେରିକାର ଟାରିଫ୍ ରଣନୀତି ଏବଂ ଚୀନ୍‌ର ବିସ୍ତାରବାଦୀ ରାଜନୀତିକୁ ପ୍ରତିହତ କରିବା ପାଇଁ ଭାରତ ତା'ର ମିତ୍ର ରାଷ୍ଟ୍ର ରୁଷ୍ ସହିତ ସମ୍ପର୍କର ନୂଆ ଯୁଗ ଆରମ୍ଭ କରିଛି। ଦୁଇଦିନିଆ ଭାରତ ଗସ୍ତରେ ଥିବା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରମାଣୁ, ତୈଳ, ଗ୍ୟାସ ଓ ବାଣିଜ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ୧୯ଟି ଚୁକ୍ତି ସ୍ୱାକ୍ଷର କରି ପରୋକ୍ଷରେ ଆମେରିକା ଓ ଚୀନ୍‌କୁ ଶକ୍ତ ଜବାବ ଦେଇଛନ୍ତି। ଅନ୍ୟପକ୍ଷରେ ଭାରତ ସହ ଥିବା ପୂର୍ବ ସମ୍ପର୍କକୁ ଅତୁଟ ରଖିବାର ଦୃଢ଼ ପ୍ରତିଶ୍ରୁତି ଦେଇ ରୁଷ୍ ରାଷ୍ଟ୍ରପତି ପୁଟିନ୍ ୨୦୨୬ ରୁଷ୍ ଶିଖର ବୈଠକରେ ଯୋଗ ଦେବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆମନ୍ତ୍ରଣ କରି ଶୁକ୍ରବାର ରାତିରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ଭାରତକୁ ଦୁଇ ଦିନିଆ ଗସ୍ତରେ ଆସି ଗୁରୁବାର ନୂଆଦିଲ୍ଲୀରେ ପହଞ୍ଚିଥିବା ପୁଟିନ୍ ଆଜି ସକାଳେ ହାଇଦ୍ରାବାଦ ହାଉସ୍‌ଠାରେ ଅନୁଷ୍ଠିତ ଶିଖର ବୈଠକରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ

**କେବଳ ତୈଳ ଓ ଗ୍ୟାସ ଆଲୋଚନା ପାଇଁ ଆସିନାହୁଁ: ପୁଟିନ**

**ରୁଷ୍ ସବୁଠୁ ଘନିଷ୍ଠ ବନ୍ଧୁ ଓ ଦୁଇ ଦେଶର ସମ୍ବନ୍ଧ ଧ୍ରୁବତାରା ଭଳି ସ୍ଥିର: ମୋଦୀ**

**୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ କାରବାର ୧୦୦ ବିଲିୟନ ଡଲାର ଛୁଇଁବ**

**ଆମେରିକାର ଦୋମୁହାଁ ନୀତିକୁ ରୁଷ୍ ରାଷ୍ଟ୍ରପତିଙ୍କ ସମାଲୋଚନା**

**କୁଡନକୁଲମରେ ଭାରତର ବଡ଼ ପରମାଣୁ କେନ୍ଦ୍ର ନିର୍ମାଣ**

**ନୂଆ ଅନ୍ତର୍ଜାତୀୟ ପରିବହନ ମାର୍ଗ ମଧ୍ୟ ନିର୍ମାଣ କରାଯିବ**



ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ପୁଟିନ ଗତ ୨୪ ଘଣ୍ଟା ମଧ୍ୟରେ ପରସ୍ପରକୁ ତିନି ଥର ଭେଟିଥିଲେ। ଉଭୟେ ନୈଶଭୋଜି, ଦ୍ୱିପାକ୍ଷିକ ଆଲୋଚନା, ମିଳିତ ସାମ୍ବାଦିକ ସମ୍ମିଳନୀ ଏବଂ ଭାରତ-ରୁଷ ବ୍ୟବସାୟିକ ଫୋରମକୁ ସମ୍ବୋଧିତ କରିଛନ୍ତି। ତେବେ ଏହି ସମୟରେ ଦୁଇ ଦେଶ ମଧ୍ୟରେ କୌଣସି ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର ହୋଇପାରି ନାହିଁ। ଏହା ପୂର୍ବରୁ ଲଢୁଆ ବିମାନ କିମ୍ବା ବଡ଼ ପ୍ରତିରକ୍ଷା ଚୁକ୍ତି ହେବ ବୋଲି କୁହାଯାଉଥିଲା। ମାତ୍ର ବ୍ୟବସାୟ ବୃଦ୍ଧି ପାଇଁ ଭାରତ-ରୁଷ ମଧ୍ୟରେ ୧୯ଟି ଚୁକ୍ତିରେ ମୋହର ବାଜିଛି। ଦୁଇ ଦେଶ ମଧ୍ୟରେ ଜାହାଜ ନିର୍ମାଣ, ଭାରତୀୟ ନାବିକଙ୍କୁ ▶ପୃଷ୍ଠା-୭

# ଟ୍ରମ୍ପଙ୍କୁ 'ଫୋମୋ'



■ ୱାଶିଂଟନ, ୫।୧୨ (ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ୨୭ ଘଣ୍ଟାର ଗସ୍ତ ଓ ଭାରତ ସହ ଅନେକ ବୁଝାମଣା ପରେ ଅକସ୍ମାତ 'ଫୋମୋ' (ଫିଅର ଅଫ୍ ମିସିଂ ଆଉଟ)ର ଶିକାର ହୋଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଭାରତ -ରୁଷ ମଧ୍ୟରେ ବଡ଼ ଚୁକ୍ତିନାମା ତାଙ୍କ ନିଦ ହଜାଇ ଦେଇଛି ଓ ଆକସ୍ମିକ ଭାବରେ ସେ ଭାରତକୁ ପ୍ରଶଂସା ସହ ୟୁରୋପୀୟ ଦେଶ ପ୍ରତି ଆକ୍ରମଣାତ୍ମକ ଟିପ୍ପଣୀ ଦେବା ଆରମ୍ଭ କରିଛନ୍ତି। ଏପରିକି ଚୀନ ବିରୋଧରେ ମୋର୍ଚ୍ଚା ଖୋଲିବା ନିମନ୍ତେ ଆମେରିକା ଭାରତର ସହଯୋଗ ଲୋଡ଼ିଛି।

**ଲୋଡ଼ିଲେ ଭାରତର ସହଯୋଗ**


ଟ୍ରମ୍ପ ପ୍ରଶାସନ ଦ୍ୱାରା ୩୩ ପୃଷ୍ଠା ବିଶିଷ୍ଟ ଜାତୀୟ ସୁରକ୍ଷା ରଣନୀତିରେ ଟ୍ରମ୍ପ ପ୍ରଶାସନ ୟୁରୋପୀୟ ଦେଶଗୁଡ଼ିକୁ କଠୋର ଶବ୍ଦରେ ସମାଲୋଚନା କରିଛି। ୟୁରୋପୀୟ ଦେଶମାନେ ଗଣତନ୍ତ୍ରକୁ ନଷ୍ଟ କରିବାକୁ ଲାଗିଛନ୍ତି ଓ ୟୁକ୍ରେନରେ ଶାନ୍ତି ପ୍ରତିଷ୍ଠା କରିବାକୁ ଚାହୁଁ ନାହାନ୍ତି। ଅର୍ଥନୀତିକୁ ଉନ୍ନତ କରିବା ପାଇଁ ରୁଷ ସହ ଶତ୍ରୁତା ଶେଷ କରିବା ଓ ୟୁକ୍ରେନ ସହ ଯୁଦ୍ଧ ରୋକିବା ୟୁରୋପୀୟ ଦେଶ ପାଇଁ ଅତ୍ୟନ୍ତ ଜରୁରୀ ବୋଲି କୁହାଯାଇଛି। ସେହିପରି ଜାତୀୟ ରଣନୀତିରେ ଚୀନକୁ ଏକ ଆର୍ଥିକ ଚ୍ୟାଲେଞ୍ଜ ଭାବରେ ଆମେରିକା ଉଲ୍ଲେଖ କରିଛି। ଚୀନ ବିରୋଧରେ ଆର୍ଥିକ ମୋର୍ଚ୍ଚାରେ ଭାରତ ଆମେରିକାର ବଡ଼ ସହଯୋଗୀ ହୋଇପାରିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ୱାଶିଂଟନ ଚୀନ ସହିତ ଆର୍ଥିକ ସମ୍ପର୍କକୁ ପୁନଃସନ୍ତୁଳନ କରିବା ପାଇଁ ପଦକ୍ଷେପ ନେବ ଓ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଯୁଦ୍ଧ ରୋକିବା ପାଇଁ ପ୍ରୟାସ କରିବ ବୋଲି କୁହାଯାଇଛି।

**ରାଜ୍ୟରେ ପୁଣି ପରୀକ୍ଷା ବିଭ୍ରାଟ; ବିଧାନସଭାରେ ହଟ୍ଟଗୋଳ**

# ପରୀକ୍ଷା ପୂର୍ବରୁ ଏଏନ୍‌ଏମ୍ ପ୍ରଶ୍ନପତ୍ର ଲିକ୍

■ ଭୁବନେଶ୍ୱର, ୫।୧୨ (ସମିସ): ରାଜ୍ୟରେ ପୁଣିଥରେ ପରୀକ୍ଷା ବିଭ୍ରାଟ ଦେଖାଦେଇଛି। ପରୀକ୍ଷାର ଠିକ୍ ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଛି। ଶୁକ୍ରବାର ଏଏନ୍‌ଏମ୍ ପରୀକ୍ଷା ଥିବା ବେଳେ ପରୀକ୍ଷାର ୩ ଘଣ୍ଟା ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ୍ ହୋଇଛି। ଦ୍ୱିତୀୟ ବର୍ଷ ପିଲାଙ୍କ ପଞ୍ଚମ ପେପର୍ 'ମିଡ ୱାଇଫେରୀ' ଦିନ ୨ଟା ବେଳେ ଆରମ୍ଭ ହେବାର ଥିଲା। ହେଲେ ଦିନ ୧୧ଟା ବେଳକୁ ଏହା ମୋବାଇଲ୍‌ରୁ ମୋବାଇଲ୍‌କୁ ଘୂରି ବୁଲିଥିଲା। ଏପରିକି, ବଜାରରେ ଏହାର ପ୍ରିଣ୍ଟ କପି ମଧ୍ୟ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ମାଲକାନାଗିରି ଓ

**କ୍ୟାପିଟାଲ ଥାନାରେ ଏତଲା; ଦୋଷୀଙ୍କ ବିରୋଧରେ ନିଆଯିବ କାର୍ଯ୍ୟାନୁଷ୍ଠାନ**


ODISHA NURSES & MIDWIVES EXAMINATION BOARD
SECOND YEAR ANNUAL EXAMINATION IN ANM-2025
Paper-V
(MIDWIFERY)
VIRAL

ବଲାଙ୍ଗିରରୁ ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସିବା ପରେ ଡିଏମ୍‌ଇଟି ପକ୍ଷରୁ ପରୀକ୍ଷାକୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି।

ବାରମ୍ବାର ପରୀକ୍ଷା ବିଭ୍ରାଟକୁ ନେଇ ଆଜି ବିଧାନସଭାରେ ବିରୋଧୀମାନେ ହଟ୍ଟଗୋଳ କରିଥିଲେ। ଏଏନ୍‌ଏମ୍ ପ୍ରଶ୍ନପତ୍ର ପ୍ରଘଟ ସମ୍ପର୍କରେ ବିବୃତି ରଖିବାକୁ ବାଚସ୍ପତି ସୁରମା ପାଢ଼ୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ଣ ଅଧିବେଶନରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି ପ୍ରସଙ୍ଗରେ ଗୃହରେ ବିବୃତି ରଖିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ଏଏନଏମ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଏନେଇ ଏତଲା ପ୍ରଦାନ ▶ପୃଷ୍ଠା-୭

**ଉଡ଼ାଣ ଅଚଳ**

**ଯାତ୍ରୀଙ୍କୁ କ୍ଷମା ମାଗିଲା ଇଣ୍ଡିଗୋ**

# ଡିଜିସିଏର ତଦନ୍ତ ନିର୍ଦ୍ଦେଶ

■ ନୂଆଦିଲ୍ଲୀ, ୫।୧୨ (ଏଜେନ୍ସି): ଚତୁର୍ଥ ଦିନରେ ବି 'ଇଣ୍ଡିଗୋ'ର ବିମାନ ସେବାରେ ଅଚଳାବସ୍ଥା ଜାରି ରହିଛି। ପାଇଲଟ ଏବଂ କର୍ମଚାରୀଙ୍କ ଘୋର ଅଭାବ ପାଇଁ ଗତ ୪ ଦିନରେ ୧୭୦୦ରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଦିଆଯାଇଛି। ଶତାଧିକ ବିମାନ ମଧ୍ୟ ବିଳମ୍ବରେ ଚାଲୁଛି। ଏଥିଯୋଗୁଁ ଦେଶର ପ୍ରାୟ ସବୁ ବିମାନବନ୍ଦରରେ ହଜାର ହଜାର ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଏହି ଘଟଣାରେ ଇଣ୍ଡିଗୋ ସିଇଓ ଦୁଃଖ ପ୍ରକାଶ କରିବା ସହ ଯାତ୍ରୀଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି। ଆସନ୍ତା ୧୦ରୁ ୧୫ତାରିଖ ମଧ୍ୟରେ ବିମାନ ▶ପୃଷ୍ଠା-୭

# କମିଲା ସୁଧ ହାର

■ମୁମ୍ବଇ, ୫।୧୨ (ଏଜେନ୍ସି): ଦେଶରେ ହ୍ରାସ ପାଉଥିବା ଖୁଚୁରା ମୁଦ୍ରାସ୍ଫୀତିକୁ ନଜରରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଶୁକ୍ରବାର ଏହାର ପ୍ରମୁଖ ସୁଧ ହାର ବା ରେପୋ ହାରରେ ୨୫ ବେସିସ୍ ପଏଣ୍ଟ ଅର୍ଥାତ୍ ୦.୨୫% ହ୍ରାସ ଘଟାଇଛି। ଏହା ପରେ ରେପୋ ହାର ୫.୫୦%ରୁ ୫.୨୫%କୁ ଖସିଆସିଛି। ଆର୍‌ବିଆଇ ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକର ଚୂଡ଼ାନ୍ତ ଦିବସରେ ଆଜି କେନ୍ଦ୍ରୀୟ ବ୍ୟାଙ୍କ ସୁଧହାରରେ ଏହି ହ୍ରାସ ଘଟାଇଥିବା ଆର୍‌ବିଆଇ ଗଭର୍ଣ୍ଣର ▶ପୃଷ୍ଠା-୭

# ଦୁର୍ଘଟଣାରେ ଗଲା ୬ ଜୀବନ

■ ଯୋଡ଼ା/ବଡ଼ବିଲ, ୫।୧୨ (ସମିସ): କେନ୍ଦୁଝର ଜିଲ୍ଲାର ଜୀବନରେଖା କୁହାଯାଉଥିବା ୫୨୦ନମ୍ବର ଜାତୀୟ ରାଜପଥ ଆଜି ପୁଣି ୪ଜଣଙ୍କ ଜୀବନ ନେଇଛି। ବଡ଼ବିଲ ତହସିଲ ଅଧୀନ ଦୁଇଟି ପୃଥକ୍ ସ୍ଥାନରେ ଏହି ଅଘଟଣ ଘଟିଛି। ଗୋଟିଏ ସ୍ଥାନରେ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଏକ ଘଟଣାରେ ଜଣେ ପ୍ରାଣ ହରାଇଛନ୍ତି।

**ରାଜପଥରେ ଗଡ଼ିଲା ୪ ମୁଣ୍ଡ**

**ଜନ୍ମଦିନ କେକ୍ କିଣି ଫେରିବା ବେଳେ ମାଡ଼ିଗଲା ହାଇୱା**

ସଂଧ୍ୟା ପ୍ରାୟ ସାଢ଼େ ୬ଟାରେ ଯୋଡ଼ା ଥାନା ଅନ୍ତର୍ଗତ କଳାପାହାଡ଼ ଛକ ନିକଟରେ ବାଇକ୍ ଉପରେ ଏକ ଟ୍ରେଲର୍ ମାଡ଼ିଯିବାରୁ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଯୋଡ଼ା ୧ ନମ୍ବର ୱାର୍ଡ ତାରିଣୀ ହଟିଂର ଶଙ୍କର ବାହାଦୁର (୪୫), ଟୁନୁ ପାତ୍ର। ଅନ୍ୟ ଜଣଙ୍କର ପରିଚୟ ମିଳିପାରିନାହିଁ। ୩ଜଣ ଯାକ ଏକ ବାଇକ୍‌ରେ ଫେରୁଥିବା ବେଳେ ଟ୍ରେଲର (ଜେଏଚ୍ ୦୫ବିଏସ୍ ୬୫୧୭)ଟି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ୩ଜଣ ଯାକ ଗାଡ଼ିରୁ ଛିଟିକି ପଡ଼ିବା ପରେ ଟ୍ରେଲରଟି ସେମାନଙ୍କୁ ଚାପି ଦେଇଥିଲା। ଫଳରେ ଘଟଣାସ୍ଥଳରେ ସମସ୍ତଙ୍କ ମୃତ୍ୟୁ ହୋଇଥିଲା। ଖବର ▶ପୃଷ୍ଠା-୭

**୨ ବର୍ଷର ଶିଶୁକୁ ଛାଡ଼ି ଚାଲିଗଲେ ବାପା-ମା'**

■ଦିଗପହଣ୍ଡି, ୫।୧୨(ସମିସ): ଦିଗପହଣ୍ଡି-ବ୍ରହ୍ମପୁର ରାସ୍ତାର ଗଣିଆନାଳ ଛକ ନିକଟସ୍ଥ ମାଁ କୁରେଇଶୁଣି ମନ୍ଦିର ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ସ୍କୁଟି ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଏଥିରେ ଏକ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ସାନଖେମୁଣ୍ଡି ବ୍ଲକ ଗଙ୍ଗାପୁର ପଞ୍ଚାୟତ ଢ଼େପାଗୁଡା ଗ୍ରାମର ପ୍ରତାପ ମଲ୍ଲିକ (୩୫) ଓ ସ୍ତ୍ରୀ ଲଳିତା ମଲ୍ଲିକ (୩୦)। ସେହିପରି ଏହି ଦୁର୍ଘଟଣାରେ ସେମାନଙ୍କ ୨ ବର୍ଷର ଶିଶୁ ଓ ଆର୍. ଉଦୟଗିରି ଅଞ୍ଚଳର ଜଣେ ବାଇକ୍ ଚାଳକ ସୁନୀଲ ଦଳାଇ (୩୬) ଗୁରୁତର ହୋଇଛନ୍ତି। ▶ପୃଷ୍ଠା-୭

# ଫେବ୍ରୁଆରୀ ୧୯ରୁ ମାଟ୍ରିକ୍ ପରୀକ୍ଷା

■ କଟକ, ୫।୧୨ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବିଏସଇ) ପକ୍ଷରୁ ମାଟ୍ରିକ୍ ପରୀକ୍ଷା-୨୦୨୬ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପାଇଁ ସମ୍ପୂର୍ଣ୍ଣ ସୂଚୀ ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଆସନ୍ତା ୨୦୨୬ ଫେବ୍ରୁଆରୀ ୧୯ ତାରିଖରୁ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହେବ। ରେଗୁଲାର୍ ଏବଂ ଏକ୍ସ-ରେଗୁଲାର୍ ଉଭୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିଦିନ ଗୋଟିଏ ବିଷୟର ପରୀକ୍ଷା ଗୋଟିଏ ସିଟିଂରେ ଅନୁଷ୍ଠିତ ହେବ। ଗଣିତକୁ ଛାଡ଼ିଦେଲେ, ଅନ୍ୟ ସମସ୍ତ ପରୀକ୍ଷା ସକାଳ ୯ ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ଚାଲିବ। ଗଣିତ ପରୀକ୍ଷା ପାଇଁ ଅତିରିକ୍ତ ୧୫ ମିନିଟ୍ ସମୟ ଦିଆଯିବ। ତେଣୁ ଏହା ୧୧ଟା ୪୫ରେ ଶେଷ ହେବ।

**ପ୍ରକାଶ ପାଇଲା ପରୀକ୍ଷା ସୂଚୀ**

**ଗଣିତ ପାଇଁ ଅତିରିକ୍ତ ୧୫ ମିନିଟ୍**

ସୂଚୀ ଅନୁଯାୟୀ, ଫେବ୍ରୁଆରି ୧୯ରେ ମାତୃଭାଷା, ୨୧ରେ ଇଂରାଜୀ, ୨୩ରେ ତୃତୀୟ ଭାଷା (ସଂସ୍କୃତ/ହିନ୍ଦୀ), ୨୫ରେ ବିଜ୍ଞାନ, ୨୭ରେ ସାମାଜିକ ବିଜ୍ଞାନ ଏବଂ ମାର୍ଚ୍ଚ ୨ରେ ଗଣିତ ପରୀକ୍ଷା ଅନୁଷ୍ଠିତ ହେବ। ▶ପୃଷ୍ଠା-୭

# ସରକାରୀ ସହାୟତା ଅପେକ୍ଷାରେ ବିଶ୍ୱ ଚାମ୍ପିଅନ ପିଙ୍କି




■ ଭୁବନେଶ୍ୱର, ୫।୧୨ (ସମିସ): ମହିଳା ସଶକ୍ତିକରଣର ସଂଜ୍ଞା କେବଳ ଆର୍ଥିକ କ୍ଷେତ୍ରରେ ସୀମିତ ନୁହେଁ। ଏହା ସାମାଜିକ, ମାନସିକ ଓ ଶାରୀରିକ ଭଳି ବ୍ୟାପକ କ୍ଷେତ୍ରକୁ ବୁଝାଏ। ଶାରୀରିକ ସଶକ୍ତିକରଣ ବିନା କ୍ରୀଡ଼ାନୈପୁଣ୍ୟ ଓ ଉତ୍କର୍ଷ ବିଷୟରେ ଚିନ୍ତା କରାଯାଇ ପାରେନା। ଅଥଚ ପିଙ୍କି ବେହେରାଙ୍କ ଭଳି ଯେଉଁ ମହିଳାମାନେ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି, ସେମାନେ ଉପଯୁକ୍ତ ମର୍ଯ୍ୟାଦା, ସମ୍ମାନ ଓ ନ୍ୟାୟରୁ ବଞ୍ଚିତ। ରାଜ୍ୟ ସରକାର ସମ୍ପ୍ରତି ମହିଳା ସଶକ୍ତିକରଣ ଓ କ୍ରୀଡ଼ା ବିକାଶକୁ ଅଗ୍ରାଧିକାର ଦେଉଥିବାରୁ ରାଜ୍ୟ ପାଇଁ ସୁନାମ ଆଣିଥିବା ମହିଳା କ୍ରୀଡ଼ାବିତ୍‌ମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିବ। କାରଣ ବଡି ବିଲଡିଙ୍ଗ୍‌ର ରାଜ୍ୟକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରି ସ୍ୱର୍ଣ୍ଣପଦକ ହାସଲ କରିଥିବା ଓଡ଼ିଆ କ୍ରୀଡ଼ାବିତ୍ ସରକାରୀ ସହାୟତା ଅପେକ୍ଷାରେ। ବଡି ବିଲଡିଙ୍ଗ୍‌ରେ ଓଡ଼ିଶାର ପ୍ରଥମ ମହିଳା ବଡି ବିଲଡର ଭାବେ ବିଶ୍ୱ ବିଜୟୀ ହୋଇ ମଧ୍ୟ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି ପିଙ୍କି।

**ବଡି ବିଲଡିଂରେ ଆଣିଥିଲେ ସ୍ୱର୍ଣ୍ଣ ପଦକ**

**ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ କରିଥିଲେ ଗୌରବାନ୍ୱିତ**

ସୂଚନାଯୋଗ୍ୟ, ୨୦୨୨ ମସିହାରେ କେରଳରେ ଅନୁଷ୍ଠିତ ବଲିବିଲଡିଂ ଚାମ୍ପିଅନସିପ୍‌ରେ ସେ ପ୍ରଥମେ ଭାଗ ନେଇଥିଲେ। ସେଠାରେ ଯଦିଓ କିଛି ସ୍ଥାନ ଅଧିକାର କରିନଥିଲେ ସେହିଦିନରୁ ତାଙ୍କର ଏଥିପ୍ରତି ଆଗ୍ରହ ▶ପୃଷ୍ଠା-୭



## ପୁତିନଙ୍କ ଭାରତ ଗସ୍ତ ନେଇ ବିଶ୍ୱ ଗଣମାଧ୍ୟମର ମିଶ୍ର ପ୍ରତିକ୍ରିୟା

ନୂଆଦିଲ୍ଲୀ, ୫ ।୧୨(ଏଜେନ୍ସି): ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ଭାରତ ଗସ୍ତ ନେଇ ବିଶ୍ୱ ଗଣମାଧ୍ୟମ ମିଶ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆମେରିକାରୁ ୟୁକ୍ରେନ ପର୍ଯ୍ୟନ୍ତ ସବୁ ଗଣମାଧ୍ୟମ ପୁତିନଙ୍କ ଏହି ଭାରତ ଗସ୍ତକୁ ବେଶ୍ ଗୁରୁତ୍ୱ ଦେବା ସହ ଅଗ୍ରାଧିକାର ଦେଇ ଖବର ପରିବେଷଣ କରିଛନ୍ତି। ପୁତିନଙ୍କ ଏହି ଗସ୍ତ ପାଇଁ ସାରା ବିଶ୍ୱର ନଜର ଭାରତ ଉପରେ ରହିଛି। ୟୁକ୍ରେନ ବିରୋଧରେ ଚାଲିଥିବା ଯୁଦ୍ଧ କାରଣରୁ ଏହି ଗସ୍ତକୁ ବିଶ୍ୱର ସବୁ ବଡ଼ ଗଣମାଧ୍ୟମ ବେଶ୍ ଗୁରୁତ୍ୱ ଦେଇଛନ୍ତି।

### ରୁଷ ବିଶ୍ୱରେ ଏକଘରକିଆ ନୁହେଁ: ବ୍ରିଟେନ-ବିବିସି

ରୁଷଠାରୁ ତୈଳ କ୍ରୟ କମ୍ କରିବାକୁ ଆମେରିକା ଭାରତ ଉପରେ ଲଗାତର ଚାପ ପକାଉଥିବା ବେଳେ ପୁତିନଙ୍କ ଏହି ଗସ୍ତ ବେଶ୍ ଗୁରୁତ୍ୱ ବହନ କରୁଛି। ଦୁଇ ଦେଶ ମଧ୍ୟରେ ବନ୍ଧୁତ୍ୱ ବହୁ ପୁରୁଣା। ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ମଧ୍ୟରୁ ଅନ୍ୟତମ ଏବଂ ଭାରତ ପାଖରେ ଦେଢ଼ଶହ କୋଟି ଜନସଂଖ୍ୟା ବିଶିଷ୍ଟ ବଜାର ରହିଛି। ଏହି କାରଣରୁ ରୁଷ ଭାରତକୁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ବୋଲି ବିବେଚନା କରୁଛି। ତୈଳ ବାଣିଜ୍ୟ ନେଇ ଭାରତଠାରୁ ରୁଷ୍ ବହୁତ କିଛି ଆଶା କରେ। ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ଦୁଇ ଦେଶର ଭାଗୀଦାରି ଦୃଢ଼ ରହିଛି। ବହୁ ବର୍ଷ ଧରି ଭାରତ ରୁଷଠାରୁ ଅସ୍ତ୍ରଶସ୍ତ୍ର କ୍ରୟ କରିଆସୁଛି। ରୁଷ୍ଠାରୁ ଭାରତ ଏବେ ଲଢୁଆ ବିମାନ ଓ ଏୟାର ଡିଫେନ୍ସ ସିଷ୍ଟମ କ୍ରୟ କରିବା ନେଇ ବିଚାର କରୁଛି। ରୁଷିଆରେ ଦକ୍ଷ କର୍ମଚାରୀଙ୍କ ଅଭାବ ରହିଛି ଓ ଭାରତ ଏହା ପୁରଣ କରିପାରିବ ବୋଲି ରୁଷ ହୃଦୟଙ୍ଗମ କରିଛି। ଏହି ଗସ୍ତ ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବାର୍ତ୍ତା ବହନ କରୁଛି। ପାଶ୍ଚାତ୍ୟ ବିରୋଧ ଓ ୟୁକ୍ରେନ ଯୁଦ୍ଧ ସତ୍ତ୍ୱେ ରୁଷ୍ ବିଶ୍ୱରେ ଏକ ଘରକିଆ ନୁହେଁ ବୋଲି ରୁଷି ପ୍ରମାଣ କରିବାକୁ ଚାହୁଁଛି ବୋଲି ବିବିସି ଉଲ୍ଲେଖ କରିଛି। ଆମେରିକାକୁ ରୁଷ ଓ ଭାରତ ଭୟ କରୁନାହାନ୍ତି ବୋଲି ଏହି ଗସ୍ତ ପ୍ରମାଣ କରୁଥିବା 'ଦି ଗାର୍ଡିଆନ' ଉଲ୍ଲେଖ କରିଛି।

### ଭାରତୀୟ କୂଟନୀତି ପାଇଁ ପରୀକ୍ଷା: କିଭ୍ ଇଣ୍ଡିପେଣ୍ଡେଣ୍ଟ

ପୁତିନଙ୍କ ଭାରତ ଗସ୍ତ ସହ ଏହି ସପ୍ତାହରେ ଭାରତୀୟ କୁଟନୀତି ପାଇଁ ବଡ଼ ପରୀକ୍ଷା ସୃଷ୍ଟି ହେବ ବୋଲି ୟୁକ୍ରେନର ପ୍ରମୁଖ ଗଣମାଧ୍ୟମଗୁଡିକ ଉଲ୍ଲେଖ କରିଛନ୍ତି। ରୁଷି ଓ ୟୁକ୍ରେନ ମଧ୍ୟରେ ସନ୍ତୁଳନ ବଜାୟ ରଖିବାକୁ ଭାରତ ଆଗରେ ନୂଆ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ରୁଷ ସହିତ ଶକ୍ତି ଓ ପ୍ରତିରକ୍ଷା ସମ୍ପର୍କକୁ ମଜଭୂତ କରିବାକୁ ଭାରତ ଚାହୁଁଛି। କିନ୍ତୁ ୟୁକ୍ରେନ, ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକ ରୁଷ ଯୁଦ୍ଧ ବନ୍ଦ କରିବା ନେଇ ଭାରତ ଚାପ ପକାଉ ବୋଲି ଚାହୁଁଛନ୍ତି। ପୁଣି ବିଶ୍ୱରେ ରୁଷ୍ ଏକଘରିକିଆ ନୁହେଁ ବୋଲି ପୁତିନ ଏହି ଗସ୍ତ ମାଧ୍ୟମରେ ପ୍ରମାଣ କରିବାକୁ ଚାହୁଁଛନ୍ତି। ଭାରତ ଓ ରୁଷର ବନ୍ଧୁତ୍ୱ ବହୁ ପୁରୁଣା, ପାକିସ୍ତାନ ବିପକ୍ଷ ୧୯୭୧ ଯୁଦ୍ଧରେ ରୁଷ ମଧ୍ୟ ଭାରତକୁ ଖୋଲାଖୋଲି ସମର୍ଥନ କରିଥିଲା। କିନ୍ତୁ ରୁଷ୍ ଓ ୟୁକ୍ରେନ ମାମଲାରେ ଭାରତ ସବୁବେଳେ ନିରପେକ୍ଷ ରହିବାକୁ ପ୍ରୟାସ କରିଛି। ଏପରିକି ଜାତିସଂଘରେ ରୁଷିଆ ବିପକ୍ଷରେ ଆସିଥିବା ପ୍ରସ୍ତାବ ନେଇ ହୋଇଥିବା ମତଦାନରୁ ନିଜକୁ ଦୂରେଇ ରଖିଛି। ତେଣୁ ଭାରତ କୂଟନୀତି ପାଇଁ ଏହା ଏକ ବଡ଼ ଚ୍ୟାଲେଞ୍ଜ ବୋଲି ୟୁକ୍ରେନ ଗଣମାଧ୍ୟମଗୁଡିକ କହିଛି।

### ରୁଷୀୟ ଭାଷାରେ ଗୀତା ଉପହାର ଦେଲେ ମୋଦୀ

ଭାରତ- ରୁଷିଆ ଶିଖର ସମ୍ମିଳନୀ (୨୩ତମ )ରେ ଯୋଗ ଦେବାକୁ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଗୁରୁବାର ଭାରତରେ ପହଞ୍ଚିଛନ୍ତି। ୪ ବର୍ଷ ପରେ ପୁତିନ ଭାରତ ଗସ୍ତରେ ଆସିଛନ୍ତି। ତାଙ୍କୁ ପାଛୋଟି ନେବାକୁ ପ୍ରଧାନମନ୍ତ୍ରୀ ମୋଦୀ ପ୍ରୋଟୋକଲ ଭାଙ୍ଗି ପାଲମ ବିମାନ ବନ୍ଦରରେ ପହଞ୍ଚିଥିଲେ। ଏହାପରେ ଦୁହେଁ ପ୍ରଧାନମନ୍ତ୍ରୀ ବାସଭବନରେ ପହଞ୍ଚିଥିଲେ। ପୁତିନଙ୍କ ସମ୍ମାନରେ ଏକ ନୈଶ୍ୟଭୋଜିର ମଧ୍ୟ ଆୟୋଜନ ହୋଇଥିଲା। ଏହି ଅବସରରେ ମୋଦୀ ତାଙ୍କୁ ରୁଷୀୟ ଭାଷାରେ ଲିଖିତ ଏକ ଗୀତା ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଏହାପରେ ପୁତିନ ରାଜଘାଟରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତା'ପରେ ଉଭୟ ନେତା ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ହାଇଦରାବାଦ୍ ହାଉସ୍ ଯାଇଥିଲେ।

### ମୋଦୀଙ୍କ ଭଳି ନେତା ପାଇ ଭାରତ ଭାଗ୍ୟବାନ: ପୁତିନ

ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ଭାରତ ପାଖରେ ମୋଦୀଙ୍କ ଭଳି ନେତା ରହୁଥିବାରୁ ଏହି ଦେଶ ବେଶ୍ ଭାଗ୍ୟବାନ ବୋଲି ସେ କହିଛନ୍ତି। ମୋଦୀ କୌଣସି ଚାପ ଆଗରେ ମୁଣ୍ଡ ନୁଆଁନ୍ତି ନାହିଁ ବୋଲି ମସ୍କୋରେ ସାକ୍ଷାତ୍କାର ଦେବା ଅବସରରେ ପୁତିନ କହିଥିଲେ। ଭାରତ ଏବେ ବିଶ୍ୱର ଏକ ବଡ଼ ଶକ୍ତିଭାବେ ଉଭା ହୋଇଛି। ଫଳରେ ଅନ୍ୟ ଦେଶଗୁଡିକ ଭାରତ ପ୍ରତି ଈର୍ଷାନ୍ୱିତ ହୋଇ ପଡ଼ିଥିବା ବୋଲି ସେ କହିଛନ୍ତି। ଆମେରିକାର ଟାରିଫ୍ ନୀତି ନେଇ ପୁତିନ ସ୍ପଷ୍ଟ ଭାବେ ନିଜର ମତ ରଖଛନ୍ତି। ଏ ନେଇ ଭାରତର ସ୍ୱତନ୍ତ୍ର ତଥା ସ୍ୱାଧୀନ ନୀତି ରହିଥିବା ସେ ସୂଚନା ଦେଇଛନ୍ତି।

### ନେହରୁଙ୍କୁ ଗାଇ ଉପହାର ଦେଇଥିଲା ରୁଷିଆ



ପଣ୍ଡିତ ଜବାହାରଲାଲ ନେହରୁ ଦ୍ୱିତୀୟଥର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହେବା ପରେ ୧୯୬୦ ମାର୍ଚ୍ଚ ୨୭ରେ ରୁଷିଆ ଅର୍ଥାତ ସେତେବେଳେର ସୋଭିଏତ ୟୁନିୟନକୁ ଦୁଇ ଦିନିଆ ଗସ୍ତରେ ଯାଇଥିଲେ। ତାଙ୍କ ଏହି ଗସ୍ତରେ ରୁଷିଆ ସରକାର ତାଙ୍କୁ ଏକ ଗାଇ ଉପହାର ସ୍ୱରୁପ ପ୍ରଦାନ କରିଥିଲେ। ସୋଭିଏତ ରାଷ୍ଟ୍ରଦୂତ ଇଭାନ ବେନେଡିକ୍ଟୋଭ ଓ ତାଙ୍କ ପତ୍ନୀ ନେହରୁଙ୍କୁ ଗାଈର ଦଉଡି ପ୍ରଦାନ କରିଥିଲେ। ସଙ୍ଗେସଙ୍ଗେ ନେହରୁ ଗାଈକୁ ଖାଦ୍ୟ ଦେଇଥିଲେ। ଏଭଳି ଏକ ଭିନ୍ନ ଧରଣର ଉପହାର ପାଇଁ ନେହରୁ ଖୁସି ଜାହିର କରିଥିଲେ। ଏବେ ମଧ୍ୟ ଏହି ଘଟଣାକୁ ଦୁଇ ଦେଶର ନାଗରିକ ଓ ନେତାମାନେ ମନେ ରଖିଛନ୍ତି। ଦୁଇ ଦେଶ ପାଇଁ ଏହି ଘଟଣା ଏକ ସ୍ମୃତି ହୋଇ ରହିଛି।

## ଗୁଜରାଟରେ ୧୭ ଲକ୍ଷରୁ ଅଧିକ ମୃତ ଭୋଟର

ନୂଆଦିଲ୍ଲୀ, ୫ ।୧୨(ଏଜେନ୍ସି): ଗୁଜରାଟରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟାରୁ ଚକିତ କଲା ଭଳି ତଥ୍ୟ ସାମ୍ନାକୁ ଆସିଛି। ବର୍ତ୍ତମାନର ତାଲିକାରେ ୧୭ ଲକ୍ଷ ଊର୍ଦ୍ଧ୍ୱ ମୃତ ଭୋଟର ସାମିଲ ଅଛନ୍ତି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଗତ ଏକ ମାସ ମଧ୍ୟରେ ୫ କୋଟିରୁ ଅଧିକ ପଞ୍ଜିକୃତ ଭୋଟରଙ୍କୁ ଫର୍ମ ବଣ୍ଟନ କରାଯାଇଛି। ୩୩ଟି ଜିଲ୍ଲାରେ ଶତପ୍ରତିଶତ କାର୍ଯ୍ୟ ସମାପ୍ତ ହୋଇଛି। ଫେରସ୍ତ ଫର୍ମଗୁଡିକର ଡିଜିଟାଇଜେସନ କାର୍ଯ୍ୟ ଜାରି ରହିଛି। ୩୦ ଲକ୍ଷ ଭୋଟର ଗୁଜରାଟ ଛାଡି ସାରିଛନ୍ତି ବୋଲି ଜଣାପଡ଼ିଛି। ୬.୧୪ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ନିଜ ଠିକଣାରେ ନାହାନ୍ତି। ବୁଥ ସ୍ତରର ଅଧିକାରୀ (ବିଏଲ୍ଓ)ଙ୍କୁ ୩.୨୫ ଲକ୍ଷରୁ ଅଧିକ ଭୋଟର ରିପିଟେଡ ବର୍ଗରେ ମିଳିଛନ୍ତି। ଏହାର ଅର୍ଥ ଏମାନଙ୍କ ନାମ ଏକାଧିକ ସ୍ଥାନରେ ରହିଛି। ସେପଟେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏସ୍ଆଇଆର୍କୁ ନେଇ ପୁଣି ଥରେ ବିଜେପିକୁ ସମାଲୋଚନା କରି ମନ୍ତବ୍ୟ ଦେଇଛନ୍ତି। ଏସ୍ଆଇଆର ସହିତ ଜଡିତ ଘଟଣାଗୁଡିକରେ ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରେ ଅଧାରୁ ଅଧିକ ହିନ୍ଦୁ ବୋଲି ସେ କହିଛନ୍ତି। ମୁର୍ଶିଦାବାଦ୍‌ରେ ଏକ ରାଲିକୁ ସମ୍ବୋଧିତ କରିବା ବେଳେ ମମତା କହିଛନ୍ତି ଯେ, ୨୦୧୬ ବିଧାନସଭା ନିର୍ବାଚନ ପୂର୍ବରୁ ଧର୍ମକୁ ନେଇ ରାଜନୀତି ଆରମ୍ଭ କରିଛି। ଯେଉଁ ଡାଳରେ ବିଜେପି ବସିଛି ତାହାକୁ ହିଁ କାଟୁଛି। ପୁଣି ପଶ୍ଚିମବଙ୍ଗରେ ଏନ୍ଆରସି ବା ଡିଟେନସନ ହୋମର ଅନୁମତି ଦିଆଯିବ ନାହିଁ ବୋଲି ସେ କହିଛନ୍ତି।



## ଉତ୍ତରାଖଣ୍ଡରେ ସବୁ ଇଣ୍ଡିଗୋ ବିମାନର ଉଡ଼ାଣ ବାତିଲ୍

ଡେରାଡୁନ୍, ୫ ।୧୨(ଏଜେନ୍ସି): ଉତ୍ତରାଖଣ୍ଡରେ ଶୁକ୍ରବାର ଇଣ୍ଡିଗୋର ୧୫ଟି ବିମାନର ଉଡାଣକୁ ବାତିଲ କରି ଦିଆଯାଇଛି। ଡେରାଡୁନରୁ ଏହି ବିମାନଗୁଡିକ ଉଡାଣ ଭରିବାର କର୍ଯ୍ୟକ୍ରମ ଥିଲା। ଜଲିଗ୍ରାଣ୍ଟ ବିମାନ ବନ୍ଦରରୁ ୧୩ ଓ ଉଦ୍ଧମ ସିଂ ନଗରର ପନ୍ତ ନଗର ବିମାନ ବନ୍ଦରରୁ ୨ଟି ବିମାନ ଟେକ୍ଅଫ୍ କରିବାର ଥିଲା। ଯାତ୍ରା ପାଇଁ ପାଖାପାଖି ୧୦୦ ଯାତ୍ରୀ ବିମାନ ବନ୍ଦରରେ ପହଞ୍ଚିଥିଲେ। କିନ୍ତୁ ଶେଷ ମୁହୂର୍ତ୍ତରେ ବିମାନ ବାତିଲ କରି ଦିଆଯାଇଥିଲା। ଏଥିଯୋଗୁଁ ଯାତ୍ରୀମାନେ ଅସନ୍ତୋଷ ଜାହିର କରିଥିଲେ। ଯାତ୍ରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ବିମାନ ବନ୍ଦରରେ ଏକ ହେଲ୍ପ ଡେସ୍କ ଖୋଲଯାଇଛି। ଯାତ୍ରୀଙ୍କୁ ଏହି ଡେସ୍କ ଲଗାତର ସୂଚନା ପ୍ରଦାନ କରୁଛି। ପନ୍ତନଗରରୁ ବିମାନଗୁଡିକ ଦିଲ୍ଲୀ ଓ କୋଲକାତା ପ୍ରସ୍ଥାନ କରିବାର କାର୍ଯ୍ୟକ୍ରମ ଥିଲା। ଦୁଇଟି ଯାକ ବିମାନରେ ୬୮ ଜଣ ଯାତ୍ରୀ ଯାତ୍ରା କରିବାର ବ୍ୟବସ୍ଥା ଥିଲା। ସେହିପରି ଜଲିଗ୍ରାଣ୍ଟ ବିମାନ ବନ୍ଦରରୁ ବିମାନଗୁଡିକ ଦିଲ୍ଲୀ, ଲକ୍ଷ୍ନୌ, ବେଙ୍ଗାଲୁରୁ, ମୁମ୍ବଇ, ଜୟପୁର, ଅହମଦାବାଦ୍, ହାଇଦରାବାଦ୍, ଭୁବନେଶ୍ୱର, କୋଲକାତା ଓ ପୁଣେ ଯାତ୍ରା କରିବାର କାର୍ଯ୍ୟକ୍ରମ ଥିଲା।



# ଭାରତ-ରୁଷ ସମ୍ପର୍କର ନୂଆ ଅଧ୍ୟାୟ



ନୂଆଦିଲ୍ଲୀ (ସମିସ/ଏଜେନ୍ସି): ପଶ୍ଚିମ ଦେଶର ଧମକ, ଆମେରିକାର ନାଲିଆଖି ଓ ଚତୁର ରଣନୀତିକୁ ଉପେକ୍ଷା କରି ରୁଷ ରାଷ୍ଟ୍ରପତି ଭ୍ଲାଡ଼ିମିର ପୁତିନ୍‌ଙ୍କ ଭାରତ ଗସ୍ତ ବିଶ୍ୱ ଭୂ-ରାଜନୀତି ଇତିହାସରେ ସୃଷ୍ଟି କରିଛି ନୂଆ ଅଧ୍ୟାୟ। ଅନୁରୂପ ଭାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ସର୍ବଶ୍ରେଷ୍ଠ ବନ୍ଧୁଙ୍କୁ ଉତ୍ସାହର ସହ ସ୍ୱାଗତ ମଧ୍ୟ ସାରା ବିଶ୍ୱକୁ ସ୍ତବ୍ଧ କରିଛି। ପୁତିନ୍‌ଙ୍କ ଏହି ଗସ୍ତ ଓ ଭାରତର ଆନ୍ତରିକ ସ୍ୱାଗତ କେବଳ କୁଟନୈତିକସ୍ତରରେ ନୁହେଁ, ପଶ୍ଚିମ ଦେଶ ଓ ଆମେରିକାକୁ ଶକ୍ତ ଆଘାତ ଦେଇଛି। ୨୩ତମ ଭାରତ-ରୁଷ ବାର୍ଷିକ ଶିଖର ସମ୍ମିଳନୀରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିଗୁଡ଼ିକ ଭାରତ-ରୁଷ ସମ୍ପର୍କକୁ ଏପରି ଏକ ଶକ୍ତ ରଜ୍ଜୁରେ ବାନ୍ଧିଛି, ଯାହା କୌଣସି ଭୂ-ରାଜନୈତିକ ଝଡ଼ରେ ବି ତୁଟିବାର ସମ୍ଭାବନା ନାହିଁ। ୨୦୦୦ ମସିହାରେ ରାଷ୍ଟ୍ରପତି ଭାବରେ ଭ୍ଲାଦିମିର ପୁଟିନ ପ୍ରଥମ ଥର ପାଇଁ ଭାରତ ଗସ୍ତରେ ଆସିଥିବା ବେଳେ ବନ୍ଧୁତାର ଯେଉଁ ବୀଜବପନ ହୋଇଥିଲା ତାହା ୨୦୨୫ ମସିହାରେ ଏକ ବିଶାଳ ବଟବୃକ୍ଷରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ପୁଟିନ ଏକ ମିଳିତ ବିବୃତ୍ତିରେ ଏହି ସମ୍ପର୍କକୁ ବିଶ୍ୱାସ ଓ ପାରସ୍ପରିକ ସମ୍ମାନର ମୂଳଦୁଆ ଉପରେ ପର୍ଯ୍ୟବେଶିତ ବୋଲି ଉଲ୍ଲେଖ କରି ଏହାକୁ କେହି ଦୋହଲାଇ ପାରିବେ ନାହିଁ ବୋଲି କହିଛନ୍ତି।

### ବହୁଧ୍ରୁବୀୟ ବିଶ୍ୱର ଶ୍ରେଷ୍ଠ ସ୍ଥପତି

ଡିସେମ୍ବର ୫ ତାରିଖରେ ଜାରି ହୋଇଥିବା ମିଳିତ ବିବୃତ୍ତିର ପ୍ରତ୍ୟେକ ଶବ୍ଦ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏହି ବିବୃତି ଭାରତ ଓ ରୁଷକୁ ଏକ 'ବହୁଧ୍ରୁବୀୟ ବିଶ୍ୱ'ର ଶ୍ରେଷ୍ଠ ସ୍ଥପତି ଭାବରେ ପରିଚିତି ଦେଇଛି। ଦୁଇଟି ପ୍ରମୁଖ ଶକ୍ତି ଭାବରେ ସେମାନଙ୍କର ସହଭାଗୀତା ବିଶ୍ୱ ଶାନ୍ତି ଏବଂ ସ୍ଥିରତା ପାଇଁ କାର୍ଯ୍ୟ କରିବ ବୋଲି ଦୁଇ ଦେଶ ପ୍ରତିବଦ୍ଧତା ଘୋଷଣା କରିଛନ୍ତି ଏବଂ ନିଜ ଇଚ୍ଛା ଅନୁସାରେ ବିଶ୍ୱକୁ ନିୟନ୍ତ୍ରଣ ନିମନ୍ତେ ଆମେରିକାର ଏକଛତ୍ର ଆଧିପତ୍ୟକୁ ଏହା ସିଧାସଳଖ ଆହ୍ୱାନ ଦେବାକୁ ସକ୍ଷମ ହୋଇଛନ୍ତି। ଭବିଷ୍ୟତ ପାଇଁ ପ୍ରସ୍ତୁତ ରୋଡ୍‌ମ୍ୟାପରେ ଭାରତକୁ ଏକ ସାମରିକ ଓ ଆର୍ଥିକ ମହାଶକ୍ତିରେ ପରିଣତ କରିବାକୁ ବ୍ୟବସ୍ଥା କରାଯାଇଛି ଏବଂ ପ୍ରତିରକ୍ଷା, ମହାକାଶ, ପରମାଣୁଶକ୍ତି, ବାଣିଜ୍ୟ ଆଦି କ୍ଷେତ୍ରରେ ଭାରତକୁ ରୁଷ ସହଯୋଗ ଦେବାକୁ ସମ୍ମତ ହୋଇଛି।

### 'ମେକ୍ ଇନ୍ ଇଣ୍ଡିଆ'କୁ ପ୍ରୋତ୍ସାହନ

ପ୍ରତିରକ୍ଷା କ୍ଷେତ୍ର ସର୍ବଦା ଭାରତ-ରୁଷିଆ ସମ୍ପର୍କରେ ମେରୁଦଣ୍ଡ ରୂପେ ପରିଚିତ ହୋଇଛି। ମାତ୍ର ଏବେ ଭାରତ କେବଳ କ୍ରେତା ନୁହେଁ, ବିକ୍ରେତା ହେବାକୁ ସାମର୍ଥ୍ୟ ଅର୍ଜନ କରିବାକୁ ଯାଉଛି। ରୁଷ ରାଷ୍ଟ୍ରପତି ପୁଟିନ 'ଆତ୍ମନିର୍ଭରଶୀଳ ଭାରତ' ଅଭିଯାନକୁ ପୂର୍ଣ୍ଣ ସମର୍ଥନ କରିଛନ୍ତି। ମିଳିତ ବିବୃତ୍ତିରେ ଏହା ପ୍ରତିଫଳିତ ହୋଇଛି ଏବଂ ଭାରତ-ରୁଷ ସମ୍ପର୍କ 'କ୍ରୟବିକ୍ରୟ'ର ଊର୍ଦ୍ଧ୍ୱକୁ ଯାଇ 'ସହ-ବିକାଶ ଏବଂ ସହ-ଉତ୍ପାଦନ' ପର୍ଯ୍ୟନ୍ତ ପ୍ରଲମ୍ବିତ ହେବ ବୋଲି ଘୋଷଣା କରାଯାଇଛି। ରୁଷିଆ ଭାରତରେ ଏହାର ଅସ୍ତ୍ରଶସ୍ତ୍ର ପାଇଁ ଯନ୍ତ୍ରାଂଶ ଓ ସାମଗ୍ରୀ ସମଷ୍ଟି ନିର୍ମାଣ ନିମନ୍ତେ ପ୍ରତିଶ୍ରୁତି ଦେଇଛି। ଏହାର ଅର୍ଥ ହେଉଛି ଯୁଦ୍ଧ ସମୟରେ, ଭାରତକୁ ଆବଶ୍ୟକୀୟ ଯନ୍ତ୍ରାଂଶ ପାଇଁ ମସ୍କୋ ଯିବାକୁ ପଡ଼ିବ ନାହିଁ। ଏହା ସବୁ ଭାରତରେ ନିର୍ମାଣ ହେବ। ସେହିପରି ପ୍ରଯୁକ୍ତିବିଦ୍ୟା ଆଦାନପ୍ରଦାନ ମାଧ୍ୟମରେ ଭାରତର ସାମରିକ ବାହିନୀକୁ ରୁଷ ଏପରି ଶକ୍ତି ଦେବାକୁ ଯାଉଛି ଯାହା ଭାରତର ଶତ୍ରୁମାନଙ୍କୁ ଥରାଇ ଦେବ। ଏହା ବ୍ୟତୀତ, ଭାରତରେ ନିର୍ମିତ ଏହି ରୁଷୀ ଅସ୍ତ୍ରଶସ୍ତ୍ରଗୁଡ଼ିକୁ 'ବନ୍ଧୁ ଦେଶ'କୁ ମଧ୍ୟ ରପ୍ତାନି କରାଯାଇ ପାରିବ। ଯେଉଁ ପାଶ୍ଚାତ୍ୟ ଦେଶଗୁଡ଼ିକ ଭାରତକୁ ଅସ୍ତ୍ରଶସ୍ତ୍ର ବିକ୍ରି ନିମନ୍ତେ ବିଭିନ୍ନ ସର୍ତ୍ତ ରଖୁଥିଲେ, ସେମାନଙ୍କ ପାଇଁ ଏହି ନିଷ୍ପତ୍ତି ଏକ ବଡ଼ ଆଘାତ।

### ଡ଼ଲାର ବଦଳରେ 'ରୁପି'- 'ରୁବେଲ୍'

ଆର୍ଥିକ କ୍ଷେତ୍ରରେ ମୋଦି ଏବଂ ପୁଟିନଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଡଲାରର ଆଧିପତ୍ୟ ପ୍ରତି ଏକ ସିଧାସଳଖ ଆହ୍ୱାନ। ଉଭୟ ନେତା ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୧୦୦ ବିଲିୟନ ଡଲାରକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖିଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ବାଣିଜ୍ୟ ଡଲାର ବଦଳରେ ଦୁଇ ଦେଶର ଜାତୀୟ ମୁଦ୍ରା (ଟଙ୍କା ଏବଂ ରୁବେଲ୍)ରେ କାରବାର ହେବ। ଉଭୟ ଦେଶ ସେମାନଙ୍କର ଜାତୀୟ ଦେୟ ବ୍ୟବସ୍ଥାକୁ ଏକୀକୃତ କରିବା ପାଇଁ କାମ କରିବେ। ଏହା ପାଶ୍ଚାତ୍ୟ ପ୍ରତିବନ୍ଧକକୁ ପ୍ରତିଘାତ କରିବ ଏବଂ ନିରବଚ୍ଛିନ୍ନ ବାଣିଜ୍ୟକୁ ସୁନିଶ୍ଚିତ କରିବ। ଏହା ବ୍ୟତୀତ ଭାରତ ଏବଂ ୟୁରେସିଆନ୍ ଅର୍ଥନୈତିକ ସଂଘ ମଧ୍ୟରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମାଉପରେ ଆଲୋଚନାକୁ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ଭାରତ ପାଇଁ ଏକ ବିଶାଳ ବଜାର ଖୋଲିବ। ୟେକାଟେରିନବର୍ଗ ଏବଂ କାଜାନରେ ଦୁଇଟି ନୂତନ ଭାରତୀୟ କନସୁଲେଟ୍ ଖୋଲାଯିବ, ଯାହା ଭାରତୀୟ ବ୍ୟବସାୟକୁ ଅଧିକ ଗତି ଦେବ।

### ଭାରତକୁ ଶକ୍ତି ସୁରକ୍ଷା ଗ୍ୟାରେଣ୍ଟି

ରୁଷ ଭାରତର ସର୍ବବୃହତ ଶକ୍ତି ସୁରକ୍ଷା ଅଂଶୀଦାର ଭାବରେ ଉଭା ହୋଇଛି। ମିଳିତ ବିବୃତ୍ତିରେ କୁଡାନକୁଲମ ପରମାଣୁ ଶକ୍ତି କେନ୍ଦ୍ରର କାର୍ଯ୍ୟ ତ୍ୱରାନ୍ୱିତ କରିବ। ଏହା ସହ ରୁଷ ଭାରତକୁ ୧୦୦ ଗିଗାୱାଟ ପରମାଣୁ ଶକ୍ତିର ଲକ୍ଷ୍ୟ ହାସଲ କରିବାରେ ସହାୟତା ଯୋଗାଇବ। ପୁନଶ୍ଚ ଭାରତକୁ ତେଲ, ଗ୍ୟାସ ଏବଂ ସାରର ଦୀର୍ଘକାଳୀନ ଯୋଗାଣର ଗ୍ୟାରେଣ୍ଟି ଦେଇଛି ରୁଷ। ବିଶ୍ୱ ଯେତେବେଳେ ଶକ୍ତି ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛି, ସେତେବେଳେ ଭାରତରେ ପ୍ରଗତିର ପରିବହନ ଚକ କେବେ ବି ବନ୍ଦ ହେବ ନାହିଁ ବୋଲି ରାଷ୍ଟ୍ରପତି ପୁଟିନ୍ ଭାରତର ପ୍ରଧାନମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କୋଇଲା ଗ୍ୟାସିଫିକେସନ୍ ପ୍ରଯୁକ୍ତିବିଦ୍ୟା ହେଉ କିମ୍ବା ପେଟ୍ରୋକେମିକାଲ୍ସ, ପ୍ରତ୍ୟେକ ପଦକ୍ଷେପରେ ରୁଷ ଭାରତ ସହିତ ଠିଆ ହେବ ଏବଂ ଭାରତକୁ ତୈଳ, ଗ୍ୟାସ ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥରେ ସମୃଦ୍ଧ ଆର୍କଟିକ୍‌ର ସମ୍ପଦରେ ଅଂଶୀଦାର କରିବାକୁ ପୁଟିନ୍ ସମ୍ମତ ହୋଇଛନ୍ତି। ଅନୁରୂପ ଭାବରେ ଚେନ୍ନାଇ-ଭ୍ଲାଡିଭୋଷ୍ଟକ୍ ସାମୁଦ୍ରିକ କରିଡର ଏବଂ ଉତ୍ତର ସମୁଦ୍ର ପଥରେ ସହଯୋଗ ବୃଦ୍ଧି କରି ଚୀନର ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍‌କୁ ଭାରତ ଉପଯୁକ୍ତ ଜବାବ ଦେବାକୁ ସକ୍ଷମ ହୋଇଛି। ଏହି ନିଷ୍ପତ୍ତି ଫଳରେ ଆର୍କଟିକ ପଥ ଦେଇ ସିଧାସଳଖ ୟୁରୋପ ଓ ରୁଷ ସହିତ ସଂଯୋଗ କରିପାରିବ।

### ପାକିସ୍ତାନକୁ ସିଧାସଳଖ ଚେତାବନୀ

ଭାରତ-ରୁଷ ଶିଖର ସମ୍ମିଳନୀର ସଂଯୁକ୍ତ ବିବୃତ୍ତିର ଅନୁଚ୍ଛେଦ ୭୦ ପାକିସ୍ତାନ ପାଇଁ ଏକ ଦୁଃସ୍ୱପ୍ନଠାରୁ କମ୍ ନୁହେଁ। ୨୨ ଏପ୍ରିଲ୍ ୨୦୨୫ରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଓ ୨୨ ମାର୍ଚ୍ଚ ୨୦୨୪ରେ ମସ୍କୋର କ୍ରୋକସ୍ ସିଟି ହଲ୍ ଆକ୍ରମଣକୁ ଏଥିରେ କଠୋର ନିନ୍ଦା କରାଯାଇଛି। ଦୁଇ ଦେଶର ନେତା ଆତଙ୍କବାଦ ବିରୁଦ୍ଧରେ 'ଶୂନ୍ୟ ସହନଶୀଳତା' ନୀତି ଗ୍ରହଣ କରାଯିବ ବୋଲି ଘୋଷଣା କରିଛନ୍ତି। ଉଭୟ ଦେଶ ଆତଙ୍କବାଦୀଙ୍କ ନିରାପଦ ଆଶ୍ରୟସ୍ଥଳଗୁଡ଼ିକୁ ମୂଳପୋଛ କରିବାକୁ ପ୍ରତିଜ୍ଞା କରିଛନ୍ତି। ଆଫଗାନିସ୍ତାନ ବା ପାକିସ୍ତାନରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ଭାରତ ଏବଂ ରୁଷ ମିଳିତ ଭାବରେ ନିପାତ କରିବାକୁ ନିଷ୍ପତ୍ତି ନେଇଛନ୍ତି।

### ଜାତିସଂଘରେ ଭାରତକୁ ଭିଟୋ କ୍ଷମତା

ରୁଷ ଜାତିସଂଘ ସୁରକ୍ଷା ପରିଷଦର ସଂସ୍କାର ଓ ଭାରତର ସ୍ଥାୟୀ ସଦସ୍ୟତା ସମର୍ଥନକୁ ପୁନର୍ବାର ଦୋହରାଇଛି ରୁଷ। ସଂଯୁକ୍ତ ବିବୃତିର ଅନୁଚ୍ଛେଦ ୪୨ରେ ଏହା ସ୍ପଷ୍ଟ କରାଯାଇଛି। ରୁଷ ଏକ ସଂସ୍କାରିତ ଓ ବିସ୍ତାରିତ ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତାକୁ 'ଦୃଢ଼ ଭାବରେ ସମର୍ଥନ କରେ' ବୋଲି ଉଲ୍ଲେଖ କରିଛି। ଜାତିସଂଘରେ ଭାରତର ପଥକୁ ଅବରୋଧ କରିବାକୁ ଚେଷ୍ଟା କରୁଥିବା ଦେଶମାନଙ୍କ ପାଇଁ ରୁଷ ସ୍ପଷ୍ଟ ବାର୍ତ୍ତା ଦେଇଛି। ଜାତିସଂଘରେ ସ୍ଥାୟୀ ସଦସ୍ୟତା ପାଇଁ ଭାରତ ହକଦାର ଏବଂ ଭିଟୋ କ୍ଷମତା ଓ କୂଟନୈତିକ ଲାଭ ବ୍ୟବହାର ଏହାର ଅଧିକାର ବୋଲି ରୁଷ କହିଛି। ଏହା ସହିତ ପରମାଣୁ ଯୋଗାଣକାରୀ ଗୋଷ୍ଠୀରେ ଭାରତର ପ୍ରବେଶକୁ ରୁଷ ଦୃଢ଼ ସମର୍ଥନ ଜଣାଇଛି।

### ଗଗନଯାନରୁ ଗ୍ରହ ଅନୁସନ୍ଧାନ

ଦୁଇ ଦେଶ ମହାକାଶ କ୍ଷେତ୍ର, ମାନବ ମହାକାଶ ଉଡ଼ାଣ, ରକେଟ୍ ଇଞ୍ଜିନ୍ ବିକାଶ ଏବଂ ଗ୍ରହ ଅନୁସନ୍ଧାନରେ ପାରସ୍ପରିକ ସହଯୋଗ ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ଭାରତର ଗଗନଯାନ ମିଶନ ହେଉ କିମ୍ବା ଭବିଷ୍ୟତର ମହାକାଶ ଷ୍ଟେସନର ସ୍ୱପ୍ନ, ରୁଷ ପ୍ରଯୁକ୍ତିବିଦ୍ୟା ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହେବ। ଅନ୍ୟପକ୍ଷରେ ଆନ୍ତର୍ଜାତୀୟ ଉତ୍ତର-ଦକ୍ଷିଣ ପରିବହନ କରିଡରକୁ ସୁଦୃଢ଼ କରିବାରେ ରୁଷ ଭାରତକୁ ସହଯୋଗ କରିବାକୁ ନିଷ୍ପତ୍ତି ହୋଇଛି। ଏହି ମାର୍ଗ ଇରାନ ଓ ମଧ୍ୟ ଏସିଆ ଦେଇ ଭାରତକୁ ରୁଷ ଏବଂ ୟୁରୋପ ସହିତ ସଂଯୋଗ କରିବ। ଏହା ସ୍ୱେଜ୍ କେନାଲର ଏକ ବିକଳ୍ପ ହୋଇପାରିବ ଓ ବାଣିଜ୍ୟିକ ପରିବହନ ଖର୍ଚ୍ଚକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିପାରିବ। ରୁଷ ଓ ଭାରତୀୟ ରେଳବାଇ ମଧ୍ୟରେ ସହଯୋଗ ପ୍ରଯୁକ୍ତିବିଦ୍ୟା ବିନିମୟକୁ ସହଜ କରିବ।

### ଭବିଷ୍ୟତ ସମୟ ପାଇଁ ପ୍ରସ୍ତୁତି

ଆଜି ସମୟରେ ଯାହା ନିକଟରେ ମୂଲ୍ୟବାନ ଖଣିଜ ପଦାର୍ଥ ଓ ସେମିକଣ୍ଡକ୍ଟର ଚିପ୍ସ ଅଛି, ବିଶ୍ୱରେ ସେ ସବୁଠୁ ଶକ୍ତିଶାଳୀ। ମିଳିତ ବିବୃତ୍ତିର ଅନୁଚ୍ଛେଦ ୩୩ରେ ଉଚ୍ଚ ପ୍ରଯୁକ୍ତି ଶିଳ୍ପ ଏବଂ ବୈଦ୍ୟୁତିକ ଯାନବାହନ ପାଇଁ ଅତ୍ୟାବଶ୍ୟକ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ବିରଳ ପୃଥିବୀର ଅନୁସନ୍ଧାନ ଏବଂ ପ୍ରକ୍ରିୟାକରଣରେ ସହଯୋଗ ବିଷୟରେ ଆଲୋଚନା ହୋଇଛି। ଦୁଇ ଦେଶ କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ଇଓ ଏବଂ ଡିଜିଟାଲ୍ ସୁରକ୍ଷାରେ ମଧ୍ୟ ଏକାଠି କାମ କରିବେ ବୋଲି ନିଷ୍ପତ୍ତି ହୋଇଛି।

■ ସଂସଦରେ ରିଜିଜୁ- ଡିଏମ୍‌କେ ଏମ୍‌ପି ମୁହାଁମୁହିଁ

## ବିଚାରପତିଙ୍କୁ ଆର୍‌ଏସ୍‌ଏସ୍ ଜଜ୍ କହିଲେ ଟିଆର ବାଲୁ

ନୂଆଦିଲ୍ଲୀ, ୫ ।୧୨(ଏଜେନ୍ସି): ସଂସଦର ଶୀତକାଳୀନ ଅଧିବେଶନର ୫ମ ଦିନରେ ଏକ ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଥିଲା। ଶୁକ୍ରବାର କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ ଓ ତାମିଲନାଡୁର ଡିଏମ୍‌କେ ସାଂସଦ ଟିଆର ବାଲୁଙ୍କ ମଧ୍ୟରେ ଜୋରଦାର ଯୁକ୍ତିତର୍କ ଦେଖିବାକୁ ମିଳିଥିଲା। ଏକ ଘଟଣା ସମ୍ପର୍କରେ କହିବାକୁ ଯାଇ ଜଣେ ହାଇକୋର୍ଟ ବିଚାରପତିଙ୍କୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍ଏସ୍) ଜଜ୍ ବୋଲି ବାଲୁ କହିବା ପରେ ଦୁହିଁଙ୍କ ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଥିଲା। ଆପଣ ଜଣେ ହାଇକୋର୍ଟ ବିଚାରପତିଙ୍କୁ ଆରଏସ୍ଏସ୍‌ର ଜଜ୍ କିପରି କହି ପାରୁଛନ୍ତି ବୋଲି ରିଜିଜୁ ପ୍ରଶ୍ନ କରିଥିଲେ। ଏହା ଦ୍ୱାରା ସଂସଦୀୟ ମର୍ଯ୍ୟାଦାର ଉଲ୍ଲଂଘନ ହୋଇଛି। ଆପଣ ଜଣେ ବିଚାରପତିଙ୍କ ପ୍ରତି ଏଭଳି ଅଣ ସଂସଦୀୟ ଭାଷା ପ୍ରୟୋଗ କରିପାରିବେ ନାହିଁ। ଆପଣ କ୍ଷମା ମାଗନ୍ତୁ। ନ୍ୟାୟପାଳିକା ଉପରେ କଳଙ୍କ ଲଗାଇବାକୁ ଆପଣଙ୍କ ସାହସ କିପରି ହେଲା ବୋଲି ରିଜିଜୁ କହିଥିଲେ। ସେପଟେ ରାଜ୍ୟ ସଭାରେ ଇଣ୍ଡିଗୋ ବିମାନରେ କର୍ମଚାରୀଙ୍କ ଅଭାବକୁ ନେଇ ବିରୋଧୀ ଦଳ ପ୍ରଶ୍ନ ଉଠାଇଥିଲେ। ଏହା ଦ୍ୱାରା ଦେଶରେ ବିମାନ ସେବା ଠପ୍ ହୋଇଛି। ବିରୋଧୀ ଏ ନେଇ ଜବାବ ମାଗିଥିଲେ।

## ମର୍ଯ୍ୟାଦା ଭଙ୍ଗ ହେଉ ନ ଥିଲେ ମହିଳାଙ୍କ ଫଟୋ ଉଠାଇବା ଅପରାଧ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୫ ।୧୨(ଏଜେନ୍ସି): ମହିଳାଙ୍କ ଫଟୋ ଉଠାଇବା ନେଇ ଶୁକ୍ରବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଯଦି ଜଣେ ମହିଳା ବ୍ୟକ୍ତିଗତ ମୁହୂର୍ତ୍ତରେ ନାହାନ୍ତି, ତେବେ ତାଙ୍କ ସମ୍ମତି ବିନା ମୋବାଇଲ ଫୋନ୍ ଉଠାଇବା କିମ୍ବା ଭିଡିଓ ରେକର୍ଡିଂ କରିବା ଆଇପିସି ଧାରା ୩୫୪ସି ଅନୁସାରେ ଅପରାଧ ନୁହେଁ। ଜଷ୍ଟିସ ଏନ୍ କୋଟେଶ୍ୱର ସିଂ ଓ ଜଷ୍ଟିସ ମନମୋହନଙ୍କ ଖଣ୍ଡପୀଠ କୋଲକାତା ହାଇକୋର୍ଟଙ୍କ ରାୟକୁ ସମର୍ଥନ କରି ଜଣେ ଅଭିଯୁକ୍ତଙ୍କୁ ମୁକ୍ତ କରିଛନ୍ତି। ଏହିକ୍ରମରେ କୋର୍ଟ ପୁଲିସ୍ ଓ ଟ୍ରାଏଲ କୋର୍ଟଙ୍କୁ ଭର୍ତ୍ସନା କରିଛନ୍ତି। ଜଣେ ମହିଳା ଏକ ବିବାଦୀୟ ଜମିରେ ପ୍ରବେଶ କରୁଥିବା ବେଳେ ଏକ ଭିଡିଓ ରେକର୍ଡିଂକୁ ନେଇ ଏହି ମାମଲା ହୋଇଥିଲା। କିନ୍ତୁ ଏଥିରେ ମର୍ଯ୍ୟାଦାର ଉଲ୍ଲଂଘନ ହୋଇ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଥିଲେ। ଏଭଳି ଦୁର୍ବଳ ମାମଲାଗୁଡିକ ଶୁଣାଣି ନ କରିବାକୁ ପ୍ରୟାସ କରାଯିବା ଉଚିତ ଓ ଏହାଦ୍ୱାରା ନ୍ୟାୟାଳୟଗୁଡିକର ସମୟ ଅପଚୟ ହେଉଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ପାକିସ୍ତାନର ପ୍ରଥମ ସିଡିଏଫ୍ ହେଲେ ମୁନୀର

ଇସଲାମାବାଦ୍, ୫ ।୧୨(ଏଜେନ୍ସି): ପାକିସ୍ତାନ ସେନା ମୁଖ୍ୟ ତଥା ଫିଲ୍ଡ ମାର୍ଶାଲ ସୟଦ ଆସିମ ମୁନୀର ଆହୁରି ଶକ୍ତିଶାଳୀ ହୋଇଛନ୍ତି। ସେ ପାକିସ୍ତାନର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ନିଯୁକ୍ତି ହୋଇଛନ୍ତି। ସେ ଆଗାମୀ ୫ ବର୍ଷ ପାଇଁ ଏହି ଗୁରୁଦାୟିତ୍ୱ ବହନ କରିବେ। ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲି ଜର୍ଦ୍ଦାରୀ ଏନେଇ ଆସିଥିବା ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ମୁନୀର ସିଡିଏଫ୍ ବିବେଚିତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଶାହବାଜ ସରିଫ୍ ଉଭୟ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ (ସିଓଏଏସ୍) ଓ ସିଡିଏସ୍ ପଦ ପାଇଁ ମୁନୀରଙ୍କ ନାମ ସୁପାରିସ କରିଥିଲେ। ଏହାକୁ ଅନୁମୋଦନ କରାଯାଇଛି ବୋଲି ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ତରଫରୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରାଯାଇଛି। ଉଲ୍ଲେଖଥାଉ କି, ଗତମାସରେ ପାକିସ୍ତାନ ସମ୍ବିଧାନରେ ୨୭ତମ ସଂଶୋଧନ କରାଯିବା ପରେ ମୁନୀର ସିଡିଏସ୍ ହେବା ନିଶ୍ଚିତ ହୋଇଥିଲା। ଏଥିସହ ଏୟାର ଚିଫ୍ ମାର୍ଶାଲ ଜାହିର ଅହମ୍ମଦ ବାବର ସିଦ୍ଧୁଙ୍କ କାର୍ଯ୍ୟକାଳ ଦୁଇବର୍ଷ ବୃଦ୍ଧି ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ମଧ୍ୟ ରାଷ୍ଟ୍ରପତି ଅନୁମୋଦନ କରିଛନ୍ତି। ମୁନୀର ୨୦୨୨ରେ ସେନା ପ୍ରମୁଖ ହୋଇଥିଲେ। ଚିଫ୍ ଅଫ୍ ଷ୍ଟାଫ୍ ବଦଳରେ ସିଡିଏଫ୍ ପଦ ସୃଷ୍ଟି କରାଯାଇଥିଲା। ସିଡିଏଫ୍ ଜଳ, ସ୍ଥଳ ଓ ବାୟୁ ସେନାର ସନ୍ତୁଳନ ରକ୍ଷା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବେ।

## ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଯାଞ୍ଚ ପରେ ମିଳିବ ଏଚ୍-୧ବି ଭିସା

■ ଡିସେମ୍ବର ୧୫ରୁ ଲାଗୁ ହେବ ଏହି ନୂଆ ନିୟମ
■ ୩୦ ଦେଶ ଉପରେ ଯାତ୍ରା କଟକଣା ଲଗାଇବ ଆମେରିକା



ୱାସିଂଟନ, ୫ ।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଚ୍-୧ବି ଭିସା ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଏଚ-୧ବି ଭିସା ଆବେଦନକାରୀଙ୍କୁ ନିଜର ସୋସିଆଲ ମିଡିଆ ଆକାଉଣ୍ଟ ସାର୍ବଜନୀନ କରିବାକୁ ହେବେ। ଯାହା ଫଳରେ ଆମେରିକୀୟ ଅଧିକାରୀମାନେ ଆବେଦନକାରୀଙ୍କ ପ୍ରୋଫାଇଲ, ସୋସିଆଲ ମିଡିଆ ପୋଷ୍ଟ, ଲାଇକ୍ ଓ କମେଣ୍ଟ ଦେଖିପାରିବେ। ଯଦି ଆବେଦନକାରୀଙ୍କ କୌଣସି ସୋସିଆଲ ମିଡିଆ ଗତିବିଧି ଆମେରିକାର ହିତ ବିରୋଧରେ ଯାଉଥିବ, ତେବେ ତାଙ୍କୁ ଏହି ଭିସା ପ୍ରଦାନ କରାଯିବ ନାହିଁ। ଏଚ୍-୧ ବି ଭିସାର ଆଶ୍ରିତ (ପତ୍ନୀ, ପିଲା ଓ ପିତାମାତା)ଙ୍କ ଲାଗି ଜାରି ହୋଇଥିବା ଏଚ୍-୪ ଭିସା ପାଇଁ ମଧ୍ୟ ସୋସିଆଲ ମିଡିଆ ପ୍ରୋଫାଇଲ ସାର୍ବଜନୀନ କରିବାର ଜରୁରୀ ବୋଲି କୁହାଯାଇଛି। ପ୍ରଥମଥର ପାଇଁ ଏଚ୍-୧ବି ଭିସା ନେଇ ଏହି ନିୟମ ଜାରି ହେବ। ଡିସେମ୍ବର ୧୫ରୁ ଏହି ନିୟମ ଲାଗୁ ହେବ ଓ ଏ ସଂକ୍ରାନ୍ତରେ ଟ୍ରମ୍ପ ପ୍ରଶାସନ ସବୁ ଦୂତାବାସ୍‌କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଅଗଷ୍ଟରୁ ଷ୍ଟଡି ଭିସା ଏଫ୍-୧, ଏମ୍-୧ ଓ ଜେ-୧ ସହିତ ଭିଜିଟର ଭିସା ବି-୧, ବି-୨ ପାଇଁ ପୂର୍ବରୁ ସୋସିଆଲ ମିଡିଆ ପ୍ରୋଫାଇଲ ସାର୍ବଜନୀନ କରିବା ନିହାତି ଜରୁରୀ ଓ ଏ ନେଇ ନିୟମ ଜାରି ହୋଇସାରିଛି।

ଆମେରିକା ଏବେ ବିଶ୍ୱର ୩୦ଟି ଦେଶ ଉପରେ ଯାତ୍ରା ପ୍ରତିବନ୍ଧକ ଲଗାଇବାକୁ ପ୍ରସ୍ତୁତି ଆରମ୍ଭ କରିଛି। ଆମେରିକା ଅବଶ୍ୟ ପୂର୍ବରୁ ୧୯ଟି ଦେଶ ଉପରେ ଏହି ପ୍ରତବନ୍ଧକ ଲାଗୁ କରିସାରିଛି। ଆମେରିକାର ଗୃହ ବିଭାଗ ସଚିବ କ୍ରିଷ୍ଟି ନୋଏମ ଏନେଇ ସୂଚନା ଦେଇଛନ୍ତି। ଅତିକମ୍‌ରେ ୩୦ଟି କିମ୍ବା ତାଠାରୁ ଅଧିକ ସଂଖ୍ୟକ ଦେଶଗୁଡିକ ଉପରେ ଏହି ପ୍ରତିବନ୍ଧ ଲାଗୁ ହେବ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏ ଦିଗରେ ଗୁରୁତର ସହ ଚିନ୍ତା କରୁଛନ୍ତି ବୋଲି ସେ କହିଛନ୍ତି। ତେବେ କେଉଁ ଦେଶଗୁଡିକ ବିରୋଧରେ ଏହି ପ୍ରତିବନ୍ଧକ ଲାଗୁ ହେବ ସେ ନେଇ ନୋଏମ ସ୍ପଷ୍ଟ କରିନାହାନ୍ତି। ଏହାପୂର୍ବରୁ ଆମେରିକା ୧୯ଟି ଦେଶର ନାଗିରକଙ୍କୁ ଆମେରିକା ନାଗରିକତା ଓ ଗ୍ରୀନ୍‌କାର୍ଡ ଦେବା ପ୍ରକ୍ରିୟାକୁ ରୋକି ଦେଇଥିଲା। ଗତମାସରେ ହ୍ୱାଇଟ ହାଉସ ନିକଟରେ ଜଣେ ଆଫଗାନ ଶରଣାର୍ଥୀ ନ୍ୟାସନାଲ ଗାର୍ଡଙ୍କ ଉପରେ ଗୁଳି ଚଳାଇବା ଘଟଣା ପରେ ଏହି ନିଷ୍ପତ୍ତି ନିଆଯାଇଥିଲା ବୋଲି ଟ୍ରମ୍ପ ପ୍ରଶାସନ ତରଫରୁ କୁହାଯାଇଥିଲା।

# ବନପାଳଙ୍କୁ ଜୋତାରେ ପିଟିଲେ ଗ୍ରାମବାସୀ

ରାଇରଙ୍ଗପୁର/କରଞ୍ଜିଆ, ୫।୧୨ (ସମିସ): ବକେୟା ପାରିଶ୍ରମିକ ପ୍ରଦାନ ଦାବିରେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ବନ କର୍ମଚାରୀମାନଙ୍କୁ ଗ୍ରାମବାସୀ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭାଇରାଲ ଭିଡିଓରେ ଗ୍ରାମବାସୀମାନେ ବନପାଳଙ୍କୁ ଜୋତାରେ ନିର୍ଘୃମ ମାଡ଼ ମାରୁଥିବା ଦେଖାଯାଉଥିବା ବେଳେ ଅଟକାଇବାକୁ ଚେଷ୍ଟା କରୁଥିବା ଅତିରିକ୍ତ ବନ ସଂରକ୍ଷକ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ଶିମିଳିପାଳ ଅଭୟାରଣ୍ୟ ଉତ୍ତର ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ବରେହିପାଣି ରେଞ୍ଜ କାର୍ଯ୍ୟାଳୟରେ ଏହି ଘଟଣା ଘଟିଛି।



ବନ ବିଭାଗ କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଶ୍ରମିକ ଭାବେ କାମ କରିଥିଲେ। କିନ୍ତୁ ତାଙ୍କର ବକେୟା ଟଙ୍କା ବନ କର୍ମଚାରୀମାନେ ପ୍ରଦାନ କରୁନାହାନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ଆଜି ଗ୍ରାମବାସୀମାନେ ଏକାଠି ହୋଇ ବରେହିପାଣି ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବକେୟା ଟଙ୍କା ନ ମିଳିବା ପର୍ଯ୍ୟନ୍ତ ସେଠାରୁ ଉଠିବେ ନାହିଁ ବୋଲି ଅଡ଼ି ବସିଥିଲେ। ଦୀର୍ଘ ସମୟ ଧରି ଧାରଣା ଦେବା ପରେ ମଧ୍ୟ ଘଟଣାସ୍ଥଳକୁ କେହି ନ ଆସିବାରୁ ଗ୍ରାମବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ହଠାତ୍ ବନପାଳ କାଳୀଚରଣ ନାଏକଙ୍କୁ ଦେଖି କାର୍ଯ୍ୟାଳୟକୁ ଧସେଇ ପଶି ଆକ୍ରମଣ କରିଥିଲେ। ଜୋତାରେ ମାଡ଼ ମାରିବା ସହ ଠେଲାପେଲା କରିଥିଲେ। ଚହଲା ଅତିରିକ୍ତ ବନ ସଂରକ୍ଷକ ଲମ୍ବୋଦର ବାସ୍କେ ଗ୍ରାମବାସୀଙ୍କୁ ଅଟକାଇବା ପାଇଁ ଚେଷ୍ଟା କରିବାରୁ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ଏନେଇ ବନ ବିଭାଗ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଏନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି।

**୩ ଦିନ ପରେ ବାରବାଟୀ ମୁକାବିଲା**

# ବାଉନ୍ସରଙ୍କ ଉପସ୍ଥିତିରେ ଟିକଟ ବିକ୍ରି

କଟକ, ୫।୧୨ (ସମିସ): ବାରବାଟୀ ମୁକାବିଲା ନିମନ୍ତେ ଟିକଟ ବିକ୍ରି ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଶୁକ୍ରବାର ବକ୍ସ ଅଫିସ୍‌ରେ ୧୦ ହଜାର କାଉଣ୍ଟର ଟିକଟ ବିକ୍ରି କରାଯିବା ସହ ସମସ୍ତ ଟିକଟ ଶେଷ ହୋଇଯାଇଛି। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କାଉଣ୍ଟର ଖୋଲା ରହିବ ବୋଲି ପୂର୍ବରୁ ଘୋଷଣା ହୋଇଥିଲା।

**ଅମାନିଆଙ୍କୁ ଅଡୁଆ କଲା ସର୍ପେଣ୍ଟାଇନ୍ ବ୍ୟାରିକେଡ୍**

ମାତ୍ର ବ୍ୟାରିକେଡ୍‌ରେ ଅପେକ୍ଷାରତ ଦର୍ଶକଙ୍କୁ ନିରାଶ ନକରିବାକୁ ବକ୍ସ ଅଫିସ୍ ଆଉ ଘଣ୍ଟାଏ ଖୋଲା ରଖାଯାଇଥିଲା। ସନ୍ଧ୍ୟା ପ୍ରାୟ ୭ଟାରେ ଟିକଟ ଶେଷ ହୋଇଥିବା ନେଇ ପୁଲିସ ପକ୍ଷରୁ ସୂଚନା ଦିଆଯାଇଥିଲା। ଯେଉଁମାନେ ଅନଲାଇନ୍ ଜରିଆରେ ଟିକଟ ବୁକ୍ କରିଥିଲେ ସେମାନଙ୍କୁ ଆସନ୍ତା ୮ ଏବଂ ୯ ତାରିଖରେ ଟିକଟ୍ ପ୍ରଦାନ କରାଯିବ। ଏଥି ନିମନ୍ତେ କେମ୍ବ୍ରିଜ ସ୍କୁଲରେ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲିବ।

ପୂର୍ବତ୍ରୁଟିକୁ ସୁଧାରିବା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଏବଂ ପୁଲିସ ପକ୍ଷରୁ ହୋଇଥିବା ଯୋଜନା ଫଳପ୍ରଦ ହୋଇଥିଲା। ସର୍ପେଣ୍ଟାଇନ୍ (ଜିକଜ୍ୟାକ୍) ଶୈଳୀରେ ବ୍ୟାରିକେଡ ବନ୍ଧା ଯାଇଥିଲା। ଯଦ୍ୱାରା ସର୍ଭିସ ବ୍ୟାରିକେଡ୍ ଟପି ଟିକଟ ଆଶାୟୀଙ୍କ ନିମନ୍ତେ ଉଦ୍ଦିଷ୍ଟ ବ୍ୟାରିକେଡରେ ପ୍ରବେଶ କରିବା ଅମାନିଆଙ୍କ ନିମନ୍ତେ କାଠିକର ପାଠ ହୋଇଥିଲା। ଏତଦ୍‌ବ୍ୟତୀତ ପ୍ରଥମଥର ବକ୍ସ ଅଫିସ ସମ୍ମୁଖରେ ବାଉନ୍ସର ନିୟୋଜିତ ହୋଇଥିଲେ। ପ୍ରତ୍ୟେକ କାଉଣ୍ଟର ଆଗରେ ଜଗି ରହିଥିଲେ ୪ରୁ ୬ଜଣ ବାଉନ୍ସର। ଏଣୁ ବକ୍ସ ଅଫିସରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ମଧ୍ୟ କେହି ସାହସ କରିନଥିଲେ। କାଉଣ୍ଟର ଖୋଲିବା ପୂର୍ବରୁ ତଥା ସକାଳ ପ୍ରାୟ ୯ଟାରେ କ୍ରିକେଟପ୍ରେମୀଙ୍କ ଭିତରେ ଠେଲାପେଲା ହେବା ସହ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଏହାକୁ ଲକ୍ଷ୍ୟରେ ରଖି ପୁଲିସ ଘଟଣାସ୍ଥଳରେ ଲାଠିଚାଳନା କରିଥିଲା। ତେବେ ଦିନ ସମୟରେ କେତେକ ଦିବ୍ୟାଙ୍ଗ ଟିକଟ କିଣିବାକୁ ଆସି ହଟହଟା ହୋଇଥିବା ଦେଖିବାକୁ ମିଳିଥିଲା। ଲମ୍ବା ଧାଡିରେ ଛିଡ଼ା ହୋଇ ଟିକଟ କିଣି ନପାରି ଫେରିବାକୁ ବସିଥିବା ବେଳେ କମିଶନରେଟ ପୁଲିସ ଏବଂ ଓସିଏ ପକ୍ଷରୁ ଆଲୋଚନା କରାଯାଇ ଦିବ୍ୟାଙ୍ଗଙ୍କ ପାଇଁ ଟିକଟ ବିକ୍ରିର ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ଦିବ୍ୟାଙ୍ଗଙ୍କୁ ଟିକଟ ବିକ୍ରି କରାଯାଇଥିଲା।

ପ୍ରକାଶ ଥାଉକି, ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଟି-୨୦ ମୁକାବିଲାକୁ ଆଉ ୪ଦିନ ବାକି। ଟିକଟ ବିକ୍ରି ଶେଷ ହୋଇଥିବା ବେଳେ ଏବେ ମ୍ୟାଚ୍‌କୁ ଅପେକ୍ଷା। ଚଳିତଥର ୫ଟି କାଉଣ୍ଟରରେ ଅଫଲାଇନ୍ ଟିକଟ ବିକ୍ରି କରାଯାଇଥିଲା। ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ନିକଟରେ ୩ଟି ଟିକଟ କାଉଣ୍ଟର ଖୋଲିଥିଲା। ଯେଉଁଥିରେ ଗ୍ୟାଲେରୀ ଏବଂ ସ୍ପେସିଆଲ ଏନକ୍ଲୋଜର ଟିକଟ ବିକ୍ରି କରାଯାଇଥିଲା। ହର୍ଷ ଗେଟ୍ ନିକଟରେ ଦାମୀ ଟିକଟ ବିକ୍ରି ହୋଇଥିଲା।






**ଭତ୍ତା ପାଇଁ ହୀନସ୍ତା**

# ଝୁଡ଼ିରେ ୩ କିମି ବୁହା ହେଲେ ବୃଦ୍ଧା

ରାୟଗଡ଼ା/କାଶୀପୁର, ୫।୧୨ (ସମିସ): ଭତ୍ତା ପାଇଁ ଝୁଡ଼ିରେ ୩ କିମି ବୁହା ହୋଇ ପଞ୍ଚାୟତ କାର୍ଯ୍ୟାଳୟକୁ ଗଲେ ବୃଦ୍ଧା। ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଅନ୍ତର୍ଗତ ଉପରକୋଡିଙ୍ଗା ଗ୍ରାମରେ ସରକାରୀ ବ୍ୟବସ୍ଥାର ଏପରି ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହାକୁ ନେଇ ବୁଦ୍ଧିଜୀବୀମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନାର ଲାଭ ଯେପରି ତୃଣମୂଳସ୍ତରରେ ପହଞ୍ଚି ପାରିବ, ସେଥିପାଇଁ ସରକାର ବ୍ୟବସ୍ଥା କରିଥିବା କହୁଥିବା ବେଳେ ବାସ୍ତବ ସ୍ଥିତି ଯେ କେତେ ଭିନ୍ନ; ତାହା ଏହି ଘଟଣା ବୟାନ କରୁଛି ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି। ଖାଲି ଏହି ଗୋଟିଏ ଘଟଣା ନୁହେଁ, ପୂର୍ବରୁ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରୁ ଭତ୍ତା ପାଇଁ ବରିଷ୍ଠ ନାଗରିକମାନେ ଏପରି ହନ୍ତସନ୍ତ ହେବାର ନଜିର ରହିଛି।

କାଶୀପୁର ବ୍ଲକ ବାଙ୍କାମ୍ବ ପଞ୍ଚାୟତ ଅନ୍ତର୍ଗତ ଉପରକୋଡିଙ୍ଗା ଗ୍ରାମର ଜଲକି ଝୋଡ଼ିଆ(୭୦)। ଆଉ ବଳବୟସ ନାହିଁ। ଚାଲିବାକୁ ବି ଦେହରେ ବଳ ନାହିଁ। ସରକାର ମାସକୁ ଯେଉଁ ଭତ୍ତା ଟଙ୍କା ଗଣ୍ଡିକ ଦିଅନ୍ତି, ସେଇଥିରେ ଚଳନ୍ତି। କିନ୍ତୁ ୨ମାସ ହେବ, ଭତ୍ତା ଟଙ୍କା ନ ମିଳିବାରୁ ଦିନକୁ ଦୁଇ ଓଳି ଖାଇବା ବି ତାଙ୍କ ପାଇଁ ମୁସ୍କିଲ ହୋଇଗଲା। କାହିଁକି ଭତ୍ତା ଟଙ୍କା ମିଳୁନି, ତାହା ପଚାରିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଯିବାକୁ ତାଙ୍କ ପାଖରେ ସାମର୍ଥ୍ୟ ନାହିଁ କି ଅଟୋରେ ଯିବା ପାଇଁ ପାଖରେ ପାହୁଲାଟିଏ ବି ନାହିଁ। ତେଣୁ, ସ୍ୱାମୀ ଓ ସମ୍ପର୍କୀୟମାନେ ଜଲକିଙ୍କୁ ଏକ ଝୁଡ଼ିରେ ବୋହି ପଞ୍ଚାୟତ କାର୍ଯ୍ୟାଳୟକୁ ନେଇଥିଲେ। ଏ ସଂପର୍କରେ କାଶୀପୁର ବ୍ଲକ୍ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଜ୍ୟୋତିର୍ମୟୀ ଦାଶଙ୍କୁ ଯୋଗାଯୋଗ କରିବାରୁ ଏହି ଘଟଣା ସମ୍ପର୍କରେ ଆମେ ସାମାଜିକ ଗଣମାଧ୍ୟମରେ ସୂଚନା ପାଇଲୁ। ଏହାର ତଦନ୍ତ କରି ଶୀଘ୍ର ତାଙ୍କୁ ବ୍ୟାଙ୍କ ଏକାଉଣ୍ଟ ମାଧ୍ୟମରେ କିମ୍ବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମାଧ୍ୟମରେ ତାଙ୍କ ଘରକୁ ଯାଇ ନଗଦ ଅର୍ଥ ଭାବେ ଭତ୍ତା ଟଙ୍କା ଦିଆଯିବ ବୋଲି କହିଛନ୍ତି।




ଜିଲ୍ଲା ସାମାଜିକ ସୁରକ୍ଷା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି ଯେ ଉକ୍ତ ବୃଦ୍ଧାଙ୍କୁ ଡିବିଟି ମାଧ୍ୟମରେ ଭତ୍ତା ଟଙ୍କା ସିଧାସଳଖ ତାଙ୍କ ବ୍ୟାଙ୍କ ଜମାଖାତାରେ ଜମା ହେଉଛି। କିନ୍ତୁ ସେମାନେ ଏ ବିଷୟରେ ନଜାଣି ଭତ୍ତା ନେବା ପାଇଁ ଚାଲି ଆସିଥିଲେ। ତଥାପି ଆସନ୍ତା ମାସରେ ବୃଦ୍ଧାଙ୍କ ଘରେ ବାର୍ଦ୍ଧକ୍ୟ ଭତ୍ତା ପାଇବାର ବ୍ୟବସ୍ଥା କରି ଦିଆଯିବ ବୋଲି କହିଛନ୍ତି।

**ପୁଲିସ ଚାକିରି ବେପାର**

# ବିରଞ୍ଚିଙ୍କୁ ବାନ୍ଧିଲା ସିବିଆଇ

ଭୁବନେଶ୍ୱର, ୫।୧୨ (ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିବିଆଇ ଜଣେ ମଧ୍ୟସ୍ଥଙ୍କଠାରୁ ତା'ର ପ୍ରଥମ ଗିରଫଦାରୀ ଆରମ୍ଭ କରିଛି। ଗିରଫ ମଧ୍ୟସ୍ଥ ଜଣଙ୍କ ହେଲେ ବିରଞ୍ଚି ନାରାୟଣ ନାୟକ। ତାଙ୍କୁ ଗଜପତି ଜିଲ୍ଲା ପାରଳାଖେମୁଣ୍ଡିରୁ ଗିରଫ କରାଯାଇଛି। ସିବିଆଇ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବିରଞ୍ଚି ଏବଂ ଅରବିନ୍ଦଙ୍କ ବସ୍ ହେଉଛନ୍ତି ପଞ୍ଚସପ୍ତର ମାଲିକ ଶଙ୍କର ପୃଷ୍ଟି। ଏହି ଦୁଇ ଜଣଙ୍କୁ କ୍ରାଇମ୍ ସିଣ୍ଡିକେଟ୍ ଉତ୍ତର ଓଡ଼ିଶା ଦାୟିତ୍ୱ ଦେଇଥିଲା। ଏମାନେ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପାଇଁ ଟଙ୍କା ଦେଇପାରୁଥିବା ପରୀକ୍ଷାର୍ଥୀ ଯୋଗାଡ଼ କରୁଥିଲେ। ଏହାସହ ଆଶାୟୀଙ୍କୁ ନେଇ ପଶ୍ଚିମବଙ୍ଗର ଦୀଘାରେ ଏକ କ୍ୟାମ୍ପ ଚଳାଇଥିଲେ। ଯେଉଁଥିରେ ପରୀକ୍ଷାର୍ଥୀଙ୍କୁ ଶାରୀରିକ ପ୍ରଶିକ୍ଷଣ ଏବଂ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା। ସିବିଆଇ ତାଙ୍କୁ ଗିରଫ କରିବା ପରେ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରିଥିଲା। ଅଧିକ ପଚରାଉଚରା ପାଇଁ ବିରଞ୍ଚିଙ୍କୁ ୨ ଦିନିଆ ରିମାଣ୍ଡରେ ନେବାକୁ ସିବିଆଇକୁ କୋର୍ଟ ଅନୁମତି ପ୍ରଦାନ କରିଛନ୍ତି।



**ଜେରା ପାଇଁ ସିବିଆଇକୁ ୨ଦିନିଆ ରିମାଣ୍ଡ ଅନୁମତି**

# ସାରଥୀଙ୍କ ବିରୋଧରେ ଚାର୍ଜଫ୍ରେମ୍

କଟକ, ୫।୧୨ (ସମିସ): କଟକ ସ୍ୱତନ୍ତ୍ର ଅଦାଲତରେ ଆଜି ସନ୍ତୋଷ କୁମାର ରାଉଳ ଓରଫ୍ ବାବା ସାରଥୀଙ୍କ ବିରୋଧରେ ଚାର୍ଜଫ୍ରେମ୍ ହୋଇଛି। ଅଦାଲତରେ ସାରଥୀ ଭର୍ଚୁଆଲରେ ଓ ଅନ୍ୟ ଅଭିଯୁକ୍ତ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ପରେ ସାରଥୀ ଓ ଅନ୍ୟମାନଙ୍କ ବିରୋଧରେ ଚାର୍ଜଫ୍ରେମ ହୋଇଥିଲା। ପରେ ମାମଲାରେ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହେବ। ଜାନୁଆରି ୧୬କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ସୂଚନାଯୋଗ୍ୟ, ସାରଥୀଙ୍କ ବିରୋଧରେ ରୁଜୁ ମୂଳ ମାମଲାର ତଦନ୍ତ କରି ଆଇପିସିର ଦଫା ୪୨୦, ୧୨୦ ବି, ୪୬୭, ୪୬୮, ୪୭୧, ୩୪୧, ୫୦୬, ୩୭୯, ୪୧୧, ୪୨୩, ୩୪ ସହ ଏସ୍‌ସି ଆଣ୍ଡ ଏସ୍‌ଟି (ପି.ଏ) ଆଇନର ଧାରା ୩, ଆର୍ମସ୍ ଆକ୍ଟର ଧାରା ୨୫ ଓ ରିଲିଜିୟସ୍ ଇନ୍‌ଷ୍ଟିଚ୍ୟୁସନସ୍ (ପ୍ରିଭେନ୍‌ସନ୍ ଅଫ୍ ମିସ୍ ୟୁଜ୍ ଆକ୍ଟ)ର ଧାରା ୭ରେ କ୍ରାଇମବ୍ରାଞ୍ଚ ଚାର୍ଜସିଟ୍ ଦାଖଲ କରିଥିଲା। ଏହି ମାମଲାରେ ସାରଥୀଙ୍କ ସହ ତାଙ୍କ ପୁଅ ସତ୍ୟମ, ସନ୍ତୋଷ ଗୋଚ୍ଛାୟତ, ପିଲୁ ଓରଫ୍ ପିଲାସ୍କି ସ୍ୱାଇଁ, ସିଲୁ ଓରଫ୍ ବିଶ୍ୱଜିତ୍ ପଟ୍ଟନାୟକ ଓ ହରିଶ୍ଚନ୍ଦ୍ର ଦାସ ଓରଫ୍ ବୁଲୁଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଏହି ମାମଲାରେ ସମସ୍ତ ଅଭିଯୁକ୍ତ ଜାମିନରେ ଅଛନ୍ତି। ସାରଥୀଙ୍କ ପକ୍ଷରୁ ଆଇନଜୀବୀ ମାନସ ଚାନ୍ଦ ମାମଲା ପରିଚାଳନା କରୁଛନ୍ତି।

**ଫୁଲବାଣୀ ସଦର ଥାନା ଅଧିକାରୀ ନିଲମ୍ବନ ଘଟଣା**

# ଗଞ୍ଜେଇ କାରବାର ପଛରେ କୋଟି କୋଟି ଟଙ୍କାର ଡିଲ୍ !

ଭୁବନେଶ୍ୱର, ୫।୧୨(ସମିସ): ଫୁଲବାଣୀ ସଦର ଥାନା ଅଧିକାରୀ ତଥା ଡିଏସ୍‌ପି ସତୀଶ ଚନ୍ଦ୍ର ନାଏକ ନିଲମ୍ବନ ହେବା ପରେ ଖାକିରେ ଗଞ୍ଜେଇ ଦାଗ ଲାଗିଛି। ଗଞ୍ଜେଇ କାରବାର କରିବାକୁ କୋଟି କୋଟି ଟଙ୍କାର ଡିଲ୍ ହୋଇଥିବା କଥା ପଦାକୁ ଆସିବା ସହ ଖାକି ବାବୁମାନଙ୍କ ଗୁମର ଖୋଲୁଛି। ପୁଲିସର ଛବିକୁ ପୂରା ମଳିନ ନ କରିବା ପାଇଁ ଘଟଣାରେ ସଂପୃକ୍ତ ଜଣେ ସବ୍-ଇନ୍ସପେକ୍ଟରଙ୍କୁ ବଦଳି କରିଦିଆଯାଇଛି। କିନ୍ତୁ ବଦଳିକୁ ପ୍ରାୟ ୩ମାସ ବିତି ଯାଇଥିଲେ ମଧ୍ୟ ବାବୁ ଏପର୍ଯ୍ୟନ୍ତ ଥାନା ଛାଡ଼ି ନାହାନ୍ତି। ସେପଟେ, ଏହି ଘଟଣାରେ ଅନ୍ୟତମ କରିତକର୍ମା ଥାନା ସ୍କର୍ପିଓ ତଥା ବେସରକାରୀ ଚାଳକ ଉପରେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଥାନା ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିବା ବେଳେ ସଂପୃକ୍ତ ଏସ୍‌ଆଇ ଓ ଚାଳକଙ୍କୁ କାହିଁକି ଅନୁକମ୍ପା ଦେଖାଯାଉଛି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପୂରା ଘଟଣା ଥିଲା ଏମିତି; ଗତ ସେପ୍ଟେମ୍ବରରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଫୁଲବାଣୀ ସଦର ଥାନା ପୁଲିସ କସକଠି-ମିନିଆ ରାସ୍ତାରେ ଚଢ଼ଉ କରିଥିଲା। ଗଞ୍ଜେଇ ଭର୍ତ୍ତି କାର ଜବତ କରିବା ସହ ଚାଳକକୁ ଗିରଫ କରିଥିଲା। ପାଖାପାଖି ୭ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିବା ବେଳେ ମାତ୍ର ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଥିବା କାଗଜପତ୍ରରେ ଦେଖାଇଥିଲା। ବାକି ତକ ଗଞ୍ଜେଇକୁ ଖାକି ବାବୁମାନେ ମିଶି ଥାନା ସ୍କର୍ପିଓ ଚଳାଉଥିବା ବେସରକାରୀ ଚାଳକ ଘରେ ନେଇ ଗଚ୍ଛିତ ରଖିଥିଲେ। ଏସ୍‌ପିଙ୍କ ପାଖରେ ଏଭଳି ଖବର ପହଞ୍ଚିବା ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ସ୍କର୍ପିଓ ଚାଳକଙ୍କ ଘରୁ ବିପୁଳ ପରିମାଣର ଗଞ୍ଜେଇ ମଧ୍ୟ ଜବତ ହୋଇଥିଲା। ଘଟଣାର ସତ୍ୟାସତ୍ୟ ଜଣାପଡ଼ିବା ପରେ ଥାନାଧିକାରୀ ସତୀଶଙ୍କୁ ମୁଖ୍ୟାଳୟକୁ ବଦଳି କରିବା ସହ ସଂପୃକ୍ତ ଏସ୍‌ଆଇଙ୍କୁ ଅନ୍ୟ ଥାନାକୁ ପଠାଇ ଦିଆଯାଇଥିଲା।

**ବଦଳିରେ ସୀମିତ ଏସ୍‌ଆଇଙ୍କ ଉପରେ କାର୍ଯ୍ୟାନୁଷ୍ଠାନ**

**ତଥାପି ଗାଦି ଛାଡ଼ିନାହାନ୍ତି ବାବୁ**

**ସ୍କର୍ପିଓ ଚାଳକଙ୍କୁ ଅନୁକମ୍ପା କାହିଁକି**

ଏତିକିରେ ଘଟଣା ସରି ନଥିଲା; ପରେ ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ବିଭାଗୀୟ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଡିଏସ୍‌ପିଜଣକ ଥାନାକୁ ଯାଇ ପୂରା ଘଟଣାର ତଦନ୍ତ କରିଥିଲେ। ତଦନ୍ତ ବେଳେ ସାଙ୍ଘାତିକ କଥା ପଦାକୁ ଆସିଥିଲା। ଜବତ ହୋଇଥିବା ଗଞ୍ଜେଇ ଓ ମାଲଖାନାରେ ଥିବା ଗଞ୍ଜେଇ ମଧ୍ୟରେ ତାଳମେଳ ନଥିଲା। ଜବତ ଗଞ୍ଜେଇଠାରୁ ଅଧିକ ପରିମାଣର ଗଞ୍ଜେଇ ମାଲଖାନାରେ ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ସଂପୃକ୍ତ ଥାନାର ପୁଲିସ ଅଧିକାରୀମାନେ ଗଞ୍ଜେଇ ଧରିବା ପରେ କମ୍ ପରିମାଣର ଗଞ୍ଜେଇ ଜବତ ଦେଖାଇ ଅବଶିଷ୍ଟକୁ ବେଆଇନ ଭାବେ ବିକ୍ରି କରୁଥିବା କଥା ଏକପ୍ରକାର ସ୍ପଷ୍ଟ ହୋଇଥିଲା। ମାଲଖାନା ଗଞ୍ଜେଇରେ ମଧ୍ୟ ହେରଫେର୍ ହୋଇଥିବା ଜଣାପଡ଼ିବା ପରେ ତଦନ୍ତକାରୀ ଅଧିକାରୀ ଏସପିଙ୍କୁ ରିପୋର୍ଟ ଦେଇଥିଲେ। ସଂପୃକ୍ତ ଥାନା ଅଧିକାରୀ, ଏସ୍‌ଆଇ, ସ୍କର୍ପିଓ ଚାଳକ ଓ ଅନ୍ୟ କିଛି କର୍ମଚାରୀ ବେଆଇନ କାରବାରରେ ଲିପ୍ତ ଥିବା ସଂପୃକ୍ତ ରିପୋର୍ଟରେ ଉଲ୍ଲେଖ ରହିଥିବା ସୂଚନା ମିଳିଛି। ପରେ ଫୁଲବାଣୀ ସଦର ଥାନା ଅଧିକାରୀ ତଥା ଡିଏସପି ସତୀଶ ଚନ୍ଦ୍ର ନାଏକଙ୍କୁ ନିଲମ୍ବନ କରାଯାଇଥିଲା।

ସେପଟେ ସଂପୃକ୍ତ ଏସ୍‌ଆଇଙ୍କ କାରନାମାର ତାଲିକା ମଧ୍ୟ ବେଶ୍ ଲମ୍ବା। ଫିରିଙ୍ଗିଆ ଥାନା ପୋଡ଼ି ପୂର୍ବରୁ ଏସ୍‌ଆଇଜଣଙ୍କ ସେଠାରେ କିଛି ଦିନ ଦାୟିତ୍ୱରେ ଥିଲେ। ସେହି ସମୟରେ ଗଞ୍ଜେଇ ଚାଷ କରୁଥିବା ଲୋକଙ୍କୁ ଅନୁକମ୍ପା ଦେଖାଇ ଥିଲେ। ଫଳରେ ତାଙ୍କୁ ଅନ୍ୟ ଥାନାକୁ ବଦଳି କରାଯାଇଥିଲା। ଏବେ ଗଞ୍ଜେଇ କାରବାର ଘଟଣାରୁ ନଜର ହଟାଇବା ଲାଗି ଡିଏସପି ଶ୍ରୀ ନାଏକଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଏସ୍‌ଆଇଙ୍କର କେବଳ ବଦଳି କରାଯାଇଛି। ସଂପୃକ୍ତ ଏସ୍‌ଆଇ ଓ ସ୍କର୍ପିଓ ଚାଳକଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବାରୁ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସ୍‌ଆଇଜଣଙ୍କ ବାରମ୍ବାର ବେଆଇନ କାର୍ଯ୍ୟରେ ସଂପୃକ୍ତ ରହୁଥିବା ବେଳେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଉଚ୍ଚ ଅଧିକାରୀଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।




# ୩ କେଜି ବାର୍‌ହା ମାଂସ ଜବତ; ଜଣେ ଗିରଫ



**ଅନୁଗୋଳ,୫ ।୧୨(ସମିସ):** ଶୁକ୍ରବାର ସକାଳ ସାଢ଼େ ୯ଟାରେ ଅନୁଗୋଳ ଫରେଷ୍ଟ ଡିଭିଜନ ଜରପଡ଼ା ରେଞ୍ଜ ଓ ଆଠମଲ୍ଲିକ ଫରେଷ୍ଟ ଡିଭିଜନ ହଣ୍ଡପା ରେଞ୍ଜ ପକ୍ଷରୁ ଇଣ୍ଟର ବର୍ଡର ଇଲାକାରେ ପାଟ୍ରୋଲିଂ ଚାଲିଥିବାବେଳେ ଜାମୁନାଳି ଗାଁ ଭିତରେ ଜଣେ ବ୍ୟକ୍ତି ଦଉଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ଜଙ୍ଗଲ ବିଭାଗ କର୍ମଚାରୀ ତାଙ୍କୁ ଧରି ଯାଞ୍ଚ କରିବାରୁ ଏକ ବ୍ୟାଗରୁ ୩ କେଜି ବାରହା ମାଂସ ବାହାରିଥିଲା। ଶିକାରୀ ଜଣକ ହଣ୍ଡପା ଜାମୁନାଳି ଗାଁର ଉମାକାନ୍ତ ସାହୁ ବୋଲି ଜଣାପଡ଼ିଛି। ତାଙ୍କୁ ଗିରଫ କରାଯାଇଛି। ଚଢ଼ଉରେ ରେଞ୍ଜ ଅଫିସର ମାଧବ ଚନ୍ଦ୍ର ନାଏକ, ଫରେଷ୍ଟର ବସନ୍ତ ଗଡ଼ନାୟକ, ଫରେଷ୍ଟ ଗାର୍ଡ ଲିଙ୍ଗରାଜ ମାଝୀଙ୍କ ସମେତ ହାତୀ ସ୍କ୍ୱାଡ୍ ଓ ବିଦ୍ୟୁତ୍ ପ୍ରହରୀମାନେ ସାମିଲ ଥିଲେ।

# ସମସ୍ୟା ସମାଧାନ ପାଇଁ ଆଇଜିଙ୍କୁ ଭେଟିଲେ କଂଗ୍ରେସ ପ୍ରତିନିଧି

**ଅନୁଗୋଳ,୫ ।୧୨(ସମିସ):** ଅନୁଗୋଳ କଂଗ୍ରେସର ଯୁବନେତା ତଥା ପୂର୍ବତନ ଓବିସି ସେଲ ସଭାପତି ଜିତେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଗୁରୁବାର ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇଙ୍କୁ ଭେଟି ସହରର କେତେକ ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସହରରେ ଦିନକୁ ଦିନ ବ୍ରାଉନସୁଗର କାରବାର ବଢୁଥିବା ବେଳେ ଯୁବପିଢ଼ି ଏହାର ଶିକାର ହେଉଛନ୍ତି। ଡ୍ରଗ୍ସ ମାଫିଆଙ୍କୁ ଦୃଢ଼ ହସ୍ତରେ ଦମନ କରିବାକୁ ଦାବି କରିଥିଲେ। ସହରରେ ଟ୍ରାଫିକ ଅବ୍ୟବସ୍ଥା ହେତୁ ବାରମ୍ବାର ଦୁର୍ଘଟଣା ଘଟୁଛି। ସ୍କୁଲ ପିଲାଙ୍କ ଯାତାୟାତରେ ବାଧା ଉପୁଜୁଥିବାରୁ ଏହାର ସମାଧାନ କରିବାକୁ ଦାବି କରିଥିଲେ। ସିମିଳିପଡ଼ା, ଜୁମା ମସଜିଦ ଛକ, ହେମସୁରପଡ଼ା, ହୁଲୁରୁସିଂହା ଛକରେ ଟ୍ରାଫିକ ଲାଇଟ୍ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେଇଥିଲେ। ପ୍ରତି ୱାର୍ଡରେ ପୂର୍ବ ପରି ରାତ୍ରକାଳୀନ ପ୍ରହରା ବ୍ୟବସ୍ଥା କରାଯିବାକୁ ଅନୁରୋଧ କରାଯାଇଥିଲା। ସହରରେ ପରିତ୍ୟକ୍ତ କ୍ଲବ୍, କୋଠଘର, ଖେଳପଡ଼ିଆରେ ସନ୍ଧ୍ୟା ହେଲେ ଅସାମାଜିକ ଲୋକଙ୍କ ଆଡ୍ଡା ଜମୁଥିବାରୁ ସେ ସବୁ ଉପରେ ପୁଲିସ ସତର୍କ ଦୃଷ୍ଟି ଦେବାକୁ ପ୍ରସ୍ତାବ ଦିଆଯାଇଥିଲା। ସେହିଭଳି ସହରରେ ଅଣଓଡ଼ିଆ ତଥା ବାଂଲାଦେଶୀଙ୍କ ଅବାଧ ପ୍ରବେଶ ଥିବାରୁ ସେ ସବୁ ଉପରେ କଟକଣା ଜାରି ସହ ନଜର ରଖିବାକୁ ଅନୁରୋଧ କରାଯାଇଥିଲା। ପ୍ରତିନିଧି ଦଳରେ ଆଇନଜୀବୀ ଧର୍ମେନ୍ଦ୍ର ମିଶ୍ର, ବିପିନ ବିହାରୀ ସାହୁ, ପ୍ରଶାନ୍ତ ବିଶ୍ୱାଳ, ନୀଳକଣ୍ଠ ନାଏକ, ଅଭୟ ପ୍ରଧାନଙ୍କ ସମେତ ଛାତ୍ରନେତା କୈଳାସ ପ୍ରଧାନ, ଲିପୁନ ନାଏକ ପ୍ରମୁଖ ସାମିଲ ଥିଲେ।



# ଏକଲ ପରିବାର ପକ୍ଷରୁ ସାଂସ୍କୃତିକ ବିଚିତ୍ରା



**ଅନୁଗୋଳ,୫ ।୧୨(ସମିସ):** ସ୍ଥାନୀୟ ସଭାଗୃହରେ ଏକଲ ପରିବାର ପକ୍ଷରୁ ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଦୁର୍ଗମ ଅଞ୍ଚଳରେ ରହୁଥିବା ବନବାସୀ ଭାଇ ଭଉଣୀମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ସମ୍ପନ୍ନତାର ତାଲିମ ଦିଆଯିବା ସହ ସେମାନଙ୍କୁ ଭାରତୀୟ ସଂସ୍କୃତି, ସାହିତ୍ୟ ଓ ପରମ୍ପରାର ମୁଖ୍ୟ ସ୍ରୋତରେ କିଭଳି ସାମିଲ କରାଯାଉଛି ତାହା ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ରୂପେ ଶିକ୍ଷାବିତ୍ ସିଦ୍ଧନାଥ ସାହୁ ଯୋଗଦେଇ ଏକଲ ଅଭିଯାନର ସଫଳତା ବର୍ଣ୍ଣନା କରିଥିଲେ। ସଭାପତି ବିଜୟ କୁମାର ମୋଦୀ, ଭୋଗଦେବ ପ୍ରଧାନ ପ୍ରମୁଖ ଏକଲ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ସିନେ ଅଭିନେତା ଅଶୋକ ଦାସ, କଳାକାର ସଭାପତି ବୀରେନ୍ଦ୍ର ପ୍ରଧାନ ଓ ନୃତ୍ୟନୀଳୟ ସମ୍ପାଦିକା ସ୍ୱପ୍ନାରାଣୀ ସିହ୍ନାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏକଲ ବିଦ୍ୟାଳୟ ଛାତ୍ରଛାତ୍ରୀ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ।

# ବଙ୍କାପଲସାରେ ମାଣବସା ଗୁରୁବାର ପାଳିତ

**କିଶୋରନଗର,୫ ।୧୨(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଙ୍କାପଲସା ଗ୍ରାମରେ ମାଣବସା ଗୁରୁବାର ମହାଲକ୍ଷ୍ମୀ ପୂଜା ପାଳିତ ହୋଇଛି। ୩ ତାରିଖ ପୂର୍ବାହ୍ନ ୧୧ଟାରେ ଗ୍ରାମର ପୁରୁଷ ମହିଳା, ପୂଜା କମିଟି ସଦସ୍ୟ ଗାଁ ପୋଖରୀରୁ ପୂଜାପାଠ କରି ଗ୍ରାମ ପରିକ୍ରମା କରି କଳସ ସ୍ଥାପନ କରିଥିଲେ। ପରେ ପୂଜା ଆରମ୍ଭ ହୋଇଥିଲା। ଏହି ପୂଜା ୧୪ ବର୍ଷ ହେବ ପାଳନ ହୋଇଆସୁଛି। ଦୁଇଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବୁଧବାର କୁନି କଳାକାରଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଓ ଗୁରୁବାର ବାଦୀଦଣ୍ଡ ପରିବେଷଣ ହୋଇଥିଲା। ଶୁକ୍ରବାର ମା'ଙ୍କ ଆଞ୍ଚଳରୁ ନିଲାମ ହୋଇଥିଲା। ଏହାକୁ ରୋହିତ ପ୍ରଧାନ ୨୫ ହଜାର ୧ ଟଙ୍କାରେ ନିଲାମ ଧରିଥିଲେ। ପୂଜାରେ କର୍ତ୍ତା ଭାବେ ସ୍ୱାଧୀନ ପ୍ରଧାନ ଓ ଧର୍ମପତ୍ନୀ ପ୍ରଭାସିନୀ ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ। ମୁଖ୍ୟଅତିଥି ଭାବେ ନାଏବ ସରପଞ୍ଚ ଭୁବନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ସୌଦାମିନୀ ମିର୍ଦ୍ଧା ଯୋଗଦେଇଥିଲେ। ବିଭୂତି ଭୂଷଣ ପ୍ରଧାନ, ପୂଜା କମିଟି ସଭାପତି ଅଜିତ ପ୍ରଧାନ, ସମ୍ପାଦକ ସଞ୍ଜୟ ପ୍ରଧାନ ପୂଜା ପରିଚାଳନା କରିଥିଲେ।

# ଦୃଷ୍ଟି ଆଢୁଆଳରେ ଗଦଗଦା ଜଳପ୍ରପାତ

ଅନୁଗୋଳ,୫ ।୧୨(ସଂଗ୍ରାମ ରଞ୍ଜନ ଦାସ)





ଦୃଷ୍ଟି ଆଢୁଆଳରେ ଅନୁଗୋଳ ବ୍ଲକ ଅନ୍ତୁଲିଆ ପଞ୍ଚାୟତ ଲକ୍ଷ୍ମଣପୁର ନିକଟରେ ଥିବା ଗଦଗଦା ଜଳପ୍ରପାତ। ଅତ୍ୟନ୍ତ ସୁନ୍ଦର ଓ ମନମୁଗ୍ଧକର ପରିବେଶରେ ଥିବା ଏହି ଜଳପ୍ରପାତ ପ୍ରତି କାହାର ନଜର ନାହିଁ। ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଭିତରେ ଥିବାରୁ ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ଏହାର ଉନ୍ନତି ଏବଂ ରକ୍ଷଣାବେକ୍ଷଣ ପ୍ରତି ପଦକ୍ଷେପ ନେଉନାହିଁ। ସାତକୋଶିଆ କର୍ତ୍ତୃପକ୍ଷ ମଧ୍ୟ ଇକୋ ଟୁରିଜିମରେ ଏହାକୁ ସାମିଲ କରୁନାହାନ୍ତି। ଏହି ଜଳପ୍ରପାତର ବିକାଶ ହେଲେ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ପର୍ଯ୍ୟଟକ ଏଠାକୁ ଆସି ପ୍ରକୃତିକୁ ଉପଭୋଗ କରିପାରନ୍ତେ ବୋଲି ମତ ପ୍ରକାଶ ପାଇଛି। ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ପମ୍ପାସର ରେଞ୍ଜ ବାଘମୁଣ୍ଡା ସେକ୍ସନର ଘଞ୍ଚ ଜଙ୍ଗଲ ଓ ସବୁଜିମାରେ ପରିପୂର୍ଣ୍ଣ ପାହାଡ଼ ଘେରା ମଧ୍ୟରେ ବୋହିଯାଉଥିବା ଏକ ଚିରସ୍ରୋତା ଝରଣାର ପାଣି ପାହାଡ଼ ଉପରୁ ପ୍ରାୟ ୧୦୦ ଫୁଟ ତଳକୁ ପଡୁଛି, ଯାହା ଅତ୍ୟନ୍ତ ମନୋରମ। ବର୍ଷସାରା ଏହି ଜଳପ୍ରପାତରୁ ପାଣି ପଡୁଛି। ଏଠାକାର ସୌନ୍ଦର୍ଯ୍ୟ ଥରେ ଦେଖିଲେ ମୁହଁ ଫେରାଇବାକୁ ଇଚ୍ଛା ହୁଏନାହିଁ। ଉପରେ କଳା ମୁଗୁନି ପଥରର ଚଟାଣ, କୁଳୁକୁଳୁ ନାଦରେ ବୋହି ଯାଉଥିବା ଝରଣା ପାଣିର ଶବ୍ଦ, ଚତୁଃପାଶ୍ୱର୍ରେ ସବୁଜିମା। ଏ ସବୁକିଛି ପ୍ରକୃତିପ୍ରେମୀଙ୍କ ମନରେ ଶିହରଣ ସୃଷ୍ଟି କରେ। ସେଥିପାଇଁ ଏଠାକୁ ଆଖପାଖ ଅଞ୍ଚଳରୁ ବହୁ ଲୋକ ଆସନ୍ତି। ଉପଭୋଗ କରନ୍ତି। କିନ୍ତୁ କୌଣସି ସୁବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଭଳି ଏକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଜଳପ୍ରପାତ ସମ୍ପୂର୍ଣ୍ଣ ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ପ୍ରଥମତଃ ମୁଖ୍ୟ ରାସ୍ତାରୁ ଜଳପ୍ରପାତକୁ ସଂଯୋଗ କରୁଥିବା ରାସ୍ତା ଗମନାଗମନ ପାଇଁ ବାଧକ ସାଜିଛି। ଜଳପ୍ରପାତ ଚାରିପାଖରେ ରେଲିଂ ନ ଥିବାରୁ ପର୍ଯ୍ୟଟକଙ୍କ ପାଇଁ ବିପଦ ରହିଛି। ପରିଷ୍କାର ପରିଚ୍ଛନ୍ନତା କଥା ନ କହିବା ଭଲ। କିଛି ମଦ୍ୟପ ତଥା ଅସାମାଜିକ ବ୍ୟକ୍ତି ସେଠାରେ କାଚ ବୋତଲ ପକାଇ ଦେଉଛନ୍ତି। ବିଦ୍ୟୁତ ସଂଯୋଗ ନାହିଁ। ଜଳପ୍ରପାତ ପର୍ଯ୍ୟନ୍ତ ଝରଣାର ରକ୍ଷଣାବେକ୍ଷଣ ଅଭାବରୁ ପୋତି ହୋଇଯାଉଛି। ଏଭଳି ଅନେକ ଅବ୍ୟବସ୍ଥା ଭିତରେ ହଜିଯାଉଛି ଏହି ଜଳପ୍ରପାତ। ଏଠାକୁ ରାସ୍ତା ନିର୍ମାଣ, ଜଳପ୍ରପାତ ଚାରିପାଖରେ ରେଲିଂ, ବିଦ୍ୟୁତ ସଂଯୋଗ, ପରିଷ୍କାର ପରିଚ୍ଛନ୍ନତା, ଝରଣାକୁ ସଫା କରି ତା କୂଳରେ ରେଲିଂ, ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମ କକ୍ଷ ଆଦି ସୁବିଧା କରାଗଲେ ଏଠାକୁ ବିଭିନ୍ନ ସ୍ଥାନରୁ ଶହ ଶହ ପର୍ଯ୍ୟଟକ ଆସନ୍ତେ। ଏ ନେଇ ସାତକୋଶିଆ ଡିଏଫଓ କହିଛନ୍ତି ଏଭଳି ସ୍ଥାନଗୁଡ଼ିକୁ ଇକୋ ଟୁରିଜିମରେ ସାମିଲ କରି ଉନ୍ନତି କରାଯିବ। ଏହି ଜଳପ୍ରପାତର ଉନ୍ନତି ପାଇଁ ଜିଲ୍ଲା ଖଣିଜ ପାଣ୍ଠିରୁ ପ୍ରାୟ ୩୫ଲକ୍ଷ ଟଙ୍କା ଖର୍ଚ୍ଚ ପାଇଁ ପ୍ରସ୍ତାବ ଦିଆଯାଇଛି। ସ୍ଥାନୀୟ ବିଧାୟକଙ୍କ ପାଣ୍ଠିରୁ ମଧ୍ୟ ୨୦ଲକ୍ଷ ଟଙ୍କା ଅନୁଦାନ ପାଇଁ ଅନୁରୋଧ କରାଯାଇଛି ବୋଲି ପ୍ରଶାସନିକ ସୂତ୍ରରୁ ଜଣାପଡ଼ିଛି। ଅନୁଗୋଳ ଜିଲ୍ଲାରେ ଗଦଗଦା ଜଳପ୍ରପାତ ଭଳି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ବହୁ ସ୍ଥାନ ଲୁକ୍କାୟିତ ଅବସ୍ଥାରେ ରହିଛି। ସେଗୁଡ଼ିକୁ ଚିହ୍ନଟ କରି ବିକାଶ କଲେ ଜିଲ୍ଲାରେ ପର୍ଯ୍ୟଟନର ବିକାଶ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

# ଏସ୍‌ଭିଏମ୍‌ରେ ୩୯ତମ କ୍ରୀଡ଼ା ଉତ୍ସବ



**ନାଲକୋ ନଗର,୫ ।୧୨(ସମିସ):** ନାଲକୋ ନଗର ସରସ୍ୱତୀ ବିଦ୍ୟାମନ୍ଦିର (ଏସ୍‌ଭିଏମ୍)ର ୩୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଶ୍ୱଜିତ ତ୍ରୀପାଠୀଙ୍କ ତତ୍ତ୍ୱାବଧାନରେ ୩ ଦିନ ଧରି ଖେଳକୁଦ ପ୍ରତିଯୋଗିତା ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନାଲକୋ ସିପିପି ସିଜିଏମ ସତ୍ୟବାଦୀ ମିଶ୍ର, ସମ୍ମାନିତ ଅତିଥି ଭାବେ ସିଜିଏମ (କୋଲ ଆଣ୍ଡ ଆଶ) ଶୁଭେନ୍ଦୁ ଘୋଷ, ବିଦ୍ୟାଭାରତୀର ଅଖିଳ ଭାରତୀୟ କବାଡ଼ି ସଂଯୋଜକ ବିଭୂତି ଭୂଷଣ ଦାଶ, ପୂର୍ବତନ ଭାରାପ୍ରାପ୍ତ ଅଧ୍ୟକ୍ଷା ସସ୍ମିତା ମହାନ୍ତି ଓ ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ପ୍ରାନ୍ତ କ୍ରୀଡ଼ା ସଂଯୋଜକ ସଞ୍ଜୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅନ୍ତର୍ଜାତୀୟ ମାଷ୍ଟର ଆଥଲେଟ ତଥା ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ପ୍ରକାଶ କୁମାର ଗଡ଼ନାୟକ ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ଗଦାଧର ପାଣିଗ୍ରାହୀ ବାର୍ଷିକ କ୍ରୀଡ଼ା ବିବରଣୀ ପାଠ କରିଥିଲେ। ରାଜ୍ୟ ସ୍ତରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ, ବିଭିନ୍ନ କ୍ରୀଡ଼ାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଏବଂ ଚାମ୍ପିଅନ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ନୃତ୍ୟ ଶିକ୍ଷୟିତ୍ରୀ ସୁଜାତା ସାହୁଙ୍କ ନିର୍ଦ୍ଦେଶନାରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ "ଯୁଗେ ଯୁଗେ ଜଗନ୍ନାଥ" ପରିବେଷଣ କରାଯାଇଥିଲା। ଶିକ୍ଷକ ବିଚିତ୍ରାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସରପ୍ରାପ୍ତ କର୍ମଚାରୀଙ୍କ ବିୟୋଗରେ ଶୋକ



**କିଶୋରନଗର,୫ ।୧୨(ସମିସ):** କିଶୋରନଗର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ କନିଷ୍ଠ କିରାଣି ବଳରାମ ପ୍ରଧାନଙ୍କର ୮୬ ବର୍ଷ ବୟସରେ ସୋମବାର ତାଙ୍କ ଷଣ୍ଢପାଳସ୍ଥିତ ବାସଭବନରେ ପରଲୋକ ହୋଇଛି। ସେ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିଲେ। ବଳରାମଙ୍କ ଦେହାନ୍ତରେ ବିଦ୍ୟାଳୟର ପୁରାତନ ଛାତ୍ରସଂସଦ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଛାତ୍ରସଂସଦ ସଭାପତି ଡା. ଅଲେଖ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପବିତ୍ର ମୋହନ ପ୍ରଧାନ, ଖଗେଶ୍ୱର ସାହୁ, କ୍ଷୀରୋଦ କୁମାର ପ୍ରଧାନ, ରାମଚନ୍ଦ୍ର ଦେହୁରୀ, ରାଜେନ୍ଦ୍ର ଦେହୁରୀ, ଉପେନ୍ଦ୍ର ପ୍ରଧାନ, ସଂଗ୍ରାମ କେଶରୀ ପୃଷ୍ଟି, ବିଜୟ କୁମାର ସାହୁ, କାଶୀନାଥ ପ୍ରଧାନ ପ୍ରମୁଖ ଯୋଗଦେଇ ବଳରାମଙ୍କ ସ୍ମୃତିଚାରଣ କରିଥିଲେ। ଛାତ୍ରସଂସଦ ସମ୍ପାଦକ ଦେବରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କିଶୋରନଗର ଉଚ୍ଚ ବିଦ୍ୟାଳୟରେ ମଧ୍ୟ ବଳରାମଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଛି।

# କିଷାନ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର



**ଅନୁଗୋଳ,୫ ।୧୨(ସମିସ):** ରାଜ୍ୟ ତଥା ଅନୁଗୋଳ ଜିଲ୍ଲାର ଚାଷୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଅନୁଗୋଳ ଜିଲ୍ଲା କଂଗ୍ରେସ କୃଷକ ସେଲ ସଭାପତି ସୌମେନ୍ଦ୍ର ଦେହୁରୀଙ୍କ ନେତୃତ୍ୱରେ ଗୁରୁବାର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଧାନକିଣାରେ କଟନି ଛଟନି ବନ୍ଦ, ବନ୍ୟଜନ୍ତୁଙ୍କ ଦ୍ୱାରା ହେଉଥିବା ବ୍ୟାପକ ଫସଲ କ୍ଷତି, ଫସଲ ବୀମାରେ ଥିବା ଅସଙ୍ଗତି ଦୂର କରି ଚାଷୀ ପରିବାରକୁ ସ୍ୱାସ୍ଥ୍ୟବୀମାଭୁକ୍ତ କରିବା ଓ ୫୫ ବର୍ଷ ପରେ ଚାଷୀ ଓ ଭାଗଚାଷୀଙ୍କୁ ମାସିକ ୧୦ ହଜାର ଟଙ୍କା ଭତ୍ତା ପ୍ରଦାନ କରିବାକୁ ଦାବି କରାଯାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ସମସ୍ୟାଗୁଡ଼ିକର ସମାଧାନ ନ କଲେ ଦଳ ପକ୍ଷରୁ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦିଆଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ଅମ୍ବିକା ପ୍ରସାଦ ଭଟ୍ଟ, ପ୍ରଫୁଲ୍ଲ ଦାସ, ରାଜ୍ୟ କୃଷକ ସେଲ ସଂଯୋଜକ ଦାଶରଥି ସାହୁ, ବରିଷ୍ଠ ନେତା ଗୋପାଳ ନାଥ, ସନନ୍ତ କୁମାର ପ୍ରଧାନ, ଶିଶିର କୁମାର ପାଳ, ବସନ୍ତ କୁମାର ବିଶୋୟୀ, ଅର୍ଜୁନ ଦେହୁରୀ, ପଞ୍ଚାନନ ବେହେରା, ସାରଙ୍ଗ ଦେହୁରୀ, ସତ୍ୟବ୍ରତ ଗଡ଼ନାୟକ, ସନ୍ତୋଷ ମହାରଣା ପ୍ରମୁଖ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ପୂର୍ବ ସୈନିକ ସଂଘ ପକ୍ଷରୁ ପିଟିସି ପଡ଼ିଆ ସଫେଇ

**ଅନୁଗୋଳ,୫ ।୧୨(ସମିସ):** ଅନୁଗୋଳ ସହରରେ ଖେଳପଡ଼ିଆଗୁଡ଼ିକ ସନ୍ଧ୍ୟା ହେଲେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ମଦ୍ୟପମାନେ ମଦ ପିଇ ବୋତଲ, ଗ୍ଲାସ୍ ଆଦି ଫିଙ୍ଗି ଅଳିଆ କରୁଛନ୍ତି। ଫଳରେ ଖେଳାଳିଙ୍କୁ ଅସୁବିଧା ହେଉଛି। ଏହି ସମସ୍ୟା ସମାଧାନ ପାଇଁ ଅନୁଗୋଳ ପୂର୍ବ ସୈନିକ ସଂଘ (ଏଡିଭି) ପକ୍ଷରୁ ସଭାପତି ଅନିଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ଦଳ ସ୍ଥାନୀୟ ପିଟିସି ପଡ଼ିଆ ସଫେଇ କରି ଆବର୍ଜନା ହଟାଇଥିଲେ। ଏଥିରେ ସଂଘ ସଦସ୍ୟମାନଙ୍କ ସହ ଅଗ୍ନିବୀର ପାଇଁ ସଂଘ ପକ୍ଷରୁ ପ୍ରଶିକ୍ଷଣ ନେଉଥିବା ଯୁବକମାନେ ସାମିଲ ହୋଇଥିଲେ।



# ଦୁଇଜଣଙ୍କୁ ମାରିଲେ ହାତୀ, ଗ୍ରାମରେ ଉତ୍ତେଜନା

**ଛେଣ୍ଡିପଦା,୫ ।୧୨(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ ଜୋରାଡ଼ଙ୍ଗା ଗାଁରେ ଗୋଟିଏ ଦିନରେ ଦୁଇ ଜଣଙ୍କୁ ମାରିଛନ୍ତି ହାତୀପଲ। ଫଳରେ ଗାଁରେ ଭୟର ବାତାବରଣ ଖେଳିଯାଇଛି। ଏ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ହାତୀ ଆକ୍ରମଣରେ ଜୋରଡ଼ଙ୍ଗା ଗାଁର ଚେରୁ ଦେହୁରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ରଜନୀ ବେହେରାଙ୍କ ମୃତ୍ୟୁ ହୋଇଛି। ଚେରୁ ଗାଁ ନିକଟ ବିଲ ମାଳକୁ ଶୌଚ ପାଇଁ ଯାଉଥିବା ବେଳେ ହାତୀପଲ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀପଲ ତାଙ୍କୁ କଚାଡ଼ି ଦେଇଥିଲେ। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ସେହିପରି କିଛିଦୂରରେ ରଜନୀ ମଧ୍ୟ ଥିଲେ। ତାଙ୍କୁ ମଧ୍ୟ ହାତୀପଲ ଆକ୍ରମଣ କରିଥିଲେ। ସେ ଗୁରୁତର ଅବସ୍ଥାରେ ସେଠାରେ ପଡ଼ି ରହିଥିଲେ। ହାତୀପଲ ଥିବାରୁ ସ୍ଥାନୀୟ ଲୋକେ ଉଦ୍ଧାର କରିବା ସାହସ କରିପାରି ନ ଥିଲେ। ଖବର ପାଇଁ ଛେଣ୍ଡିପଦା ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀପଲଙ୍କୁ ଘଉଡ଼ାଇବା ପରେ ଗୁରୁତର ରଜନୀଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ତାଙ୍କ ମୃତ୍ୟୁ ହୋଇଛି। ଦୀର୍ଘଦିନ ହେବ ଜଙ୍ଗଲ ପାଶ୍ୱର୍ବର୍ତ୍ତୀ ଗାଁ ନିକଟରେ ଏକ ୧୬ଟିକିଆ ହାତୀପଲ ରହୁଥିବା ବେଳେ ବନବିଭାଗର ଅପାରଗତା ଯୋଗୁଁ ଗାଁର ଦୁଇଜଣଙ୍କ ଜୀବନ ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଫରେଷ୍ଟର ସୁଶାନ୍ତ ନାଏକ ଓ ବନ କର୍ମଚାରୀ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଛେଣ୍ଡିପଦା ବନାଞ୍ଚଳ ସୀମା ମଧ୍ୟରେ ଚେରୁ ଦେହୁରୀଙ୍କର ମୃତ୍ୟୁ ହୋଇଥିବା ବେଳେ ରଜନୀ ବେହେରାଙ୍କର କୁଣ୍ଢେଇଗୋଳା ବନାଞ୍ଚଳ ସୀମାରେ ମୃତ୍ୟୁ ହୋଇଥିଲା। ଏନେଇ ଉଭୟ ବନାଞ୍ଚଳ କର୍ତ୍ତୃପକ୍ଷ ସରକାରୀ ନିୟମ ଅନୁଯାୟୀ ଥିବା ଅନୁକମ୍ପା ରାଶିରୁ ଶୁଦ୍ଧିକ୍ରିୟା ପାଇଁ ୧ ଲକ୍ଷ ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ପ୍ରୟାଗରାଜରୁ ସାଇବର ଠକ ଗିରଫ

**ଅନୁଗୋଳ,୫ ।୧୨(ସମିସ):** ଏକ ବଡ଼ ସାଇବର ଠକେଇର ମୁଖ୍ୟକୁ ଅନୁଗୋଳ ପୁଲିସ ପ୍ରୟାଗରାଜରୁ ଗିରଫ କରିଛି। ଏ ନେଇ ଶୁକ୍ରବାର ସ୍ଥାନୀୟ ସାଇବର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ଡିଏସପି ଯାଜ୍ଞସେନୀ ବେହେରା, ଇନ୍ସପେକ୍ଟର ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ୨୦୨୫ ଅକ୍ଟୋବର ୧୦ ତାରିଖ ଅପରାହ୍ନ ପ୍ରାୟ ସାଢ଼େ ୧୨ରେ ଅନୁଗୋଳ ଜିଲ୍ଲା ନିଶା ଥାନା କଙ୍କରାଇ ଗାଁର ସୁକାନ୍ତ କୁମାର ପ୍ରଧାନଙ୍କ ପାଖକୁ ଆରଟିଓ ଚାଲାଣ ନାମରେ ଏକ ଏପିକେ ଫାଇଲ ଆସିଥିଲା। ସୁକାନ୍ତ ଏହାକୁ ଖୋଲି ଇନ୍‌ଷ୍ଟଲ କରିଦେବା ମାତ୍ରେ ତାଙ୍କ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଆକାଉଣ୍ଟରୁ ମୋଟ ୭ ଲକ୍ଷ ୨୦ ହଜାର ଟଙ୍କା କଟି ଯାଇଥିଲା। ସୁକାନ୍ତ ସାଇବର ଠକେଇର ଶିକାର ହୋଇଥିବା ଜାଣି ସାଇବର ଥାନା ଦ୍ୱାରସ୍ଥ ହୋଇଥିଲେ। ଥାନାଧିକାରୀ ଘଟଣାର ତଦନ୍ତ କରି ଉତ୍ତରପ୍ରଦେଶ ପ୍ରୟାଗରାଜ ଥାନା ଜଲାଲପୁରର ମହମ୍ମଦ ଆଦିଲକୁ ଗିରଫ କରିଥିଲେ। ତା'ଠାରୁ ମୋବାଇଲ ଫୋନ୍, ବିଲ୍, ଏଟିଏମ୍, ଡିଏଲ୍, ପ୍ୟାନ, ଆଧାର କାର୍ଡ ଆଦି ଜବତ କରାଯାଇଛି। ଗିରଫ ଠକକୁ କୋର୍ଟ ଚାଲାଣ କରାଯାଇଛି। ଏହି ଅପରେସନରେ ଇନ୍ସପେକ୍ଟର ସନ୍ତୋଷ ଜେନା, କନଷ୍ଟେବଳ ଅନିଲ ସାହୁ, ରୋହିତ କୁମାର ମାଝୀ ଓ ସୌମ୍ୟରଞ୍ଜନ ମାଝୀ ପ୍ରମୁଖ ସାମିଲ ଥିଲେ।



# ବିଶ୍ୱ ମୃତ୍ତିକା ଦିବସ ପାଳିତ




ଅନୁଗୋଳ,୫ ।୧୨(ସମିସ)

ମାଟି ହେଉଛି ଈଶ୍ୱରଙ୍କ ଅମୂଲ୍ୟ ବରଦାନ, ଯାହା ଜୀବଜଗତ ସୃଷ୍ଟିର ମୂକସାକ୍ଷୀ ଏବଂ ମାନବ ସଭ୍ୟତାର ଅଗ୍ରଗତି ସହ ଗଭୀର ଭାବରେ ସଂଶ୍ଳିଷ୍ଟ। ମାଟି ସହ ଜଙ୍ଗଲ, ଜୈବବିବିଧତା, ସଂସ୍କୃତି, କୃଷି ଏବଂ ଜୀବନଜୀବିକାର ସମ୍ପର୍କ ଅତି ନିବିଡ଼ ଓ ପରସ୍ପର ନିର୍ଭରଶୀଳ। ମାଟିର ଉପଯୁକ୍ତ ସୁରକ୍ଷା ଓ ଚିରସ୍ଥାୟୀ ପରିଚାଳନା ଦ୍ୱାରା ଆମ ପରବର୍ତ୍ତୀ ପିଢ଼ି ପାଇଁ ଏକ ସୁସ୍ଥ ଏବଂ ସ୍ଥାୟୀ ପରିସଂସ୍ଥା ସମ୍ଭବ ବୋଲି ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ଅତିଥିମାନେ ମତପ୍ରକାଶ କରିଛନ୍ତି।

ସାମାଜିକ ଅନୁଷ୍ଠାନ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ଉଦ୍ୟମରେ ଟାଇଁସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ମନସ୍ୱିନୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ତଥା ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁଶୀଲ କୁମାର ପ୍ରଧାନ ଯୋଗଦେଇ ମାଟିର ସୃଷ୍ଟି, ମୃତ୍ତିକା କ୍ଷୟର ବିଭିନ୍ନ କାରଣ, ମାଟିର ଉର୍ବରତା ନଷ୍ଟ ହେବାର କାରଣ ଆଦି ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଶିକ୍ଷକ ଭାଗ୍ୟରଥୀ ପ୍ରଧାନ, ପ୍ରକୃତିପ୍ରେମୀ ରବୀନ୍ଦ୍ର ସାହୁ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ପୂଜା ପ୍ରିୟଦର୍ଶିନୀ, ତରୁଲତା ସାହୁ, ପ୍ରେମଲତା ସାହୁ, ସୁପ୍ରଭା ନାୟକ, ଅଧ୍ୟାପକ ବିକ୍ରମ କୁମାର ସାହୁ ଏବଂ କୃପାସିନ୍ଧୁ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୃତ୍ତିକା ସଂରକ୍ଷଣ, କୃଷି କାର୍ଯ୍ୟରେ ମୃତ୍ତିକାର ସଠିକ ପରିଚାଳନା, ଜୈବିକ କୃଷିର ଉପାଦେୟତା ଏବଂ ଜଙ୍ଗଲ ପୋଡ଼ିରେ ମୃତ୍ତିକା କ୍ଷୟ ଓ ନଷ୍ଟ ସମ୍ବନ୍ଧରେ ସଚେତନ କରିଥିଲେ। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ସଂଯୋଜକ ସୁବ୍ରତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମାଟି ଓ ପରିବେଶ ପ୍ରଦୂଷଣ ଏବଂ ନିରାକରଣ ପ୍ରସଙ୍ଗ ଉପରେ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଶେଷରେ ଓପନ କୁଇଜ୍ ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ବିନୟ କୁମାର ସାହୁ, ବାଦଲ ସାହୁ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା।

# ଟ୍ରକ୍ ପଛରେ ବାଇକ୍ ଧକ୍କା; ଆରୋହୀ ମୃତ

**ଛେଣ୍ଡିପଦା,୫ ।୧୨(ସମିସ):** କଟକ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥର ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା କତଡ଼ାଠାରେ ଟ୍ରକ ପଛରେ ବାଇକ୍ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣେ ଆରୋହୀଙ୍କ ମୃତ୍ୟୁ ହୋଇଛି। ଅନ୍ୟ ତିନିଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କିଶୋରନଗର ଥାନା ଭବର୍ତ୍ତୀପାଲିର ସୁମନ୍ତ ମାହାର ଓ ଗୁରୁତରମାନେ ହେଲେ ରୋହିତ ମାହାର, ଆକାଶ ମାହାର ଓ ପରଦେଶୀ ମାହାର। ଗୋଟିଏ ବାଇକ୍‌ରେ ଏହି ୪ ଯୁବକ ଜରପଡ଼ା ଆଡ଼କୁ ଆସୁଥିବାବେଳେ ରାସ୍ତାରେ ପାଣି ଦେଉଥିବା ଏକ ଟ୍ୟାଙ୍କର ପଛରେ ଧକ୍କା ହୋଇଥିଲା।

ଲେଲିହାନ ଶିଖା

ସେବା, ତ୍ୟାଗ, ମୂଲ୍ୟବୋଧ ରାଜନୀତିର ମୂର୍ତ୍ତିମନ୍ତ ପ୍ରତୀକ

ସ୍ୱର୍ଗତ ରବି ଲାବଣ୍ୟ



'ସକାଳ' ଖବର କାଗଜର ସ୍ୱନକ୍ଷତ୍ର ଦିବସ ଅବସରରେ ପ୍ରଚଣ୍ଡ ସ୍ୱାଭିମାନୀ, ନିର୍ଭିକ, ସ୍ପଷ୍ଟବାଦୀ, ଓଡିଆ ପ୍ରାଣ, ସମାଜବାଦୀ, ମହାନ ବିପ୍ଳବୀ ଜନନେତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଅମ୍ଳାନ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ।

ନିବେଦକ

'ବନ୍ଦେ ଉତ୍କଳ ଜନନୀ'

# ମହାବିଦ୍ୟାଳୟରେ ବେଟି ବଚାଓ, ବେଟି ପଢ଼ାଓ କର୍ମଶାଳା

**ରାଜନଗର, ୫।୧୨(ସମିସ):** ରାଜନଗରସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ବେଟି ବଚାଓ, ବେଟି ପଢ଼ାଓ କର୍ମଶାଳା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର ଯୋଗଦେଇ ନାରୀ ଶିକ୍ଷା କ୍ଷେତ୍ରରେ କିପରି ଆଗୁଆ ରହୁଛନ୍ତି, ଚାକିରି କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି ସେ ବିଷୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜନଗର ସରପଞ୍ଚ ସଙ୍ଗୀତା ମହାପାତ୍ର, ରାଜନଗର ସିଡିପିଓ ଦୀପାଳି ମିଶ୍ର ଯୋଗଦେଇଥିଲେ। ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଡ. ଆଲୋକ ବେହେରା ମହିଳାଙ୍କ ରାଜନୈତିକ ଅଧିକାର ଓ ସାମାଜିକ ସୁରକ୍ଷା ବିଷୟରେ ସଚେତନ କରାଇଥିଲେ। ଅର୍ଥନୀତି ବିଭାଗ ଅଧ୍ୟାପକ ଅଭିଜିତ ଖୁଣ୍ଟିଆ ଅର୍ଥନୈତିକ ଅଧିକାର ଓ କନ୍ୟା ଶିକ୍ଷା ଦିଗରେ ସରକାରୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଆକ୍ସିସ୍ ବ୍ୟାଙ୍କ୍ ଶାଖା ପରିଚାଳକ ବଳଭଦ୍ର ଦାସ ବିଭିନ୍ନ ଅର୍ଥନୈତିକ କଲ୍ୟାଣ ଯୋଜନା ବିଶେଷକରି ସୁକନ୍ୟା ଯୋଜନାରେ କିପରି ଅଭିଭାବକମାନେ ଲାଭ ଉଠାଇ ପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ରାଜଶ୍ରୀ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



## ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷଙ୍କ କେନ୍ଦ୍ରାପଡ଼ା ଗସ୍ତ

# ଛତୁଆ ଗୁଣମାନ ଯାଞ୍ଚ ପାଇଁ ସ୍ୱତନ୍ତ୍ର ଟିମ୍

କେନ୍ଦ୍ରାପଡ଼ା, ୫।୧୨(ସମିସ)

ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଶୁକ୍ରବାର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳ କାର୍ଯ୍ୟାଳୟ ପରିସର ସଦଭାବନା ସଭାଗୃହରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଥିଲେ। ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ପୌରୋହିତ୍ୟରେ ବୈଠକ ହୋଇଥିଲା। ଏଥିରେ ଅଧ୍ୟକ୍ଷ ସାହୁ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ-୨୦୧୩ ଅନୁଯାୟୀ ଯୋଗ୍ୟତା ଆଧାରରେ ରାସନକାର୍ଡ ବଣ୍ଟନ ସୁନିଶ୍ଚିତ କରିବା ଓ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଗ୍ୟ ହିତାଧିକାରୀ କୌଣସି ପ୍ରକାରେ ବଞ୍ଚିତ ହେବା ଉଚିତ୍ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ସେହିଭଳି ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ସମ୍ବନ୍ଧରେ ବି ଅଧ୍ୟକ୍ଷ କୌଣସି ଅନ୍ୟାୟ କିମ୍ବା ବିଳମ୍ବ ନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଛତୁଆ ପ୍ରସ୍ତୁତି ପ୍ରକ୍ରିୟା ଏବଂ ଗୁଣମାନ ଯାଞ୍ଚ ପାଇଁ ସ୍ୱତନ୍ତ୍ର ଟିମ ଗଠନ କରିବାକୁ ଗୁରୁତ୍ୱ ଦିଆଯାଇଛି। ଅଙ୍ଗନବାଡ଼ି କେନ୍ଦ୍ର, ଆଶ୍ରମ ବିଦ୍ୟାଳୟ, ମଧ୍ୟାହ୍ନଭୋଜନ ଏବଂ ସ୍କୁଲ ଡ୍ରପଆଉଟ୍ ଛାତ୍ରଛାତ୍ରୀ ସମସ୍ୟା ଉପରେ ମଧ ଆଲୋଚନା ହୋଇଛି। ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।




## ଗୀତା ଜୟନ୍ତୀରେ ସାମୂହିକ ଗୀତାପାଠ



**ରାଜନଗର, ୫।୧୨(ସମିସ):** ରାଜନଗର ବ୍ଲକ ସଦର ମହକୁମାସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଗୀତା ଜୟନ୍ତୀ ଅବସରରେ ସାମୂହିକ ଗୀତାପାଠ କରାଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ଘନଶ୍ୟାମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ତନୁଶ୍ରୀ ମିଶ୍ର, ଅଧ୍ୟାପକ ନୀହାର ରଞ୍ଜନ ପରିଡ଼ା, ଆଦିତ୍ୟ ତ୍ରିପାଠୀଙ୍କ ସହ ଛାତ୍ରଛାତ୍ରୀମାନେ ଗୀତାପାଠ କରିଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ଆଳତି କରାଯାଇଥିଲା। ଅରୁଣ କୁମାର ରାଉତ, ଦୟାନିଧି ସାହୁ, ରବିନାରାୟଣ ଦାସ, ସାମ୍ବାଦିକ ଅଭିରାମ ଦାସ ସହଯୋଗ କରିଥିଲେ।

## ଭିନ୍ନକ୍ଷମ ଶିବିରରେ ଫଲ୍ସ ଖାଦ୍ୟ ବିଲ୍ ଅଭିଯୋଗ

**କେନ୍ଦ୍ରାପଡ଼ା, ୫।୧୨(ସମିସ):** ଗରଦପୁର ବ୍ଲକରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ନାଁରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ହୋଟେଲ ନ ଥିବା ସତ୍ତ୍ୱେ ବିଲ୍ କରାଯାଇଥିବାରୁ ପ୍ରଶାସନିକ ବ୍ୟୟ ସମ୍ପର୍କରେ ସନ୍ଦେହ ବଢ଼ିଛି। ହୋଟେଲ ନାହିଁ, ମାଛ ମିଲ ନାମରେ ୧୨ ହଜାର ବିଲ୍ କରାଯାଇଛି। କଳାବୁଦା ଅଞ୍ଚଳରେ ହୋଟେଲ ଆନନ୍ଦ ନାମର କୌଣସି ହୋଟେଲ ନ ଥିବା ସତ୍ତ୍ୱେ ଚଳିତବର୍ଷ ଜାନୁଆରୀ ୧୦ରେ ନୈନ୍ଦିପୁର ସ୍କୁଲ ପଡ଼ିଆରେ ଆୟୋଜିତ ଭିନ୍ନକ୍ଷମ ଶିବିର ପାଇଁ 'ସ୍ପେଶାଲ ମାଛ ମିଲ' ବିଲ୍ କଟାଯାଇଛି। ଏହି ବିଲରେ ୧୨୦ ଓ ୧୦୦ ଟଙ୍କାର ମାଛ ମିଲ ପାଇଁ ୧୨ ହଜାର ଟଙ୍କା ଖର୍ଚ୍ଚ ଦର୍ଶାଇଯାଇଛି। ସେହିପରି ଗରଦପୁର ବଜାରରେ ଶ୍ରୀ ଗଣେଶ ସୁଇଟ୍ସ ନାମରେ କୌଣସି ଷ୍ଟଲ/ହୋଟେଲ ନ ଥିଲେ ମଧ୍ୟ ୨୦ ଟଙ୍କା ଲେଖାଏଁ ୪୦୦ଟି ଟିଫିନ ପ୍ୟାକେଟ ପାଇଁ ୮, ୦୦୦ ଟଙ୍କା, ୩୦ ଟଙ୍କାର ୧୫୦ଟି ସ୍ୱତନ୍ତ୍ର ପ୍ୟାକେଟ ୧୨, ୫୦୦ ଟଙ୍କା ବିଲ୍ ଦର୍ଶାଇଯାଇଛି। ହୋଟେଲ ନ ଥାଇ ବିଲ୍ କିପରି ହେଲା, କାହା ପକେଟକୁ ଗଲା ସେହି ଟଙ୍କା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଞ୍ଚଳବାସୀ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ତଦନ୍ତ ହେଲେ କେତେ ଟଙ୍କା ହରିଲୁଟ ହୋଇଛି ସବୁ ସ୍ପଷ୍ଟ ହେବ ବୋଲି ମତ ପ୍ରକାଶ ପାଇଛି।


## ଜନମଞ୍ଚ ନେତା ପାରେଶ୍ୱର ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା

**ପଟ୍ଟାମୁଣ୍ଡାଇ, ୫।୧୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ଗଣସଂଗଠନ ଜନମଞ୍ଚ ପକ୍ଷରୁ ମଞ୍ଚର ପ୍ରତିଷ୍ଠାତା ସଦସ୍ୟ ପଟ୍ଟାମୁଣ୍ଡାଇ ଅଞ୍ଚଳର କୃଷକ ନେତା ପାରେଶ୍ୱର ବିଶ୍ୱାଳଙ୍କ ବିୟୋଗରେ ବେଲତଳ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଜନମଞ୍ଚ ଆବାହକ ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପ୍ରଫେସର ଉମାକାନ୍ତ ପାତ୍ର, କାଉନସିଲର ମଳୟ ଓଝା, ସର୍ବେଶ୍ୱର ସେଠୀ, ଅଭିରାମ ଲେଙ୍କା, କୃପାସିନ୍ଧୁ ସାମଲ, କାଳୀପ୍ରସାଦ ନାୟକ, ବାରେଣୀ ସେଠୀ, ବିଭୁପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳ କେନ୍ଦ୍ରାପଡ଼ା ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା, ମଦନପୁର କଟ୍ କାର୍ଯ୍ୟକାରୀ କରିବା ଆଦି ଦାବି ପୂରଣ ପାଇଁ ଆନ୍ଦୋଳନ କରିବା ସହ ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ସମସ୍ୟା ପାଇଁ ଲଢ଼େଇ କରି ଆସୁଥିଲେ ବୋଲି ମତ ପ୍ରକାଶ କରିଥିଲେ। ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତି ରକ୍ଷା ପାଇଁ କାର୍ଯ୍ୟକ୍ରମ କରାଯିବାକୁ ସଭାରେ ନିଷ୍ପତ୍ତି ହୋଇଛି। ପ୍ରାଧ୍ୟାପକ ସୁନୀଲ ପ୍ରଧାନ, ଅମୀୟ କର, ବାବାଜୀ ସାହୁ, କୁଞ୍ଜବିହାରୀ ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### କବି ମନୋରଞ୍ଜନ ଦାଶଙ୍କ ୧୧ତମ କବିତା ସଂକଳନ

## 'ବିଶ୍ୱର ଅସ୍ମିତା: କାଳିଆ ଠାକୁର' ଉନ୍ମୋଚିତ

**ପଟ୍ଟାମୁଣ୍ଡାଇ, ୫।୧୨(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରସିଦ୍ଧ କବି ଓ ପରିବେଶବିତ ଡା. ମନୋରଞ୍ଜନ ଦାଶଙ୍କ ଏକାଦଶ କବିତା ସଂକଳନ 'ବିଶ୍ୱର ଅସ୍ମିତା: କାଳିଆ ଠାକୁର' ଉନ୍ମୋଚିତ ହୋଇଛି। ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାବନ୍ଧିକ ଓ କଥାକାର ଡ. ନୀଳମଣି ଲେଙ୍କା ଯୋଗଦେଇ କହିଲେ ଭାବର ଠାକୁର ପ୍ରଭୁ ଜଗନ୍ନାଥ ହିଁ ଓଡ଼ିଆଙ୍କ ଗର୍ବ ଓ ସ୍ୱାଭିମାନ। କବି ଦାଶଙ୍କ ରଚନାରେ ଭକ୍ତି, ଅଭିବ୍ୟକ୍ତି ଓ ଆତ୍ମନିଷ୍ଠାର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ ବୋଲି କହିଥିଲେ। କବି ଗୌରହରି ବିଶ୍ୱାଳ କହିଲେ ଯେ ସମସ୍ତେ ଜଗନ୍ନାଥଙ୍କ ବିଷୟରେ ଲେଖିବାର ଯୋଗ୍ୟତା ରଖି ନ ଥାନ୍ତି। ବଳରାମ ଦାସଙ୍କ ପରମ୍ପରାୟ ଭଳି ଭକ୍ତିମୟ ସମ୍ବେଦନା କେବଳ ଦୃଢ଼ ଆତ୍ମବିଶ୍ୱାସ ଓ ଭକ୍ତିଶ୍ରଦ୍ଧା ଥିବା କବିଙ୍କ ମଧ୍ୟରେ ଦୀକ୍ଷିତ ହୁଏ। ଯାହା ଆଜି ଡା. ଦାଶଙ୍କ ନୂତନ ସଂକଳନରେ ପ୍ରତିଫଳିତ ହୋଇଛି ବୋଲି କହିଥିଲେ। କବୟିତ୍ରୀ ମିନାକୁମାରୀ ସିଂହ ଓ ଗୀତାଞ୍ଜଳି ଦାଶ କବିତାଗୁଡ଼ିକର ସମୀକ୍ଷା କରିଥିଲେ। କବୟିତ୍ରୀ ଅନୀତା ନନ୍ଦୀ, ଜ୍ୟୋତିର୍ମୟୀ ନନ୍ଦୀ, ସୁଜିତ ରାଉତ, ବିଶ୍ୱଜିତ୍ ଦାଶ, ବଲ୍ଲଭ ଗୋଛାୟତ କବିତା ଆବୃତ୍ତି କରିଥିଲେ। ଅଭିରାମ ରାୟ ସ୍ୱାଗତ ସୂଚନା ଓ ଶ୍ୟାମସୁନ୍ଦର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।



## ବିପ୍ଳବୀ ଆନନ୍ଦ ଚନ୍ଦ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

**ରାଜକନିକା, ୫।୧୨(ସମିସ):** ରାଜକନିକା ବ୍ଲକ ଡାଳିକାଏନ୍ଦାର ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଙ୍ଘ ତରଫରୁ ଆୟୋଜିତ ହେଉଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆସନ୍ତା ୨୬ ତାରିଖରୁ ଆରମ୍ଭ ହୋଇ ଜାନୁଆରୀ ୪ରେ ଉଦଯାପିତ ହେବ। ଟୁର୍ଣ୍ଣାମେଣ୍ଟର ସଫଳତା ପାଇଁ ଗୁରୁବାର ଅପରାହ୍ନରେ ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି କନିକା ଭାସ୍କର ଡାଳିକାଏନ୍ଦା ରତ୍ନ ଡ. ହୟଗ୍ରୀବ ଗୁରୁଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଥିବ ୫ ଟିମ୍‌ର କ୍ୟାପ୍ଟେନଙ୍କ ସହ କ୍ଲବ ସଦସ୍ୟମାନେ ଯୋଗଦେଇ ଶୃଙ୍ଖଳିତ ଟୁର୍ଣ୍ଣାମେଣ୍ଟ ପରିଚାଳନା ପାଇଁ ଗୁରୁତ୍ୱାରୋପ କରିଥିଲେ। ଡିସେମ୍ବର ୨୫ ଅପରାହ୍ନରେ ଟ୍ରଫି ଉନ୍ମୋଚିତ ହେବା ସହ ସନ୍ଧ୍ୟାରେ ମେଲୋଡି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଛି। କୈଳାସ ଚନ୍ଦ୍ର ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ସୁବର୍ଣ୍ଣ ଜୟନ୍ତୀ କମିଟି କାର୍ଯ୍ୟକାରୀ ସଭାପତି ବିଦ୍ୟାଧର ବେହେରା, ଉପସଭାପତି ନିଗମାନନ୍ଦ ସାହୁ, କୋଷାଧ୍ୟକ୍ଷ ବସୁଦେବ ସ୍ୱାଇଁ, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ସହ ସମ୍ପାଦକ ପ୍ରେମାନନ୍ଦ ବିଶ୍ୱାଳ, ସମିତି ସଭ୍ୟ ଅମିତ ନାୟକ, ଗ୍ରାମ ସଭାପତି ରବୀନ୍ଦ୍ର ସ୍ୱାଇଁ, ଉପଦେଷ୍ଟା ରମେଶ ନାୟକ, ଅନିରୁଦ୍ଧ ସେଠୀ, ପରେଶ ରାଉତ ପ୍ରମୁଖ ଯୋଗଦେଇଥିଲେ। ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଙ୍ଘ ସଭାପତି ପ୍ରମୋଦ ରାଉତ, ଉପସଭାପତି ପ୍ରକାଶ ବେହେରା, ସମ୍ପାଦକ ସରୋଜ ବେହେରା, ବିଶ୍ୱାମିତ୍ର ଜେନା, ସହ ସମ୍ପାଦକ ଅଜିତ କୁମାର ଗୁରୁ, ସଭ୍ୟ ପ୍ରଶାନ୍ତ ମହଲା, ପ୍ରେମାନନ୍ଦ ରାଉତ, ସୁବ୍ରତ ବେହେରା, ସୁମନ ସ୍ୱାଇଁ, ପିଣ୍ଟୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



## ସମାଜସେବୀଙ୍କ ପରଲୋକ

**ଗୋବିନ୍ଦପୁର, ୫।୧୨(ସମିସ):** ଆଳି ବ୍ଲକ ମାନପୁର ଗ୍ରାମର ସମାଜସେବୀ ବିଜୟ କୁମାର ମହାକୁଡ଼ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ, ଅନୁଷ୍ଠାନ ପ୍ରେମୀ, ତଥା ଅଞ୍ଚଳର ବିକାଶ ପାଇଁ ସର୍ବଦା କାର୍ଯ୍ୟ କରୁଥିବା ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ, ପ୍ରହ୍ଲାଦ ସାମଲ, ସତ୍ୟବତୀ ସାମଲ, ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ରାଜେନ୍ଦ୍ର ପାଣ୍ଡବ, ମନୋଜ କୁମାର ବୋଇତି, ସନ୍ତୋଷ ଦାସ, ପ୍ରଫୁଲ୍ଲ ସାମଲ, ରାଜେନ୍ଦ୍ର ପାତ୍ର, ଅଜୟ ମହାକୁଡ଼ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## କର୍କଟ ରୋଗୀଙ୍କୁ ସହାୟତା

**କେନ୍ଦ୍ରାପଡ଼ା, ୫।୧୨(ସମିସ):** କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟି ମୁଖ୍ୟ ଶାଖା ପକ୍ଷରୁ କେନ୍ଦ୍ରାପଡ଼ା ବ୍ଲକ ନିକିରାଇ ପଞ୍ଚାୟତର କର୍କଟ ରୋଗୀ ସରୋଜ ପଣ୍ଡାଙ୍କ ପତ୍ନୀ ସରୋଜିନୀ ତ୍ରିପାଠୀଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସରଲୋଜିନୀ ରକ୍ତ କର୍କଟରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଆୟୁଷ୍ମାନ ଯୋଜନାରେ ଥିବା ବୀମାରାଶି ଶେଷ ହୋଇଯାଇଛି। ଚିକିତ୍ସା ପାଇଁ ଅଧିକ ଅର୍ଥ ଆବଶ୍ୟକତା ଥିବା ଖବର ପାଇଁ ସୋସାଇଟି ସଭାପତି ପ୍ରମୋଦ ସାହୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସରୋଜିନୀ ବାଗଚୀ ହସ୍ପିଟାଲରେ ଚିକିତ୍ସାଧୀନ ଥିବାରୁ ଏହି ଆର୍ଥିକ ସହାୟତାକୁ ତାଙ୍କ ସ୍ୱାମୀ ସରୋଜ ସୋସାଇଟିର ମୁଖ୍ୟ କାର୍ଯ୍ୟାଳୟରୁ ସଭାପତି ସାହୁଙ୍କଠାରୁ ଗ୍ରହଣ କରିଥିଲେ। ସମିତିର ମୁଖ୍ୟ ଶାଖା ସାଧାରଣ ପରିଚାଳକ ମନୋଜ ସାହୁ ଓ ମୁଖ୍ୟ ଶାଖା ବରିଷ୍ଠ ପରିଚାଳକ ପଙ୍କଜ ମଲ୍ଲିକ ଉପସ୍ଥିତ ଥିଲେ।



## ନୂଆ ବିଡିଓଙ୍କୁ ସରପଞ୍ଚ ସଙ୍ଘର ସମ୍ବର୍ଦ୍ଧନା



**ରାଜନଗର, ୫।୧୨(ସମିସ):** ରାଜନଗର ବ୍ଲକ ସଦଭାବନା ସଭାଗୃହରେ ବ୍ଲକ ସରପଞ୍ଚ ସଙ୍ଘ ପକ୍ଷରୁ ନୂତନ ବିଡିଓ ତିଲୋତ୍ତମା ପୃଷ୍ଟିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିକ, ସରପଞ୍ଚ ସଙ୍ଘ ସଭାପତି ଅଶୋକ କୁମାର ମହାନ୍ତି, ସରପଞ୍ଚ ନିରଞ୍ଜନ ରାଉତ, ସଙ୍ଗୀତା ମହାପାତ୍ର, ସସ୍ମିତା ମହାନ୍ତି, ଚିତ୍ତରଞ୍ଜନ ପଣ୍ଡା, ଶୈଳେନ୍ଦ୍ର ମିଶ୍ର, ରାଣୀମଞ୍ଜରୀ ସେଠୀ, ଦ୍ରୌପଦୀ ସେଠୀ, ସମୀର ସେଠୀ, ବରିଷ୍ଠ ନେତା ଦେବେନ୍ଦ୍ର ଜେନା, ରଞ୍ଜନ ମହାନ୍ତି, ସରୋଜ ରାଉତ ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ ରାଜନଗର ବିଡିଓ ପଦ ଦୀର୍ଘଦିନ ଧରି ଖାଲି ପଡ଼ିଥିଲା। କେନ୍ଦ୍ରାପଡ଼ା ଏବିଡିଓ ଅନିରୁଦ୍ଧ ବେହେରା ଡେପୁଟେସନରେ ଆସି ଅସ୍ଥାୟୀ ଭାବେ ଦାୟିତ୍ୱ ତୁଲାଉଥିଲେ। ତିଲୋତ୍ତମା ଯୋଗଦେବା ପରେ ବ୍ଲକର ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ସରପଞ୍ଚ ସଙ୍ଘ ସଭାପତି ଆଶାବ୍ୟକ୍ତ କରିଛନ୍ତି।

## ମହାବିଦ୍ୟାଳୟରେ ସାଂସ୍କୃତିକ ସପ୍ତାହ

**ଗୋବିନ୍ଦପୁର, ୫।୧୨(ସମିସ):** ଅଙ୍ଗଲୋ ଲଛମନ ବାଲାଜୀଉ ସ୍ନାତକ ମହାବିଦ୍ୟାଳୟରେ ସାଂସ୍କୃତିକ ସପ୍ତାହ ପାଳିତ ହୋଇଛି। ଅଧ୍ୟାପକ ସୁବ୍ରତ କୁମାର ଓଝାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ, ଓଡ଼ିଆ ତର୍କ, ଇଂରାଜୀ ପ୍ରବନ୍ଧ, ତର୍କ, ଚିତ୍ରାଙ୍କନ, ରଙ୍ଗୋଲି, ଫେସନ୍ ସୋ, ରୋଷେଇ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ପ୍ରଫେସର ଜୟଦେବ ଥାଟୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁକ୍ତ ଦୁଇ ଅଧ୍ୟକ୍ଷ ଆଶିଷ କୁମାର ରାୟ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଦିଲୀପ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଭରତ ଚନ୍ଦ୍ର ବେହେରା, ମଦନ ମୋହନ ପରିଡ଼ା, ସୁବ୍ରତ କୁମାର ଓଝା, ଅଧ୍ୟାପିକା ମୋନାଲିସା ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



**ଡେରାବିଶ, ୫।୧୨(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଯମଧର ପଞ୍ଚାୟତ ଜଣ୍ଟିଲୋସ୍ଥିତ ପଦନବାବା ମଠ ପରିସରରେ ବାଲିଆ ସରକାରୀ ହାଇସ୍କୁଲର ୧୯୮୧ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ ଅନୁଷ୍ଠିତ ହୋଇଛି। ରାଜକିଶୋର ଲେଙ୍କା, ଗଙ୍ଗାଧର ସେଠୀ, ଅମିୟ ନାୟକ, ମନୋଜ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ଅଧ୍ୟୟନ ସମୟର ମଧୁର ସ୍ମୃତିକୁ ପରସ୍ପର ମଧ୍ୟରେ ବାଣ୍ଟିଥିଲେ। ସଦ୍ୟ ବ୍ୟାଙ୍କ ଚାକିରିରୁ ଅବସର ନେଇଥିବା ଏହି ବ୍ୟାଚ୍‌ର ଛାତ୍ର ଗଙ୍ଗାଧର ସେଠୀ ସମସ୍ତ ସହପାଠୀଙ୍କୁ ଭୋଜନରେ ଆପ୍ୟାୟିତ କରିଥିଲେ। ଅଭୟ ନାୟକ, ସମରେନ୍ଦ୍ର ମହାପାତ୍ର, ମଳୟ ବାରିକ, ଲଳିତ ମୋହନ ପଟ୍ଟନାୟକ, ସୁବାସ ଚନ୍ଦ୍ର ନାୟକ, ଜୟଦେବ ନାୟକ, ଶ୍ରୀକାନ୍ତ ମହାନ୍ତି, ପ୍ରଭାକର ସ୍ୱାଇଁ, ଅରକ୍ଷିତ ସେଠୀ, ଶ୍ରୀକାନ୍ତ ସାମଲ, ପ୍ରସନ୍ନ ବାରିକ, କିଶୋର ସ୍ୱାଇଁ, ପ୍ରଭାତ ନାୟକ, ସଞ୍ଜୟ ମଲ୍ଲ ପ୍ରମୁଖ ସହଯୋଗ କରିଥିଲେ।

### କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ଯୁବ ଉତ୍ସବ

# ରାଷ୍ଟ୍ର ନିର୍ମାଣରେ ଭାଗୀଦାର ହେବାକୁ ଆହ୍ୱାନ

କେନ୍ଦ୍ରାପଡ଼ା, ୫।୧୨(ସମିସ)

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଶୁକ୍ରବାର କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ହୋଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ମହାବିଦ୍ୟାଳୟ ଅଧ୍ୟକ୍ଷ ଶାନ୍ତନୁ କୁମାର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୁବଶକ୍ତିକୁ ଦେଶ ଓ ରାଜ୍ୟ ଗଠନରେ ଅଗ୍ରସର ହେବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ବିକଶିତ ଓଡ଼ିଶା ଓ ବିକଶିତ ଭାରତ ସଂକଳ୍ପକୁ ସାର୍ଥକ କରିବାରେ ଯୁବପିଢ଼ିର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଉଦଯାପନୀ ଉତ୍ସବରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଲିଳିତା ଦାସ ମୁଖ୍ୟଅତିଥି, କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷା ସରିତା ସାହୁ, ଜିଲ୍ଲା ସାହିତ୍ୟ ସଂସଦ ସଭାପତି କବି କରୁଣାକର ଦାସ, ମହାବିଦ୍ୟାଳୟ ଅଧ୍ୟକ୍ଷ ଶାନ୍ତନୁ କୁମାର ଜେନା ଓ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ବିଶେଷ ଅତିଥି ଭାବେ ଉପସ୍ଥିତ ଥିଲେ।

ଯୁବ ଉତ୍ସବ ମାଧ୍ୟମରେ ଯୁବମାନଙ୍କ ସୁପ୍ତ ପ୍ରତିଭାକୁ ଉଜାଗର କରିବା ସହ ସାମାଜିକ, ସାହିତ୍ୟ, ସାଂସ୍କୃତିକ ଓ କ୍ରୀଡ଼ା କ୍ଷେତ୍ରରେ ସେମାନଙ୍କ ନୂତନ ପରିଚୟ ଗଢ଼ିବା ପାଇଁ ଏହି ଉତ୍ସବ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ସଭା ସଂଯୋଜନା କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି।




## ଏନ୍‌ଏସ୍‌ଏସ୍‌ର ସ୍ୱତନ୍ତ୍ର ଶୀତକାଳୀନ ଶିବିର




**ଡେରାବିଶ, ୫।୧୨(ସମିସ):** ଡେରାବିଶ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନଭେମ୍ବର ୨୭ରୁ ଆରମ୍ଭ ହୋଇଥିବା ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଗୁରୁବାର ଉଦଯାପିତ ହୋଇଛି। ଅଧ୍ୟକ୍ଷା ଡ. ରତ୍ନମଣି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଚାଟରାଚକଡ଼ା ସରପଞ୍ଚ ମମତା ରାଉତ, ସମ୍ମାନିତ ଅତିଥି ଭାବେ ଗାୟତ୍ରୀ ଦାସ, ଜ୍ୟୋସ୍ନାମୟୀ ଶତପଥୀ, ଚିନ୍ମୟୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏନ୍‌ଏସ୍‌ଏସ୍ ସଂଯୋଜିକା ପୁଷ୍ପିତା ରାଉତ ବିବରଣୀ ପାଠ କରିଥିଲେ। ଶିକ୍ଷା ବିଭାଗର ପ୍ରତିପାଦକ ଶ୍ରୀନିବାସ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଦିଲୀପ କୁମାର ସାହୁ, କର୍ମଚାରୀ ଅରକ୍ଷିତ ଦାସ, ନିର୍ମଳ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କର୍ମଚାରୀ ସୌମ୍ୟରଞ୍ଜନ ମହାରଣା, ନଦିଆ ଜେନା, ଦିବାକର ମଲ୍ଲିକ ସହଯୋଗ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଯଦି କୃଷି ବିପର୍ଯ୍ୟସ୍ତ ହୁଏ, ତେବେ ଦେଶର ଅନ୍ୟ ସବୁ ବ୍ୟବସ୍ଥା ବିଗିଡ଼ି ଯିବ।

-ଏମ୍ ଏସ୍ ସ୍ୱାମୀନାଥନ୍

## ପୁଣି ପ୍ରତିଶ୍ରୁତି ହୁଡ଼ିଲେ

ଗତ ନିର୍ବାଚନ ବେଳେ ରାଜ୍ୟର ଚାଷୀମାନଙ୍କର ସମର୍ଥନ ହାସଲ ପାଇଁ ବିଜେପି ଧାନ କ୍ରୟ ଉପରେ ଏମ୍ଏସ୍ପି ବାଦ କ୍ୱିଣ୍ଟାଲ୍ ପିଛା ୮୦୦ ଟଙ୍କା ବୋନସ (ଇନ୍ପୁଟ୍ ସବ୍ସିଡି) ଦେବା ସକାଶେ ପ୍ରତିଶ୍ରୁତି ଦେଇଥିଲା। ବଡ଼ କଥା ହେଲା, କ୍ଷମତାକୁ ଆସିବା ପରେ ଦଳ ତା'ର ପ୍ରତିଶ୍ରୁତି ରକ୍ଷା କରିଛି। ଚଳିତ ଖରିଫ୍ ଋତୁ ପାଇଁ କେନ୍ଦ୍ର ସରକାର ଧାନର ଏମ୍ଏସ୍ପି କ୍ୱିଣ୍ଟାଲ୍ ପିଛା ୬୯ ଟଙ୍କା ବୃଦ୍ଧି କରିଥିବାରୁ ସେହି ଅନୁପାତରେ ଓଡ଼ିଶା ଚାଷୀ କ୍ୱିଣ୍ଟାଲ୍ ପିଛା ୩୧୬୯ ଟଙ୍କା ପାଇବା କଥା। କିନ୍ତୁ ୩୧୦୦ ଟଙ୍କା ହିଁ ଚାଷୀ ପାଇବେ ବୋଲି ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି। ସହାୟକ ମୂଲ୍ୟ ଯେତେ ବଢ଼ିଲେ ମଧ୍ୟ ଧାନ କ୍ୱିଣ୍ଟାଲ ସେହି ୩୧୦୦ ଟଙ୍କାରେ ସୀମିତ ରଖିବା ନୀତି ଯେ ପ୍ରତିଶ୍ରୁତିର ଖିଲାପ ଏକଥା ସ୍ୱୀକାର କରିବାକୁ ପଡ଼ିବ। ଏହାର ସାଧାସିଧା ଅର୍ଥ ହେଲା ସରକାର ୮ ଶହ ଟଙ୍କା ବଦଳରେ ଚାଷୀଙ୍କୁ ଏଥର କ୍ୱିଣ୍ଟାଲ ପିଛା ୭୩୧ ଟଙ୍କା ବୋନସ ଦେଉଛନ୍ତି। ଆଗକୁ ଯଦି କେନ୍ଦ୍ର ସରକାର ବଜାର ଦର ଓ ଚାଷର ବ୍ୟୟଭାରକୁ ବିଚାର କରି ଧାନର ଏମଏସପି ବଢ଼ାନ୍ତି ତେବେ ରାଜ୍ୟ ସରକାର କ'ଣ ତାଙ୍କ ପ୍ରତିଶ୍ରୁତି ବୋନସ ରାଶିରୁ ତାହାକୁ କାଟି ସଂଗ୍ରହ ଦର ଧାର୍ଯ୍ୟ କରିବେ? ସରକାରଙ୍କ ଏପ୍ରକାର ପ୍ରତାରଣା ସଂପର୍କରେ ଧାନ ଚାଷୀ ବିଚାର କରିବାର ସମୟ ଏବେ ଉପସ୍ଥିତ।

ଆମ ରାଜ୍ୟରେ ପ୍ରତ୍ୟକ୍ଷ ଭାବେ ଚାଷ ଓ ଅମଳ ସହ ସଂପୃକ୍ତ ବଡ଼ ଚାଷୀଙ୍କ ସଂଖ୍ୟା ଅପେକ୍ଷାକୃତ କମ୍। ଅସଲରେ ଭାଗଚାଷୀ ଓ କ୍ଷୁଦ୍ରଚାଷୀଙ୍କ ହାତରେ ରହିଛି ଧାନ ଚାଷ। ଏବେ ସରକାର ଯେଉଁ ୨ ଲକ୍ଷ ୧୭ ହଜାର ଅଧିକ ଚାଷୀ ଚଳିତ ଖରିଫ ଋତୁ ଧାନ ଚାଷ କରିଥିବା ଦର୍ଶାଇଛନ୍ତି ତାହା ପ୍ରକୃତରେ ସେହି ବଡ଼ ଚାଷୀଙ୍କ ଜମି ଚଷିଥିବା ଭାଗ ଚାଷୀ। ତେଣୁ ଧାନ ବିକିବା ପାଇଁ ପଞ୍ଜୀକରଣ କରିଥିବା ଚାଷୀଙ୍କ ସଂଖ୍ୟା ବଢ଼ିବା ସ୍ୱାଭାବିକ। ସରକାର ଭାବି ପାରନ୍ତି କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ବୋନସ ପାଇଁ ଚାଷୀ ଉତ୍ସାହୀ ହୋଇପଡ଼ିଛନ୍ତି। ଏତଦ୍ବ୍ୟତୀତ ପଞ୍ଜୀକରଣ ଜନିତ ସମସ୍ୟା ପାଇଁ ବହୁ ଚାଷୀ ଏହି ଧାନ ସଂଗ୍ରହ ପ୍ରକ୍ରିୟାରୁ ବଞ୍ଚିତ ହେଉଛନ୍ତି। ଚଳିତ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବାରେ ବିଳମ୍ବ ପରିଲକ୍ଷିତ ହୋଇଛି। ପଶ୍ଚିମ ଓଡ଼ିଶାରେ କେବଳ କାଁ ଭାଁ ମଣ୍ଡି ଖୋଲିଛି। ଏହି ବିଳମ୍ବ ପାଇଁ ରାଜ୍ୟରେ ଧାନର ଅଭାବୀ ବିକ୍ରି ହେଉଛି। କାରଣ ଏବେ ମଧ୍ୟ ଛୋଟ ଚାଷୀ ମହାଜନୀ ଋଣ ବା କରଜ ଉପରେ ନିର୍ଭର କରନ୍ତି। ତେଣୁ ଧାନ ଅମଳ ହେବା ପରେ ପରେ ତାହା ଉପରେ କରଜ ପରିଶୋଧ ପାଇଁ ଜୁଲମ ଆରମ୍ଭ ହୋଇଯାଏ। ସରକାର ଏ ପର୍ଯ୍ୟନ୍ତ ମିଲରଙ୍କ ଷ୍ଟକ୍ ଯାଞ୍ଚ କରିନାହାନ୍ତି। ଏଫ୍କ୍ୟୁ ଧାନର ମାନ ଯାଞ୍ଚ ସକାଶେ ଶସ୍ୟ ପରୀକ୍ଷଣ ମେସିନ୍ ମଧ୍ୟ ମଣ୍ଡିରେ ପହଞ୍ଚିନାହିଁ। ପ୍ରତିବାଦ ଓ ପ୍ରତିରୋଧ ସତ୍ତ୍ୱେ ଆରମ୍ଭରୁ ମିଲରଙ୍କ କଥାରେ କଟ୍ନୀ ଛଟନୀ ଚାଲିଛି। ଅସଲରେ ମିଲରମାନେ ହିଁ ଚାଷୀଙ୍କଠାରୁ ଧାନ ସଂଗ୍ରହ କରୁଛନ୍ତି। ସରକାର ସେମାନଙ୍କ ଉପରେ ନିର୍ଭରଶୀଳ ହୋଇଥିବାରୁ ସଂଗ୍ରହକୁ ନେଇ ବିଭ୍ରାଟ ଓ ବିଭ୍ରାନ୍ତ ସୃଷ୍ଟି ହେଉଛି। ଏହାପଛରେ ସରକାର ଓ ମିଲରଙ୍କ ମଧୁଚନ୍ଦ୍ରିକା ଥିବା ଅଭିଯୋଗକୁ ମଧ୍ୟ ଅସ୍ୱୀକାର କରିହେବ ନାହିଁ।

## ଦୁର୍ବଳ ମୁଦ୍ରା

ବାଣିଜ୍ୟ ନିଅଣ୍ଟ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଦେଶର ଆଭ୍ୟନ୍ତରୀଣ ଚାହିଦା ପୂରଣ ସକାଶେ ବୈଦେଶିକ ବିନିମୟ ମୁଦ୍ରାଭଣ୍ଡାର ଉପରେ ଚାପ ବଢ଼ିଛି। ସେହି ସମୟରେ ଆମେରିକାର ଟାରିଫ ବଢ଼ିଛି ଏବଂ ଦେଶକୁ ଆସୁଥିବା ବୈଦେଶିକ ମୁଦ୍ରାର ପ୍ରବାହ ମଧ୍ୟ ହ୍ରାସ ପାଇଛି। ତେଣୁ ଭାରତୀୟ ମୁଦ୍ରା ବା ଟଙ୍କା ଡଲାର ତୁଳନାରେ ଦୁର୍ବଳ ହେବାରେ ଲାଗିଛି। ରିଜର୍ଭ ବ୍ୟାଙ୍କ ଡଲାର କିଣି ସ୍ଥିତି ସମ୍ଭାଳିବାରେ ୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ଦିନକୁ ଦିନ ସ୍ଥିତି ବିଗିଡ଼ିବାରେ ଲାଗିଛି। ଗତ ବୁଧବାର ଡଲାର ତୁଳନାରେ ଟଙ୍କାର ଦୁର୍ବଳ ସ୍ଥିତି ପଦାରେ ପଡ଼ିଯାଇଛି। ୧ ଡଲାରର ମୂଲ୍ୟ ୯୦.୧୫ ଟଙ୍କା ହୋଇଥିବା ବେଳେ ପରଦିନ ତାହା ୯୦.୪୩କୁ ବୃଦ୍ଧି ପାଇଛି। ଏହି ସ୍ଥିତି ପ୍ରଥମ ଥର ଉପୁଜିଛି କହିଲେ ଭୁଲ ହେବ। ବରଂ ଟଙ୍କାର ଦୁର୍ବଳ ସ୍ଥିତି କ୍ରମାଗତ ରେକର୍ଡ କରିଚାଲିଛି। ଅନ୍ୟ ଏକ ଦିଗ ହେଲା, ଭାରତୀୟ ପୁଞ୍ଜି ବଜାରରୁ ବିଦେଶୀ ନିବେଶକମାନେ କ୍ରମାଗତ ଅଂଶଧନ ପ୍ରତ୍ୟାହାର କରିନେଉଥିବାରୁ ଟଙ୍କା ଚାପରେ ରହିଛି। ଭାରତୀୟ ବଜାରରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶର ଆକର୍ଷଣ ମଧ୍ୟ ହ୍ରାସ ପାଇଛି। ଏହା ଆମର କୂଟନୈତିକ ଓ ବାଣିଜ୍ୟ ନୀତିର ଦୁର୍ବଳ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ଭାରତୀୟ ମୁଦ୍ରାର ଏହି ଦୁର୍ବଳ ସ୍ଥିତି ପ୍ରଭାବଶୂନ୍ୟ ବୋଲି ଯେତେ ଯୁକ୍ତ ବାଢ଼ିଲେ ମଧ୍ୟ ପେଟ୍ରୋଲ, ଡିଜେଲ, ଖାଇବା ତେଲ ଓ ସ୍ମାର୍ଟ ଫୋନ ମୂଲ୍ୟ ତ ନିଶ୍ଚୟ ଆଗାମୀ ଦିନରେ ବଢ଼ିବ। ବର୍ଦ୍ଧିତ ଓ ପରିବହନ ଖର୍ଚ୍ଚର ପ୍ରଭାବ ଅନ୍ୟାନ୍ୟ ସାମଗ୍ରୀ ଉପରେ ଅନୁଭୂତ ହେବ। ସେହିଭଳି ବିଦେଶ ଯାତ୍ରା ଓ ବିଦେଶରେ, ବିଶେଷକରି ଆମେରିକାରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ବ୍ୟୟଭାର ଅଭିଭାବକଙ୍କୁ ନିଶ୍ଚୟ ବାଧିବ। ଏସବୁ ହେଲା ପ୍ରତ୍ୟକ୍ଷ ପ୍ରଭାବ। ପରୋକ୍ଷରେ ଆମର ମୁଦ୍ରାସ୍ଫୀତି ଓ ଜିଡିପି ସ୍ଥିତିରେ ଯେଉଁ ଅସ୍ଥିରତା ସୃଷ୍ଟି ହେବ ତାହାକୁ ସୁଧାରିବା ଏତେ ସହଜ ହେବ ନାହିଁ। ମୁଖ୍ୟ ଅର୍ଥ ପରାମର୍ଶଦାତା ଭି. ଅନନ୍ତ ନାଗେଶ୍ୱରନ୍ କହିଛନ୍ତି ଯେ ଦେଶର ଆମଦାନୀ ଓ ମୁଦ୍ରାସ୍ଫୀତିକୁ ଏହା ପ୍ରଭାବିତ କରିବ ନାହିଁ। ୨୦୨୬ରେ ଟଙ୍କାର ଏହି ଦୁର୍ବଳ ସ୍ଥିତି ସୁଧୁରିଯିବ। ଭବିଷ୍ୟତ ଅନିଶ୍ଚିତ। ବର୍ତ୍ତମାନର ସମସ୍ୟାକୁ ପ୍ରତିହତ କରିବାରେ ଆମ ବ୍ୟବସ୍ଥାର ଅସାମର୍ଥ୍ୟ ପଦାରେ ପଡ଼ିଯାଉଛି। ଏହାର ତୁରନ୍ତ ପ୍ରଭାବରେ ସେନ୍ସେକ୍ସ ଓ ନିଫ୍ଟି ସୂଚକାଙ୍କ ହ୍ରାସ ପାଇଥିବା ପରିଲକ୍ଷିତ ହୋଇଛି।

ଆତ୍ମନିର୍ଭର ଭାରତ ଗଠନ ସପକ୍ଷରେ ଆମେ ଯେତେ ଆହ୍ୱାନ ଦେଲେ ମଧ୍ୟ ଆମର ଆମଦାନୀ ବଢ଼ୁଛି। ରପ୍ତାନି କ୍ଷେତ୍ରରେ ବିଶ୍ୱବଜାରରେ ଆମେ ଅନ୍ୟ ପ୍ରତିଯୋଗୀଙ୍କ ସମକକ୍ଷ ହୋଇପାରିନେ। ତେଣୁ ବାଣିଜ୍ୟ ନିଅଣ୍ଟ ବଢ଼ି ଚାଲିଥିବାରୁ ଡଲାର ଉପରେ ନିର୍ଭରଶୀଳତା ହ୍ରାସ ପାଇବା ସମ୍ଭାବନା ଊଣା। ଏହି ଦୃଶ୍ୟପଟ୍ଟରେ ଅର୍ଥ ପରାମର୍ଶଦାତା ଯେଉଁ ସମ୍ଭାବନାର ଅଙ୍କ କଷି ଚାଲିଛନ୍ତି ତାହା କେତେଦୂର ସଫଳ ହେବ ସେ ନେଇ ସନ୍ଦେହ ଉଙ୍କି ମାରିବା ସ୍ୱାଭାବିକ।

ବଜାର ଅର୍ଥନୀତି ସମଗ୍ର ବିଶ୍ୱରେ ମୁକ୍ତ ବାଣିଜ୍ୟ କାରବାର ପାଇଁ ସୁଯୋଗ ସୃଷ୍ଟି କରିଛି। ତେବେ ବାଣିଜ୍ୟିକ କାରବାର ପ୍ରମୁଖ ମାଧ୍ୟମ ହେଉଛି ଡଲାର। ଡଲାର ତୁଳନାରେ ଭାରତୀୟ ମୁଦ୍ରାର ଏହି ଦୁର୍ବଳସ୍ଥିତିରୁ ଆମେ ଅନୁମାନ କରିପାରିବା ଭାରତୀୟ ଅର୍ଥନୀତିର ଗତି ଓ ଦୁର୍ଗତି। ସମଗ୍ର ବିଶ୍ୱରେ ଭାରତ ଚତୁର୍ଥ ବୃହତ୍ ଅର୍ଥନୀତି। ସେଥିରେ ପୁଣି ୧୪୦ କୋଟି ଲୋକଙ୍କ ବିଶାଳ ବଜାର ଆମ ହାତରେ ଅଛି। ପରିଲକ୍ଷିତ ମୁଦ୍ରାଗତ ବିଲକ୍ଷଣକୁ ରୋକିବାରେ ଆମ ଦୁର୍ବଳତାକୁ ଅଗ୍ରାଧିକାର ଭିତ୍ତିରେ ସୁଧାରିବା ଜରୁରୀ।

# ଜଳ-ସଂକଳ୍ପ: କାହାରେ ଦାୟ?

**ସୌଭାଗ୍ୟ ସୁନ୍ଦରରାୟ**

ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ବିଶ୍ୱବ୍ୟାପୀ ନଦୀ ଓ ଜଳ ଉତ୍ସ ପ୍ରଦୂଷିତ ହେବାରେ ଲାଗିଛି। ଓଡ଼ିଶାର ପ୍ରାୟ ନଦୀର ମଧ୍ୟ ସମଦଶା। ରାଜ୍ୟ ବିଧାନସଭାର ଚଳିତ ଅଧିବେଶନରେ ଏକ ପ୍ରଶ୍ନର ଉତ୍ତର ରଖି ରାଜ୍ୟର ୧୬ ଟି ସ୍ଥାନରେ ନଦୀଜଳ ବ୍ୟବହାର ମାନଯୁକ୍ତ ନୁହେଁ ବୋଲି ସରକାର କହିଛନ୍ତି। ଏହି ସ୍ଥାନଗୁଡ଼ିକ ମଧ୍ୟରେ କଟକ, ଭିଙ୍ଗାରପୁର, ଗୋପ, ଭୁବନେଶ୍ୱର, ରାଉରକେଲା ରହିଛି। ଅର୍ଥାତ ଭିଙ୍ଗାରପୁର ଓ ଗୋପ ନିକଟରେ କୁଶଭଦ୍ରା ଜଳ ପ୍ରଦୂଷିତ। ଭୁବନେଶ୍ୱର ନିକଟରେ ଦୟା ଜଳ ପ୍ରଦୂଷିତ। କଟକ ନିକଟରେ କାଠଯୋଡ଼ି ଜଳ ପ୍ରଦୂଷିତ ଏବଂ ରାଉରକେଲା ନିକଟରେ ବ୍ରହ୍ମଣୀ ଜଳ ବ୍ୟବହାର ଅନୁପଯୁକ୍ତ।

ଏପରି ସ୍ଥଳେ ରାଜ୍ୟ ସରକାର 'ଜଳ ପ୍ରଦୂଷଣ ଓ ନିବାରଣ ଆଇନ-୨୦୨୪' ଉପରେ ଏକ ସଂକଳ୍ପ ଆଗତ କରିଛନ୍ତି। ଏହି ସଂକଳ୍ପରେ ପ୍ରଦୂଷଣକାରୀ ସଂସ୍ଥା ବିରୋଧରେ ଫୌଜଦାରୀ ମାମଲା ଆଉ ଦାୟର କରାଯିବ ନାହିଁ। କେବଳ ଜୋରିମାନା ଆଦାୟ କରାଯିବ। ମଣିଷ, ପ୍ରକୃତି, ପରିବେଶ ଓ ଜୀବଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି କରୁଥିବା ଲାଭଖୋର ଶିଳ୍ପାନୁଷ୍ଠାନ ଏହି ଆଇନ ଦ୍ୱାରା ଅଧିକ ଉପକୃତ ହେବା ପରି ଜଣାପଡୁଛି। ଏକଥା ମଧ୍ୟ ବିଭାଗୀୟ ମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହେଉଛି। କାରଣ ଦୀର୍ଘଦିନ ଧରି ଅଦାଲତରେ ପରିବେଶ ସଂପର୍କିତ ମାମଲା ପଡ଼ି ରହିଥିବାରୁ ଶିଳ୍ପାୟନ ବାଧାପ୍ରାପ୍ତ ହେଉଛି। ଏହାଦ୍ୱାରା ଶିଳ୍ପ ସଂସ୍ଥାଗୁଡ଼ିକର ମଧ୍ୟ କ୍ଷତି ହେଉଛି। ଏହି କାରଣରୁ ସରକାର ଏପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତ ବୋଲି ମନ୍ତ୍ରୀ କହିଛନ୍ତି।

ତେବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଯେଉଁ ୧୬ଟି ସ୍ଥାନର ଜଳ ନିମ୍ନମାନର ବୋଲି ଉଲ୍ଲେଖ କରିଛନ୍ତି ତା'ଠାରୁ ଢେର ଅଧିକ ସ୍ଥାନର ଜଳ ନିମ୍ନମାନର, ଯାହା ସ୍ଥାନୀୟ ଅଞ୍ଚଳବାସୀ ଅନୁଭବ କରୁଛନ୍ତି। ବ୍ରହ୍ମଣୀର ପ୍ରଦୂଷଣ କେବଳ ରାଉରକେଲା ନିକଟରେ ବୋଲି ଉଲ୍ଲେଖ କରାଯାଇଛି। ବାସ୍ତବରେ ବ୍ରହ୍ମଣୀର ପ୍ରଦୂଷଣ ରାଉରକେଲା ନିକଟରୁ ଆରମ୍ଭ ହୋଇଛି। ଏଠାରେ ରାଉରକେଲା ଇସ୍ପାତ କାରଖାନା ରହିଛି। ବ୍ରହ୍ମଣୀର ଉତ୍ପତ୍ତି ସ୍ଥଳ ରାଉରକେଲାର ବେଦବ୍ୟାସ। ଏହି ନଦୀ ଅନୁଗୁଳ ଜିଲ୍ଲାର ତାଳଚେର ନିକଟରେ ସର୍ବାଧିକ ପ୍ରଦୂଷିତ। ତାଳଚେର ଅଞ୍ଚଳର କୋଇଲା ଖଣି, ତାପଜ ବିଦ୍ୟୁତ କେନ୍ଦ୍ର, ବନ୍ଦ ହୋଇ ରହିଥିବା ସାର କାରଖାନା, ଇସ୍ପାତ କାରଖାନା, ଆଲୁମିନିୟମ ସ୍ମେଲଟର ଏବଂ ଅନ୍ୟାନ୍ୟ ଛୋଟ କଳକାରଖାନା ବ୍ରାହ୍ମଣୀ ଜଳକୁ ଅଧିକ ପ୍ରଦୂଷିତ କରୁଛି। ସୁକିନ୍ଦା ଅଞ୍ଚଳରେ କ୍ରୋମାଇଟ ଖଣି ରହିଛି। ଏଥିଯୋଗୁଁ ବ୍ରାହ୍ମଣୀରେ ଅଧିକ ପରିମାଣର କ୍ରୋମିୟମ, ସୀସା, କାଡମିୟମ, ପାରଦ ଓ ଲୁହାପଥର ପରି ଭାରି ଦ୍ରବ୍ୟ ରହୁଛି। ଏଣୁ ଅନୁଗୁଳ-ତାଳଚେର ଅଞ୍ଚଳରେ ବ୍ରାହ୍ମଣୀ ସର୍ବାଧିକ ପ୍ରଦୂଷିତ ବୋଲି କୁହାଯାଇପାରେ।

ଉତ୍ତରରେ ମହାନଦୀ ପ୍ରଦୂଷଣ ବିଷୟ କିଛି ଉଲ୍ଲେଖ କରାଯାଇ ନାହିଁ। ମହାନଦୀର ଦୁଇଟି ଉପନଦୀ ହେଲା ଭେଡେନ ଓ ଇବ୍। ସଂପ୍ରତି ଏହି ଦୁଇଟି ନଦୀର ଜଳର ପ୍ରଦୂଷିତ ବୋଲି କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଅନୁଧ୍ୟାନରୁ ଜଣାପଡ଼ିଛି। ସଂସ୍ଥା ପକ୍ଷରୁ ଝାରସୁଗୁଡ଼ାର କୋଲାବିରା ଓ ସମ୍ବଲପୁରର ରେଙ୍ଗାଲି ବ୍ଲକରେ ହୋଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଏଠାକାର ଝରଣା, ପୋଖରୀ, ନାଳ ଆଦି ଭୂ-ପୃଷ୍ଠ ଜଳ ଉତ୍ସରେ ନାଇଟ୍ରେଟ ଓ ଫ୍ଲୋରାଇଡ୍ ମାତ୍ରା ଅଧିକ ରହୁଛି। ସମ୍ବଲପୁରର ହୀରାକୁଦଠାରେ ଶିଳ୍ପାନୁଷ୍ଠାନ ରହିଛି। ସେହିପରି ଝାରସୁଗୁଡ଼ାରେ କୋଇଲା ଖଣି ସମେତ ତାପଜ ବିଦ୍ୟୁତ କେନ୍ଦ୍ର, ଆଲୁମିନିୟମ ବିଶୋଧନ କେନ୍ଦ୍ର ରହିଛି। ଏହି ସଂସ୍ଥାର ବର୍ଜ୍ୟ ଯୋଗୁଁ ସଂପୃକ୍ତ ଅଞ୍ଚଳର ଜଳାଶୟ ଓ ଭୂ-ତଳ ଜଳ ପ୍ରଦୂଷିତ ହେଉଛି। ମହାନଦୀ ସମ୍ବଲପୁର ଅତିକ୍ରମ କରିବା ପରେ ପାରାଦ୍ୱୀପ ନିକଟରେ ଏକାଧିକ କଳକାରଖାନାର ବର୍ଜ୍ୟ ଆହରଣ କରୁଛି। ପାରାଦ୍ୱୀପ ବନ୍ଦରରେ ବାର୍ଷିକ ପ୍ରାୟ ୧୦୦ ନିୟୁତ ଟନ୍ ପଣ୍ୟ କାରବାର ହୋଇଥାଏ। କୋଇଲା, ଚୂନପଥର, ଲୁହାପଥର, କୋକ୍, କ୍ରୋମ୍, ଫେରୋ କ୍ରୋମ, ତୈଳ ଆଦି ଏଠାରେ ଥିବା ବିଭିନ୍ନ ବର୍ଥରୁ ଆମଦାନୀ ଓ ରପ୍ତାନୀ ହୋଇଥାଏ। ଦୁଇଟି ଫସ୍ଫେଟଭିତ୍ତିକ ସାର କାରଖାନା ଏଠାରେ ରହିଛି, ଯାହାର ଉପଜାତ ଦ୍ରବ୍ୟ ଭାବେ ଜିପସମ୍ ବାହାରିଥାଏ। ଜିପସମର ଗୁଣ ହେଉଛି ଅମ୍ଳ। ଏଠାରେ ତୈଳ ବିଶୋଧନ କେନ୍ଦ୍ର ଓ ଇସ୍ପାତ କାରଖାନା ମଧ୍ୟ ରହିଛି। ବର୍ଷା ଦିନେ ବିଭିନ୍ନ ଖଣିଜ ଦ୍ରବ୍ୟର ଗୁଣ୍ଡ ଧୋଇହୋଇ ମହାନଦୀ ଓ ଅଠରବାଙ୍କୀ କ୍ରିକରେ ମିଶୁଛି। କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ରିପୋର୍ଟ ଅନୁଯାୟୀ ପାରାଦ୍ୱୀପ ସାର କାରଖାନା ଆଖପାଖ ଅଞ୍ଚଳର ଭୂ-ତଳ ଜଳରେ ଅଧିକ ମାତ୍ରାରେ ଫ୍ଲୋରାଇଡ ରହୁଛି। ଫ୍ଲୋରାଇଡ ଓ ଆମୋନିଆ ଗ୍ୟାସ ପ୍ରଭାବରେ ଖରାଦିନେ ଲଟାବୁଦା, ପତ୍ର ଆଦି ଶୁଖି ଯାଉଥିବା ଦେଖାଯାଉଛି। ପାରାଦ୍ୱୀପ ସହରାଞ୍ଚଳର ବର୍ଜ୍ୟ ଜଳ ଅଠରବାଙ୍କୀ ଓ ସାନ୍ତ୍ରା କ୍ରିକ୍‌ରେ ମିଶୁଛି।

ରାୟଗଡ଼ାରେ ଏକ ଘରୋଇ ଶିଳ୍ପସଂସ୍ଥା ବିରୋଧରେ ଜାତୀୟ ସବୁଜ ଟ୍ରିବ୍ୟୁନାଲରେ ମାମଲା ଦାୟର କରାଯାଇଥିଲା। ପ୍ରଦୂଷିତ ଜଳ ବ୍ୟବହାର କରି ୨୦୨୨ ମସିହାରେ ଏ ଅଞ୍ଚଳରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ୭ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ୭୨ ଜଣଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସହରାଞ୍ଚଳର ଅଣବିଶୋଧିତ ଜଳ ଦ୍ୱାରା ବିଶେଷ ଭାବେ ବୁଢ଼ାବଳଙ୍ଗ ନଦୀ ପ୍ରଦୂଷିତ ହେଉଥିବା ଜଣାପଡ଼ିଛି।

ଏପରି ସ୍ଥଳେ ପ୍ରଦୂଷଣକାରୀ ସଂସ୍ଥା ବିରୋଧରେ ସରକାର କଠୋର ମନୋଭାବ ପ୍ରଦର୍ଶନ କରିବା ପରିବର୍ତ୍ତେ ନମନୀୟ ମନୋଭାବ ପ୍ରଦର୍ଶନ କରିବା ଏକ ଯୁକ୍ତିସଙ୍ଗତ ବିଷୟ ନୁହେଁ। ଅଦାଲତରେ ମାମଲା ବିଳମ୍ବ ହେଉଥିବା କାରଣରୁ ମଣିଷ, ଜୀବଜନ୍ତୁ ଓ ପରିବେଶକୁ କ'ଣ ମୃତ୍ୟୁମୁହଁକୁ ଠେଲି ଦିଆଯିବ? ବିଭିନ୍ନ ସମୟରେ ନାଲକୋ ଆସ୍ ପାଇପ ଓ ପୋଖରୀ ଫାଟି ବିସ୍ତୀର୍ଣ୍ଣ ଅଞ୍ଚଳର ଚାଷଜମିରେ ପାଉଁଶ ପାଣି ମାଡ଼ିଯାଉଛି। ଭୂତଳ ଜଳ ପ୍ରଦୂଷଣ ଯୋଗୁଁ ଜନସାଧାରଣ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। 'ଦି ଲାନସେଟ'ର ୨୦୧୯ ମସିହାରେ ପ୍ରକାଶିତ ଏକ ସର୍ବେକ୍ଷଣ ଆଧାରିତ ରିପୋର୍ଟ ଅନୁଯାୟୀ, ବିଶ୍ୱରେ ବାର୍ଷିକ ପ୍ରାୟ ୧.୪ ନିୟୁତ ଜଳ ପ୍ରଦୂଷଣ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଉଛନ୍ତି। ସେଥିମଧ୍ୟରୁ ଝାଡ଼ାବାନ୍ତିରେ ପ୍ରାୟ ୮ ଲକ୍ଷ ଏବଂ ପ୍ରଦୂଷିତ ପାନୀୟ ଜଳ ଯୋଗୁଁ ୩ ଲକ୍ଷ ପ୍ରାଣ ହରାଉଛନ୍ତି।

ଏହାଛଡ଼ା ରାଜ୍ୟର ବିଭିନ୍ନ ସ୍ଥାନରେ ବହୁସଂଖ୍ୟାରେ କ୍ରସର ୟୁନିଟ ଓ ସିମେଣ୍ଟ କାରଖାନା ମଧ୍ୟ ରହିଛି। ଏଥିରୁ ନିର୍ଗତ ବର୍ଜ୍ୟ କଣିକା ଚାଷ ଜମି ଓ ଜଳାଶୟରେ ପଡ଼ି ଜଳ ଉତ୍ସ ପ୍ରତି ବିପଦ ସୃଷ୍ଟି କରୁଛି। ଏହି ଜଳ ବ୍ୟବହାର କରି ଗୃହପାଳିତ ପଶୁ ରୋଗାକ୍ରାନ୍ତ ହେଉଛନ୍ତି। ବିଭିନ୍ନ ସ୍ଥାନରେ ମେଡିକାଲ୍ ବର୍ଜ୍ୟ ମଧ୍ୟ ଜଳାଶୟକୁ ଛାଡ଼ି ଦିଆଯାଉଛି। ଏଣୁ ଜୀବଜଗତ ପ୍ରତି କ୍ଷତି ପହଞ୍ଚାଉଥିବା ସଂସ୍ଥାଗୁଡ଼ିକ ପ୍ରତି କୋହଳ ମନୋଭାବ ପୋଷଣ କରିବା ବାଞ୍ଛନୀୟ ନୁହେଁ। ଅଦାଲତରେ ବହୁ ମାମଲାର ବିଳମ୍ବ ଘଟୁଛି। ସରକାରଙ୍କ ସମେତ ସାଧାରଣ ଜନତା ମଧ୍ୟ ଏହାର ଶିକାର ହେଉଛନ୍ତି। ଏହାର ଅର୍ଥ ନୁହେଁ ଯେ ନ୍ୟାୟପାଳିକାକୁ ଏଡ଼ାଇ ଆମେ ମନମୁଖି ଭାବେ କାର୍ଯ୍ୟ କରିବା। ସଂକଳ୍ପରେ ଜରିମାନା ରାଶି ପରିମାଣ ଯାହା ଧାର୍ଯ୍ୟ କରାଯାଇଛି ତାହା ହାସ୍ୟାସ୍ପଦ। ମାତ୍ର ୧୦ରୁ ୧୫ ଲକ୍ଷ ଟଙ୍କା। ପ୍ରକୃତି ଓ ପରିବେଶର କ୍ଷତି ସାଧନ କରୁଥିବା ଅପରାଧୀଙ୍କ ପ୍ରତି ଜରିମାନା ପରିମାଣ କ'ଣ ପାଇଁ ଏତେ କମ୍ ରହିବ? ୧୫ ଲକ୍ଷ ଟଙ୍କା ବିନିମୟରେ ସେଗୁଡ଼ିକ ୧୦୦ କୋଟିର ପ୍ରଦୂଷଣ କରିବାରେ ସମର୍ଥ।

ପରିବେଶ ପ୍ରଦୂଷଣ ଦିଗରେ ରାଜ୍ୟ ପ୍ରଦୂଷଣ ବୋର୍ଡ, କେନ୍ଦ୍ର ପ୍ରଦୂଷଣ ବୋର୍ଡ ଓ ଏନଜିଟି ଆଦି ଅନେକ ସରକାରୀ ସଂସ୍ଥା କାର୍ଯ୍ୟ କରୁଛନ୍ତି। ରାଜ୍ୟ ସରକାରଙ୍କ ପଦକ୍ଷେପ ଯୋଗୁଁ ଏହି ନିୟନ୍ତ୍ରଣକାରୀ ସଂସ୍ଥାଗୁଡ଼ିକର କାର୍ଯ୍ୟାନୁଷ୍ଠାନ ପ୍ରଭାବ ହ୍ରାସ ପାଇବାର ଆଶଙ୍କା ରହିଛି। ସେହିପରି ଜରିମାନା ମୂଲ୍ୟ ସରକାରୀ ଅଧିକାରୀ ଧାର୍ଯ୍ୟ କରିବେ। ତେବେ ନିର୍ଦ୍ଦିଷ୍ଟ ପ୍ରଦୂଷଣର ମୂଲ୍ୟ କେତେ ହେବ ତାହା ସରକାରୀ ଅଧିକାରୀ କେଉଁ ମାନଦଣ୍ଡରେ ଆକଳନ କରିବେ ତାହା ଏକ ବଡ଼ ପ୍ରଶ୍ନ। ଏକ୍ଷେତ୍ରରେ ସରକାର ମନମୁଖି ଭାବେ ଜରିମାନା ଲାଗୁ କରିପାରନ୍ତି ବୋଲି ଉଠିଥିବା ଅଭିଯୋଗ ନିରାଧାର ନୁହେଁ। ଏଣୁ ଉଭୟ ବେସରକାରୀ ଓ ସରକାରୀ ସଂସ୍ଥା ଯଥା ନଗରପାଳିକା ଆଦି ପ୍ରଦୂଷଣକାରୀ ଅନୁଷ୍ଠାନ ପ୍ରତି ଅନୁକମ୍ପା ପ୍ରଦାନ କରିବାକୁ ଯାଇ ସରକାର ସଂକଳ୍ପ ଜରିଆରେ ଅଯଥା ଦ୍ୱନ୍ଦ୍ୱ ସୃଷ୍ଟି ନକରି ଏହାର ପୁନର୍ବିଚାର କଲେ ବୃହତ୍ତର ସମାଜର ମଙ୍ଗଳ ହେବ। ନଚେତ୍ ଏହା ଏକ ପରିବେଶ ମାରଣ ସଂକଳ୍ପରେ ପରିଣତ ହେବାରେ ବିଳମ୍ବ ହେବ ନାହିଁ।

ବରିଷ୍ଠ ସାମ୍ବାଦିକ
କଟକ, ମୋ: ୯୪୩୭୨୨୯୨୩୩

# ମୁଁ 'ଖବରକାଗଜ' କହୁଛି

**ସରୋଜ କୁମାର ଶତପଥୀ**

ମୁଁ ଖବର କାଗଜ। ଶତାବ୍ଦୀ ଶତାବ୍ଦୀ ଧରି ସମାଜର ଦର୍ପଣ ଭାବେ ନିଜ କର୍ତ୍ତବ୍ୟ ସମ୍ପାଦନ କରିଛି। ସତ୍ୟକୁ ପ୍ରକାଶ କରିବା ପାଇଁ ନିଷ୍ଠା ଓ ନୈତିକତାକୁ ଜୀବନର ପାଥେୟ କରିଛି। ଦିନ ଥିଲା, ଘର ଦୁଆରେ ମୋର ଆବିର୍ଭାବ ହେବା ମାତ୍ରେ ଘରର ପରିବେଶ ଜୀବନ୍ତ ହୋଇ ଯାଉଥିଲା। ଚା' ଓ ଚର୍ଚ୍ଚାର ଅଂଶ ଥିଲି ମୁଁ। ସମାଜ, ରାଜନୀତି, କ୍ରୀଡ଼ା, ସଂସ୍କୃତି, ପର୍ଯ୍ୟଟନ, ଯାହା କହିବେ ସେ ସବୁ ମୋର ପୃଷ୍ଠାରେ ପ୍ରତିଫଳିତ ହେଉଥିଲା। ମୁଁ କେବଳ ଖବର ବହନକାରୀ ନୁହେଁ, ସତ୍ୟ, ସଚେତନତା ଓ ଜନମତର ବାର୍ତ୍ତାବହ ଥିଲି। ମୁଁ ସ୍ୱାଧୀନତା ସଂଗ୍ରାମ ଦେଖିଛି, ଦେଶ ବିଭାଜନ ଦେଖିଛି, ଅନେକ ବିପ୍ଳବ ଓ ପ୍ରଳୟର ମୂକସାକ୍ଷୀ ହୋଇ ପ୍ରତିଦିନ ଲୋକଙ୍କ ଜୀବନ ସହ ଜଡ଼ିତ ଥିଲି।

ମୁଁ ଥିଲି ଜ୍ଞାନର ଶକ୍ତି, ଜନତାର ଅଧିକାର ଓ ଗଣତନ୍ତ୍ରର ଶ୍ୱାସ। ପ୍ରତିଦିନ ଲୋକମାନଙ୍କ ପାଖକୁ ଯାଉଥିବା ମୋର ଲକ୍ଷ୍ୟ କେବଳ ଖବର ପହଞ୍ଚାଇବା ନୁହେଁ, ସମାଜର ନଜର ଉପରେ ଆଙ୍ଗୁଠି ରଖିବା, ଉଚିତକୁ ଉଚିତ ବୋଲି କହିବା ଏବଂ ଅନ୍ୟାୟକୁ ପ୍ରଶ୍ନ କରିବା। କିନ୍ତୁ ମୋର ଅକ୍ଷରସବୁ ସମୟ ସାନ୍ତ୍ୱନାରେ ଲେଖାଯାଏ ନାହିଁ। ମୋର ଅକ୍ଷରରେ ଲୁହ ଥାଏ, ରକ୍ତ ଥାଏ, ମୋର ପୃଷ୍ଠାରେ ଥାଏ ପ୍ରକୃତି, ପରିଚୟ, ପ୍ରେମ, ସଂସ୍କୃତି, ପରମ୍ପରା। ଗାଢ଼ ଅନ୍ଧାରରେ ଲୁଚିଥିବା ଅନ୍ୟାୟର ଚିତ୍କାର ମଧ୍ୟ ଥାଏ।



ଆଜି ବି ମୁଁ ଅଛି ସତ, ମାତ୍ର ମୋର ସେଇ ପୁରୁଣା ଦିନ ଆଉ ନାହିଁ। ମୋତେ ଦେଖିଲେ ଲୋକେ ଆଗ ଭଳି ଆଦର କରୁ ନାହାନ୍ତି। ଲୋକ ଆଉ ପଢ଼ିବାକୁ ସମୟ ଦେଉନାହାନ୍ତି। ଚିନ୍ତା ଓ ବିବେଚନାକୁ ଛାଡ଼ି, ମତକୁ ସତ୍ୟ ଭାବି ଗ୍ରହଣ କରୁଛନ୍ତି। ଆଜି ପରିସ୍ଥିତି ପରିବର୍ତ୍ତିତ। ସାମାଜିକ ଗଣମାଧ୍ୟମର ବେପରୁଆ ବିସ୍ତାର ମୋର ମହତ୍ତ୍ୱକୁ ତଳକୁ ଚାପି ଦେଉଛି। ଡିଜିଟାଲ ଯୁଗର ଆଗମନ ସହ ମୋର ସମ୍ମାନ ଅପେକ୍ଷାକୃତ କମିଛି। ମୋର ପୃଷ୍ଠାକୁ ଫାଡ଼ିଦେଲେ ମଧ୍ୟ କେହି ଆଜି ଆଶ୍ଚର୍ଯ୍ୟ ହୁଅନ୍ତି ନାହିଁ। ଏବେ ଲୋକଙ୍କ ହାତରେ ମୋବାଇଲ, ଆଙ୍ଗୁଳିରେ ଫେସବୁକ, ୟୁଟ୍ୟୁବ, ଇନ୍ଷ୍ଟାଗ୍ରାମ। ରିଲସ ହେଉଛି ନୂଆ ଖବର। ଲାଇକ୍ ଓ କମେଣ୍ଟ ହେଉଛି ନୂଆ ମତାମତ।

ସାମାଜିକ ଗଣମାଧ୍ୟମ ଆସିବା ସହିତ ବଢ଼ିଛି ତଥ୍ୟ ବିକୃତି ଓ ଚାଲାକିପୂର୍ଣ୍ଣ ଖବରର ହାର। ଏବେ ତୁରନ୍ତ ଖବର ଦେବା ଓ ପ୍ରଥମେ ପ୍ରସାରଣ କରିବାର ଦୌଡ଼ରେ ମୁଁ ଉପେକ୍ଷିତ ହୋଇପଡ଼ିଛି। ଖବର ପଢ଼ିବାର ଅଭ୍ୟାସ ହ୍ରାସ ପାଇଛି। ମଣିଷ ୧୦ ସେକେଣ୍ଡରେ ଖବର ନେଉଛି ଏବଂ ୧ ସେକେଣ୍ଡରେ ଭୁଲି ଯାଉଛି। ଏହି ପରିବର୍ତ୍ତନ ମୋତେ ଦୁଃଖୀ କରୁ ନାହିଁ ବରଂ ଚିନ୍ତାରେ ପକାଇ ଦେଉଛି। କାରଣ ଶୀଘ୍ର ତଥ୍ୟର ଲହରୀ ମଧ୍ୟରେ ସତ୍ୟ ଓ ଅସତ୍ୟର ତଫାତ ଦୃଶ୍ୟାତୀତ ହେଇଯାଉଛି। ସାମାଜିକ ଗଣମାଧ୍ୟମରେ ତଥ୍ୟର ନିଜସ୍ୱ ଜୀବନ ନାହିଁ। ସେ କେବଳ ମତାମତ, ଭୟ, କ୍ରୋଧ ଓ ଭ୍ରମର ଅସ୍ଥିର ତରଙ୍ଗ। ମୋର ପୃଷ୍ଠାରେ ଧୂଳି ପଡୁଥିବା ସତ୍ତ୍ୱେ ମୋର ନୈତିକତା ଓ ଆଦର୍ଶର ଶକ୍ତି ଅସୀମ।

ତଥାପି ମୁଁ ଆଶାବାଦୀ। ଆଜି ମୋର ଅସ୍ତିତ୍ୱ ପ୍ରଶ୍ନରେ ତଥାପି ମୋର ଆତ୍ମଗ୍ଲାନି ନାହିଁ। କାରଣ ସତ୍ୟର ମୂଲ୍ୟ କେବେ ମରେ ନାହିଁ। ମୋର ଦାୟିତ୍ୱରେ ଆଜି ମଧ୍ୟ ପରିବର୍ତ୍ତନ ହୋଇନି। ମୁଁ ସତ୍ୟର ପକ୍ଷରେ ଅବିଚଳ। ଡିଜିଟାଲ ମାଧ୍ୟମର ଉଦୟ ସତ୍ତ୍ୱେ ମୋର ଅସ୍ତିତ୍ୱ ସଂପୂର୍ଣ୍ଣ ରୂପେ ଅମୂଲ୍ୟ ବା ଅନାବଶ୍ୟକ ହୋଇ ଯାଇନାହିଁ। ମୁଁ ଆଜି ମଧ୍ୟ ଗମ୍ଭୀର ଖବର ପ୍ରସାରଣ ଏବଂ ଆଞ୍ଚଳିକ ସମାଚାର ଦେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ମୋ ପରି ଅନେକ ଖବରକାଗଜ ସଫଳତାର ସହିତ ଅନଲାଇନ ପ୍ଲାଟଫର୍ମକୁ ରୂପାନ୍ତର ହୋଇଛି।

ମୁଁ ଆଜି ବି ରହିଛି ସତ୍ୟର ପ୍ରହରୀ, ସମାଜ ସଚେତନତାର ଯୋଦ୍ଧା, ଗଣତନ୍ତ୍ରର ସୁରକ୍ଷାକର୍ତ୍ତା। ସମୟ ବଦଳିଛି, ଯୁଗ ବଦଳିଛି, ସୂଚନାର ଦୌଡ଼ ହଠାତ୍ ବଢ଼ିଛି, କିନ୍ତୁ ସତ୍ୟର ମୂଲ୍ୟ, ନିର୍ଭରତା ଓ ବିଶ୍ୱାସର ପାଥେୟ ଅବିଚଳ ରହିଛି। ତୁରନ୍ତ ତଥ୍ୟର ଝଡ଼ ମଧ୍ୟରୁ ଯେତେବେଳେ ସତ୍ୟକୁ ଖୋଜିବା ଦୁର୍ବଳ ହେଉଛି, ସେତେବେଳେ ମୋର ଅସ୍ତିତ୍ୱ ଆହୁରି ଆବଶ୍ୟକ, ଆହୁରି ମୂଲ୍ୟବାନ। ହେ ମଣିଷ! ଯଦି ବିବେଚନା, ଚିନ୍ତନ ଓ ଜ୍ଞାନର ମାର୍ଗକୁ ଶକ୍ତିଶାଳୀ କରିବାକୁ ଚାହୁଁଛ, ତା'ହେଲେ ମୋର ପୃଷ୍ଠା ଖୋଲ, ମୋର ଅକ୍ଷରରେ ଭରସା କର। ମୋର ପାଠକ ହେବା ମାନେ କେବଳ ଖବର ପଢ଼ିବା ନୁହେଁ; ସଚେତନ ନାଗରିକ ହେବାର ପଥ ଚୟନ। ମୋର ବାର୍ତ୍ତା - ପୁନଃ ଆସ, ପୁନଃ ପଢ଼, ପୁନଃ ଭାବ। ପ୍ରତିଦିନ ୧୦ ମିନିଟ ସମୟ ମୋ ପାଇଁ ଦିଅ। ପ୍ରସଙ୍ଗଗତ ଖବର ଖୋଜ, ବିଶ୍ଳେଷଣ ପଢ଼, ତଥ୍ୟକୁ ପରୀକ୍ଷା କର। ଆଲୋଚନା କର, ପ୍ରଶ୍ନ କର, ନିର୍ଦ୍ଦେଶିତ ଡିଜିଟାଲ ଦୁନିଆରେ ନିଜ ମତ ନିଜେ ତିଆରି କର।

ମୁଁ ପୁଣି ଆସିବି ତୁମେ ଡାକିଲେ। ସେଇ ଦିନ ପାଇଁ ମୁଁ ଅପେକ୍ଷା କରୁଛି। ଆପଣଙ୍କ ପୁରୁଣା ମିତ୍ର - 'ଖବରକାଗଜ'।

(ପରିଚାଳକ, ଜୟଦେବ ଭବନ)
ଭୁବନେଶ୍ୱର, ମୋ: ୯୩୪୮୧୨୭୪୪୭

# ପଦ୍ମସମ୍ଭବଙ୍କ ମହାପରିନିର୍ବାଣ ସ୍ଥଳ

**ପ୍ରବୀର କୁମାର ପଟ୍ଟନାୟକ**

*ପୂର୍ବପ୍ରକାଶିତ ଉତ୍ତାରୁ...*

ବର୍ତ୍ତମାନର ମନ୍ଦିରଟିର ପୀଠସ୍ଥଳଟି ଏକ ପୁରାତନ ବୌଦ୍ଧ ମନ୍ଦିରର ମୂଳଭାବେ ଜଣାଯାଏ। ଉଭୟ ବୌଦ୍ଧ ଓ ଅସମୀୟ ପରମ୍ପରା ଅନୁଯାୟୀ ପ୍ରାଚୀନ ମୂଳ ବୌଦ୍ଧ ମନ୍ଦିର ଉପରେ ନୂତନ ମନ୍ଦିର ଆଧୁନିକ ଯୁଗରେ ହିଁ ନିର୍ମିତ ହୋଇଛି। ହିନ୍ଦୁ ବ୍ରାହ୍ମଣମାନେ ପୂଜା କରୁଥିବା ଦେବତା ବା ଠାକୁରଙ୍କୁ 'ମାଧବ' କହୁଥିବା ବେଳେ ବୌଦ୍ଧମାନେ ତାଙ୍କୁ ମହାମୁନି ବୁଦ୍ଧ ବୋଲି କହିଥା'ନ୍ତି। ପ୍ରକୃତପକ୍ଷେ ଏହା ପ୍ରସ୍ତର ନିର୍ମିତ ଏକ ବିଶାଳ ବୁଦ୍ଧ ମୂର୍ତ୍ତି। ବର୍ତ୍ତମାନ ଯୁଗରେ ଏହି ମୂଳମୂର୍ତ୍ତିକୁ ଲୁଚାଇ ଦେବା ଉଦ୍ଦେଶ୍ୟରେ ରୁପାର ଆଖି ଓ ନାକ ଇତ୍ୟାଦି ଏଥିରେ ଲଗାଇ ବସ୍ତ୍ର ଆଦି ଚାରିଆଡ଼େ ଢାଙ୍କି ଦେଇ ଅବଶିଷ୍ଟ ଖୋଲା ଭାଗକୁ ସବୁବେଳେ ଫୁଲରେ ଘୋଡ଼ାଇ ଦିଆଯାଇଛି।

ବୁଦ୍ଧଙ୍କର ଏହି ବିଶାଳ ପ୍ରତିମୂର୍ତ୍ତିଙ୍କୁ ତିବ୍ବତର ଯେଉଁ ଅତ୍ୟନ୍ତ ବିଦ୍ୱାନ ଲାମାମାନେ ପୀଠ ଦର୍ଶନରେ ଆସିଥା'ନ୍ତି ସେମାନେ 'ମୁନିର ମୁନି ମହାମୁନି' ବୋଲି କହିଥା'ନ୍ତି। ମୂଳ ବୁଦ୍ଧଙ୍କ ପ୍ରତିମୂର୍ତ୍ତିକୁ ଗୋପନରେ 'ମାଧବ' ଭାବେ ହିନ୍ଦୁମାନେ ଯେପରି ତାଙ୍କୁ ପରିବର୍ତ୍ତନ କରାଇଲେ ତାହା ଇତିହାସରେ ଖ୍ରୀ୧୬୬୧ରେ ମୁସଲମାନମାନଙ୍କ ଆକ୍ରମଣ ଯୋଗୁଁ କରାଯାଉଥିବା କୁହାଯାଉଛି। ମୁସଲମାନ ସେନାପତି ମୀର ଜୁମ୍ଲା ବିଭିନ୍ନ ପ୍ରତିମା ରହିଥିବା ମନ୍ଦିର ସବୁ ଭାଙ୍ଗି ଦେଇ ସେଠାରେ ମସ୍ଜିଦ୍‌ମାନ ନିର୍ମାଣ କରିବା ନିମନ୍ତେ ଆଦେଶ ଦେଇଥିଲେ। ବୁଦ୍ଧଙ୍କ ପ୍ରତିମୂର୍ତ୍ତି ସହ ଅନ୍ୟ ଯେଉଁ ପଥର ପ୍ରତିମାଗୁଡ଼ିକ ତାଙ୍କ ପାର୍ଶ୍ୱରେ ରଖାଯାଇଛନ୍ତି ସେଗୁଡ଼ିକର ସଂଖ୍ୟା ଚାରିଗୋଟି। ଏହି ପ୍ରତିମା ସବୁ ମଧ୍ୟ ବଡ଼ ଆକାରର। ଲାମା ତୀର୍ଥଯାତ୍ରୀଙ୍କ ମତରେ ସେସବୁ ମଧ୍ୟ ବୌଦ୍ଧ ପ୍ରତିମା। ସେହି ଚାରିଗୋଟି ବୁଦ୍ଧ ପ୍ରତିମୂର୍ତ୍ତି ହେଉଛନ୍ତି 'ଓଡ଼ିୟାନ ଗୁରୁ' (ପଦ୍ମସମ୍ଭବ) ମହାମୁନି ବୁଦ୍ଧଙ୍କ ବାସ କଡ଼ରେ, ଦର୍ଜେ ଡୋଲୋ(ବୁଦ୍ଧଙ୍କ ଡାହାଣ କଡ଼ରେ), ଶାକ୍ୟ ଥୁବା (ଡାହାଣ ପାଖରେ ଦ୍ୱିତୀୟରେ) ଓ ସେଞ୍ଚା ମୁନି (ଡାହାଣ ପାଖରେ ତୃତୀୟ ସ୍ଥାନରେ)।



ଦ୍ୱିତୀୟ-ବୁଦ୍ଧ କଥା

ଅନ୍ୟ ପକ୍ଷରେ ହିନ୍ଦୁମାନେ ସମସ୍ତ ଦେବଦେବୀଙ୍କୁ 'ପଞ୍ଚମାଧବ' ଭାବରେ ବର୍ଣ୍ଣନା କରିଥା'ନ୍ତି। ଦ୍ୱିତୀୟ ମାଧବ, ଲାଲ କହ୍ନେୟା ବାଙ୍କବିହାରୀ, ବାସୁଦେବ, ହୟଗ୍ରୀବ ମାଧବ ଏବଂ ଗରୁଡ଼ ବିଷ୍ଣୁ ବାହନ। ଏହା ନିଶ୍ଚିତ ଯେ ହୁଏନସାଂ ସପ୍ତମ ଶତାବ୍ଦୀରେ କାମରୂପ ଭ୍ରମଣରେ ଆସିଥିବା ସମୟରେ ଏଡି ହଜୋ ସ୍ଥାନରେ କୌଣସି ବୌଦ୍ଧ ଅନୁଷ୍ଠାନ ନ ଥିଲା। କାରଣ ସେ ନିର୍ଦ୍ଦିଷ୍ଟ ଭାବରେ ଦର୍ଶାଇଛନ୍ତି କି ଏଠାରେ (କାମରୂପ ରାଜ୍ୟରେ ଅଥବା ଆସାମରେ) ଲୋକମାନେ ବୌଦ୍ଧ ଧର୍ମରେ ବିଶ୍ୱାସ କରନ୍ତି ନାହିଁ କି ଏଠାରେ କୌଣସି ଗୋଟିଏ ବି ବୌଦ୍ଧ ବିହାର ଆଦି ନିର୍ମିତ ହୋଇନାହିଁ।

ଏସବୁ ଆଲୋଚନା ପରେ ଏହା ନିଶ୍ଚିତ ଭାବେ କୁହାଯାଇପାରିବ ଯେ ବୁଦ୍ଧଙ୍କର ମହାପରିନିର୍ବାଣ ଆସାମରେ କେବେହେଲେ ଘଟିନାହିଁ। ଏହା ପ୍ରତିଷ୍ଠିତ ତଥ୍ୟ କି ବୁଦ୍ଧଙ୍କର ମହାପ୍ରୟାଣ ଗୋରଖପୁର ନିକଟ କୁଶୀନଗରରେ ହିଁ ଘଟିଛି। ଏହା ମଧ୍ୟ ନିଶ୍ଚିତ ଯେ ଯାହା ବି ବୌଦ୍ଧକୀର୍ତ୍ତି ଏବଂ ବୌଦ୍ଧ ଅନୁଷ୍ଠାନ ଆଦି ଆସାମରେ ରହିଛି ବା ଦେଖାଯାଉଛି ତାହା ନିଶ୍ଚିତ ଭାବେ ସପ୍ତମ ଶତାବ୍ଦୀର ପରବର୍ତ୍ତୀ କାଳରେ ହୁଏନସାଂଙ୍କ ପରେ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତ-ରୁଷ...

ବରଫାବୃତ ସାମୁଦ୍ରିକ ଅଞ୍ଚଳରେ ଜାହାଜ ଚଳାଇବାର ପ୍ରଶିକ୍ଷଣ, ନୂଆଁ ସିପିଂ ଲେନ୍‌ରେ ନିବେଶ, ସିଭିଲ-ନ୍ୟୁକ୍ଲିୟର ଶକ୍ତି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ (କ୍ରିଟିକାଲ ମିନେରାଲ୍ସ) ଉପରେ ଏମଓୟୁ ସ୍ୱାକ୍ଷର ହୋଇଛି। ରାତିରେ ରାଷ୍ଟ୍ରପତି ଭବନରେ ନୈଶ୍ୟ ଭୋଜି ପରେ ପୁତିନ ରୁଷ୍ ଫେରି ଯାଇଛନ୍ତି।

ଆତଙ୍କବାଦ ବିରୋଧରେ କୌଣସି ଗୁପ୍ତ ଏଜେଣ୍ଡା ଏବଂ ଦୋମୁହାଁ ନୀତି ନ ଆପଣାଇ ବୈଶ୍ୱିକ ଲଢ଼େଇ କରିବାକୁ ଦୁଇ ଦେଶ ଆହ୍ୱାନ ଦେଇଛନ୍ତି। ଆତଙ୍କବାଦୀ ଅନୁପ୍ରବେଶ ଏବଂ ଏହାକୁ ସହାୟତା ଦେଉଥିବା ବ୍ୟକ୍ତି ତଥା ସଂଗଠନ ସହିତ ସବୁ ପ୍ରକାଶ ଆତଙ୍କବାଦର ମିଳିତ ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି।

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସସି)ରେ ଭାରତର ସ୍ଥାୟୀ ସଦସ୍ୟତାକୁ ମଧ୍ୟ ପୁତିନ ସମର୍ଥନ ଦେଇଛନ୍ତି। ସେହିପରି ପୁତିନଙ୍କ ସାମ୍‌ନାରେ ମୋଦୀ ରୁଷ୍ ସେନାରେ ସାମିଲ ଭାରତୀୟଙ୍କ ପ୍ରସଙ୍ଗ ଉଠାଇ ଥିଲେ। ଭାରତୀୟଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ମୋଦୀ ଦାବି କରିଥିଲେ। ଏବେ ରୁଷ ସେନାରେ ୪୪ ଭାରତୀୟ ଫସି ରହିଥିବା ବୈଦେଶିକ ମନ୍ତ୍ରାଳୟ ସୂଚନା ଦେଇଥିଲା।

ଚଢ଼ା ଶୁଳ୍କ ଲଗାଇବା ପରେ ରୁଷ୍‌ଠାରୁ ଅଶୋଧିତ ତୈଳ ନ କିଣିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ କ୍ରମାଗତ ଭାବେ ଚାପ ପକାଇ ଚାଲିଛନ୍ତି। ଏପରି ସମୟରେ ରୁଷ୍ ରାଷ୍ଟ୍ରପତି ଭାରତ ଗସ୍ତରେ ଆସି ଆମେରିକାର ଏକପାଖିଆ କାର୍ଯ୍ୟାନୁଷ୍ଠାନ ଏବଂ ଦୋମୁହାଁ ନୀତିକୁ ପୁତିନ ଅନୁଚିତ ବୋଲି କହିଛନ୍ତି। ଏହି ଗସ୍ତ ଉପରେ ସାରା ବିଶ୍ୱର ନଜର ରହିଛି। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ପୁତିନ ଗତ ୨୪ ଘଣ୍ଟା ମଧ୍ୟରେ ପରସ୍ପରକୁ ତିନି ଥର ଭେଟିଛନ୍ତି। ଉଭୟେ ନୈଶ୍ୟଭୋଜି, ଦ୍ୱିପାକ୍ଷିକ ଆଲୋଚନା, ମିଳିତ ସାମ୍ବାଦିକ ସମ୍ମିଳନୀ ଏବଂ ଭାରତ-ରୁଷ ବ୍ୟବସାୟିକ ଫୋରମକୁ ସମ୍ବୋଧିତ କରିଛନ୍ତି। ତେବେ ଏହି ସମୟରେ ଦୁଇ ଦେଶ ମଧ୍ୟରେ କୌଣସି ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର ହୋଇପାରି ନାହିଁ। ଏହା ପୂର୍ବରୁ ଲଢୁଆ ବିମାନ କିମ୍ବା ବଡ଼ ପ୍ରତିରକ୍ଷା ଚୁକ୍ତି ହେବ ବୋଲି କୁହାଯାଉଥିଲା। ମାତ୍ର ବ୍ୟବସାୟ ବୃଦ୍ଧି ପାଇଁ ଭାରତ-ରୁଷ ମଧ୍ୟରେ ୧୯ଟି ଚୁକ୍ତିରେ ମୋହର ବାଜିଛି। ଦୁଇ ଦେଶ ମଧ୍ୟରେ ଜାହାଜ ନିର୍ମାଣ, ଭାରତୀୟ ନାବିକଙ୍କୁ ବରଫାବୃତ ସାମୁଦ୍ରିକ ଅଞ୍ଚଳରେ ଜାହାଜ ଚଳାଇବାର ପ୍ରଶିକ୍ଷଣ, ନୂଆଁ ସିପିଂ ଲେନ୍‌ରେ ନିବେଶ, ସିଭିଲ-ନ୍ୟୁକ୍ଲିୟର ଶକ୍ତି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ (କ୍ରିଟିକାଲ ମିନେରାଲ୍ସ) ଉପରେ ଏମଓୟୁ ସ୍ୱାକ୍ଷର ହୋଇଛି।

ଆଜି ମିଳିତ ସାମ୍ବାଦିକ ସମ୍ମିଳନୀରେ ପୁତିନଙ୍କୁ ସବୁଠାରୁ ଘନିଷ୍ଠ ସହଯୋଗୀ ବୋଲି ମୋଦୀ କହିଥିଲେ। ଭାରତ ଏବଂ ରୁଷ ସମ୍ବନ୍ଧ ଧ୍ରୁବ ତାରା ଭଳି ସ୍ଥିର ଏବଂ ଅଟଳ । ମେକ ଇନ ଇଣ୍ଡିଆ ଅଧୀନରେ ରୁଷ ଜାହାଜ ନିର୍ମାଣରେ ସହଯୋଗ କରିବ। ୟୁରୋସିଆନ ଆର୍ଥିକ ସଂଘ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ) ନେଇ ମଧ୍ୟ ଆଲୋଚନା ଜାରି ରହିଛି। ରୁଷରେ ଦୁଇଟି ନୂଆ ବାଣିଜ୍ୟ ଦୂତାବାସ ଖୋଲିବା ସହିତ ଏହି ଦେଶର ନାଗରିକଙ୍କୁ ୩୦ ଦିନ ପାଇଁ ମାଗଣା ଇ-ଟୁରିଷ୍ଟ ଭିସା ଏବଂ ଗ୍ରୁପ-ଟୁରିଷ୍ଟ ଭିସା ଦିଆଯିବ ବୋଲି ମୋଦୀ ଘୋଷଣା କରିଛନ୍ତି। ୨୦୩୦ ପୂର୍ବରୁ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ଶହେ ବିଲିୟନ ଡଲାର ଛୁଇଁବ ବୋଲି ମୋଦୀ କହିଛନ୍ତି। ସେହିପରି ପୁତିନ କହିଥିଲେ ଯେ କେବଳ ତୈଳ ଏବଂ ଗ୍ୟାସ ଉପରେ ଆଲୋଚନା ପାଇଁ ସେ ଭାରତ ଗସ୍ତରେ ଆସିନାହାନ୍ତି। ଭାରତ ସହ ପ୍ରତ୍ୟେକ କ୍ଷେତ୍ରରେ ସମ୍ପର୍କ ଏବଂ ବାଣିଜ୍ୟ ବଢ଼ାଇବାକୁ ଚାହୁଁଛି। ବିନା ସମସ୍ୟାରେ ଇନ୍ଧନ ଯୋଗାଣ ଜାରି ରହିବ ବୋଲି ପୁତିନ ସ୍ପଷ୍ଟ କରିଛନ୍ତି। ଏବେ ଦୁଇ ଦେଶ ମଧ୍ୟରେ ୬୦ ବିଲିୟନ ଡଲାର କାରବାର ହେଉଛି। ଦ୍ୱିପାକ୍ଷିକ ବ୍ୟବସାୟ ବର୍ଷେ ମଧ୍ୟରେ ୧୨ ପ୍ରତିଶତ ବୃଦ୍ଧି ପାଇଛି। ଆଗକୁ ଏହା ୧୦୦ ବିଲିୟନ ଡଲାରକୁ ବଢ଼ିବ। ରୁଷ-ଭାରତ ମିଶି କୁଡ଼ନକୁଲମରେ ସବୁଠାରୁ ବଡ଼ ପରମାଣୁ କେନ୍ଦ୍ର ନିର୍ମାଣ କରୁଛନ୍ତି। ନୂଆ ଅନ୍ତର୍ଜାତୀୟ ପରିବହନ ମାର୍ଗ ମଧ୍ୟ ନିର୍ମାଣ ଚାଲିଛି। ଏହା ମାଧ୍ୟମରେ ବେଲାରୁଷ ଦେଇ ସାମଗ୍ରୀ ସିଧା ଭାରତ ମହାସାଗରରେ ପହଞ୍ଚିବ। ଏହା ସହିତ ଭାରତରେ ରୁଷ ଟୁଡେ ଚ୍ୟାନେଲ ଲଞ୍ଚ କରାଯିବ ବୋଲି ପୁତିନ କହିଛନ୍ତି। ସେ ଆମେରିକାର ଦୋମୁହାଁ ନୀତିକୁ ପ୍ରଶ୍ନ ଉଠାଇଛନ୍ତି। ରୁଷଠାରୁ ରିଆକ୍ଟର ଫୁଏଲ କିଣୁଥିବା ଆମେରିକା ଭାରତକୁ ଟାର୍ଗେଟ କରିବା ଅନୁଚିତ ବୋଲି ସେ କହିଛନ୍ତି। ଯଦି ଏହା କିଣି ଆମେରିକା ଠିକ୍ କରୁଛି ତେବେ ଭାରତର ଭୁଲ୍ କ'ଣ ରହିଲା ବୋଲି ପୁତିନ ଏକ ସାକ୍ଷାତକାରରେ କହିଛନ୍ତି। ଭାରତର ପ୍ରଭାବ ବୃଦ୍ଧି ଆମେରିକା ପାଇଁ ଅସହ୍ୟ ହୋଇଯାଇଥିବା ସେ ଉଲ୍ଲେଖ କରିଛନ୍ତି।

ଶୁକ୍ରବାର ରାତିରେ ରାଷ୍ଟ୍ରପତି ଭବନରେ ଆୟୋଜିତ ନୈଶଭୋଜିରେ ପୁତିନ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଉପସ୍ଥିତ ଥିବାବେଳେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ଆମନ୍ତ୍ରଣ କରାଯାଇ ନ ଥିଲା। କିନ୍ତୁ କଂଗ୍ରେସ ସାଂସଦ ଶଶୀ ଥରୁରଙ୍କୁ ଡକା ଯାଇଥିଲା। ଏହା ପୂର୍ବରୁ ବିଦେଶରୁ ଆସୁଥିବା ନେତାଙ୍କ ସହ ସାକ୍ଷାତ କରିବାକୁ ସରକାର ଦେଉନାହାନ୍ତି ବୋଲି ରାହୁଲ ଅଭିଯୋଗ କରିଥିଲେ। ଆଜିର ଏହି ଘଟଣା ପୁଣି ଏକ ନୂଆ ବିବାଦ ସୃଷ୍ଟି କରିଛି।

### ଡିଜିସିଏର ତଦନ୍ତ...

ଚଳାଚଳ ସ୍ୱାଭାବିକ ହେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ବିମାନ ସେବାରେ ଅବ୍ୟବସ୍ଥାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛି।

ଅନ୍ୟପକ୍ଷରେ ଯାତ୍ରୀ ସେବାକୁ ସୁଗମ କରିବା ପାଇଁ ପାଇଲଟଙ୍କୁ ସାପ୍ତାହିକ ବିଶ୍ରାମ ବଦଳରେ କୌଣସି ଆଶ୍ୱସ୍ତି ନ ଦେବା ନିଷ୍ପତ୍ତିକୁ ପ୍ରତ୍ୟାହାର କରି ନିଆଯାଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏହି ନିୟମରୁ ଇଣ୍ଡିଗୋକୁ ଫେବୃଆରୀ ୧୦ ପର୍ଯ୍ୟନ୍ତ ଆଶ୍ୱସ୍ତି ଦେଇଛି। ଏବେ କ୍ରୁ ସଦସ୍ୟଙ୍କୁ ପୂର୍ବ ଭଳି ୩୬ ଘଣ୍ଟା ବିଶ୍ରାମ ମିଳିବ।

### ପରୀକ୍ଷା ପୂର୍ବରୁ...

କରାଯାଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ ଯେ ଶୁକ୍ରବାର ଅପରାହ୍ନରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉପରୋକ୍ତ ପ୍ରସଙ୍ଗ ଉଠାଇଥିଲେ। ଏହି ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ଗୃହରେ ବିବୃତି ରଖିବାକୁ ବାଚସ୍ପତି ରୁଲିଂ ପ୍ରଦାନ କରିବାକୁ ସେ ଦାବି କରିଥିଲେ। ଏହାପରେ ବିଜେଡି ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ନାରାବାଜି କରିଥିଲେ। କଂଗ୍ରେସ ସଦସ୍ୟମାନେ ମଧ୍ୟ ନିଜ ନିଜ ଆସନରେ ଛିଡ଼ା ହୋଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିବୃତି ଦାବି କରିଥିଲେ। ଫଳରେ ବାଚସ୍ପତି ସୁରମା ପାଢ଼ୀଙ୍କୁ ଗୃହକୁ ୨ଟି ପର୍ଯ୍ୟାୟରେ ୨୦ ମିନଟ ମୁଲତବୀ କରିବାକୁ ପଡ଼ିଥିଲା। ଗୃହରେ ସ୍ୱାସ୍ଥ୍ୟମନ୍ତ୍ରୀ ବିବୃତି ରଖିବେ ବୋଲି ବାଚସ୍ପତି ରୁଲିଂ ଦେବା ପରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଅପରପକ୍ଷେ ଆଜି ମୁଲତବୀ ଆଲୋଚନା ଚାଲିଥିବା ବେଳେ କଂଗ୍ରେସ ବିଧାୟକ ଡ. ସିଏସ୍ ରାଜନ ଏକ୍କା ପଏଣ୍ଟ ଅଫ୍ ଅର୍ଡର ଜରିଆରେ ସମାନ ପ୍ରସଙ୍ଗ ଗୃହରେ ଉଠାଇଥିଲେ।

ରାଜ୍ୟରେ ବାରମ୍ବାର ପରୀକ୍ଷା ବିଭ୍ରାଟ ମେଧାବୀ ଛାତ୍ରଛାତ୍ରୀଙ୍କୁ ହତୋତ୍ସାହିତ କରୁଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଦିନରାତି ପରିଶ୍ରମ କରି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ ମଧ୍ୟ ସ୍ୱଚ୍ଛତାର ସହ ପରୀକ୍ଷା କରାଇବାରେ ସରକାର ବିଫଳ ହୋଇଛନ୍ତି। ଏହା ପୂର୍ବରୁ ଏକାଧିକ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ପରିଚାଳନାରେ ବିଭ୍ରାଟ ପରି ଘଟଣା ପରୀକ୍ଷାର୍ଥୀଙ୍କୁ ବିଚଳିତ କରିଛି। ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା ପଦାକୁ ଆସିବା ପରେ ଆଶାୟୀଙ୍କ ମେରୁଦଣ୍ଡ ଦୋହଲି ଯାଇଥିଲା। ଏତେ ବଡ଼ ସ୍ତରରେ କେଲେଙ୍କାରୀ ହେଉଥିବା ଜଣାପଡ଼ିବା ପରେ ସେମାନଙ୍କ ମନୋବଳ ଭାଙ୍ଗି ଯାଇଛି। ଏବେ ଯେକୌଣସି ନିଯୁକ୍ତି ପରୀକ୍ଷାକୁ ନେଇ ସେମାନଙ୍କ ମନରେ ସନ୍ଦେହ ଉପୁଜୁଥିବା ବେଳେ ସରକାର ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ବିଫଳ ହେଉଛନ୍ତି। ଅପରପକ୍ଷେ, ଗୋଟିଏ ପରେ ଗୋଟିଏ ପରୀକ୍ଷା ବିଭ୍ରାଟ ହେଉଥିବାରୁ ସରକାରଙ୍କ ଆନ୍ତରିକତା ନେଇ ମଧ୍ୟ ସେମାନେ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟରେ ସରକାର ବଦଳିବା ପରେ ପରୀକ୍ଷା ବିଭ୍ରାଟ ଉତ୍କଟ ରୂପ କିପରି ନେଇଛି ବୋଲି ପ୍ରଶ୍ନ କରିଛନ୍ତି।

### କମିଲା ସୁଧ...

ସଞ୍ଜୟ ମାଲହୋତ୍ରା ଆଜି ଘୋଷଣା କରିଛନ୍ତି। ରେପୋ ହାରରେ ହ୍ରାସ ପରେ ଋଣ ଶସ୍ତା ହେବା ସହ ଇଏମ୍‌ଆଇ କମିବ। ଫଳରେ ଆଗାମୀ ଦିନରେ ଗୃହ ଏବଂ ଅଟୋ ଋଣ ଶସ୍ତା ହେବ।

ସୂଚନାଯୋଗ୍ୟ ଯେ, ଚଳିତବର୍ଷ ରିଜର୍ଭ ବ୍ୟାଙ୍କ ରେପୋ ହାର ୪ ଥର ହ୍ରାସ ଘଟାଇଛି। ଆର୍‌ବିଆଇ ଫେବୃଆରୀ ପରଠାରୁ ତିନୋଟି କିସ୍ତିରେ ମୋଟ ୧% ରେପୋ ହାର ହ୍ରାସ କରିଛି। ନୀତିଗତ ସୁଧ ହାରରେ ଆହୁରି ହ୍ରାସ ଘଟିବ ବୋଲି ପୂର୍ବରୁ ଆର୍‌ବିଆଇ ଗଭର୍ଣ୍ଣର ସୂଚନା ଦେଇଥିଲେ। ସୁଧ ହାର ହ୍ରାସ ଯୋଗୁ ଆଗାମୀ ଦିନରେ ବଜାରରେ ଗୃହ ଏବଂ ଅଟୋ ଭଳି ଋଣ ୦.୨୫% ଶସ୍ତା ହେବ।

ସୂଚନାଯୋଗ୍ୟ, ଚଳିତ ବର୍ଷ ରେପୋ ହାର ଚାରି ଥରରେ ୧.୨୫% ହ୍ରାସ ପାଇଛି। ଆର୍‌ବିଆଇ ଫେବୃଆରୀ ବୈଠକରେ ସୁଧ ହାର ୬.୫%ରୁ ୬.୨୫%କୁ ହ୍ରାସ କରିଥିବାବେଳେ ଏପ୍ରିଲ ବୈଠକରେ ଦ୍ୱିତୀୟ ଥର ପାଇଁ ସୁଧ ହାର ୦.୨୫% ହ୍ରାସ କରାଯାଇଥିଲା। ଜୁନ୍ ମାସରେ ତୃତୀୟ ଥର ପାଇଁ ସୁଧ ହାର ୦.୫୦% ହ୍ରାସ କରାଯାଇଥିବାବେଳେ, ଏବେ ପୁଣି ଥରେ ଏଥିରେ ୦.୨୫% ହ୍ରାସ କରାଯାଇଛି।

### ଦୁର୍ଘଟଣାରେ ଗଲା...

ପାଇ ଯୋଡ଼ା ପୁଲିସ ପହଞ୍ଚି ଶବଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ଜବତ କରି ଚାଳକକୁ ଅଟକ ରଖିଛି।

ସେହିପରି ଅନ୍ୟ ଏକ ଘଟଣା ସନ୍ଧ୍ୟା ପ୍ରାୟ ୬ଟା ୪୫ରେ ଘଟିଥିଲା। ଗୁଆଲିଗୁଡା ସାହି ଅଞ୍ଚଳର ଧ୍ରୁବଚରଣ ନାଏକ ନିଜ ଜନ୍ମଦିନ ପାଇଁ କୋଇଡ଼ାରୁ କେକ୍ କିଣି ବାଇକ୍‌ରେ ଫେରୁଥିବା ବେଳେ ରୁଗୁଡ଼ି ଥାନା ଅନ୍ତର୍ଗତ ଗନ୍ଧଲପଦା ନିକଟରେ ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଧ୍ରୁବଙ୍କ ମୃତ୍ୟୁ ହୋଇଯାଇଥିଲା। ଧ୍ରୁବ ରାସ୍ତାର ଭୁଲ ପାର୍ଶ୍ୱରେ ଦ୍ରୁତଗତିରେ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ରୁଗୁଡ଼ି ଥାନାଧିକାରୀ ସୂଚନା ଦେଇଛନ୍ତି।

### ୨ ବର୍ଷର ଶିଶୁକୁ...

ଲଳିତା ୮ ମାସର ଗର୍ଭବତୀ। ଆଜି ମଧ୍ୟାହ୍ନରେ ସେ ନିଜ ସ୍ୱାମୀ ଓ ଶିଶୁ ସହ ସ୍କୁଟିରେ ବ୍ରହ୍ମପୁର ବଡ଼ ମେଡ଼ିକାଲ ଯାଇଥିଲେ। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସନ୍ଧ୍ୟାରେ ଗାଁକୁ ଫେରୁଥିଲେ। ଗଣିଆନାଳ ଛକ ନିକଟସ୍ଥ ମାଁ କୁରେଇଶୁଣି ମନ୍ଦିର ସମ୍ମୁଖରେ ବିପରୀତ ଦିଗରୁ ଆସୁଥିବା ସୁନୀଲଙ୍କ ବାଇକ୍ ସହ ସ୍କୁଟିଟି ଧକ୍କା ହୋଇଥିଲା। ସମସ୍ତେ ରାସ୍ତାର ଉଭୟ ପାର୍ଶ୍ୱରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ଲଳିତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଗୁରୁତର ସୁନୀଲଙ୍କ ଚିକିତ୍ସା କରାଯାଉଛି। ଖବର ପାଇ ଦିଗପହଣ୍ଡି ପୁଲିସ ମେଡିକାଲରେ ପହଞ୍ଚି ମୃତଦେହଦ୍ୱୟକୁ ଜବତ କରି ତଦନ୍ତ ଚଳାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି। ଶନିବାର ସକାଳୁ ଶବ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

### ଫେବ୍ରୁଆରୀ ୧୯ରୁ...

ବୋର୍ଡ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ପରିଷଦର ୱେବ୍‌ସାଇଟ୍‌ରେ ଉପଲବ୍ଧ ଥିବା ଅଫିସିଆଲ୍ ସମୟ ସୂଚୀକୁ ଯତ୍ନର ସହ ଯାଞ୍ଚ କରିବାକୁ ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ହେବାକୁ ପରାମର୍ଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ମାଟ୍ରିକ୍ ପରୀକ୍ଷା ସହ ବିଏସ୍‌ଇ ଓଡ଼ିଶା ପକ୍ଷରୁ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରମାଣପତ୍ର ପରୀକ୍ଷା ୨୦୨୬ ଏବଂ ମାଧ୍ୟମା ସଂସ୍କୃତ ପରୀକ୍ଷା ୨୦୨୬ର ସୂଚୀ ମଧ୍ୟ ପ୍ରକାଶ କରାଯାଇଛି।

### ସରକାରୀ ସହାୟତା...

ବଢ଼ିଥିଲା। ଏହାପରେ ସେ ଆଉ ପଛକୁ ଫେରି ନାହାନ୍ତି। ଦିଲ୍ଲୀରେ ଆୟୋଜିତ 'ବୀର କ୍ଲାସିକ୍ ଚାମ୍ପିଅନସିପ'ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଗାଜିଆବାଦରେ ଆୟୋଜିତ 'ମିଷ୍ଟର ଇଣ୍ଡିଆ ୱିମେନ୍ ବଡି ବିଲଡିଂ ଚାମ୍ପିଅନ୍‌ସିପ୍'ରେ ମଧ୍ୟ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ୨୦୨୫ ମେ' ମାସରେ ବ୍ୟାଙ୍କକ୍‌ରେ ଆୟୋଜିତ 'ଇଣ୍ଟରନ୍ୟାସନାଲ ବଡି ବିଲଡିଂ ଆଣ୍ଡ ଫିଟନେସ୍ ଚାମ୍ପିଅନସିପ୍ ୫୨ କେଜି ୱେଟ୍ କାଟାଗୋରୀରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାସହ ୧୭୨ ସେଣ୍ଟିମିଟର ଫିଟନେସ୍ କାଟାଗୋରୀରେ ମଧ୍ୟ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତେବେ ସେ ବିକ୍‌ନି, ଫିଟନେସ୍, ବଡି ବିଲଡିଙ୍ଗ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି। ଏ ୩ଟି ବିଭାଗରେ ସେ ପ୍ରଥମ ସ୍ଥାନ ଅଧିକାର କରିବା ସହ ରାଜ୍ୟ ଓ ଦେଶର ଗୌରବ ବୃଦ୍ଧି କରିଥିଲେ।

କିନ୍ତୁ ଏହି ବିଶ୍ୱ ବିଜେତାଙ୍କ ଲାଗି ଓଡ଼ିଶା ସରକାର ନିଜର ସହାୟତାର ବାଟ ବନ୍ଦ କରିଦେଇଥିଲେ। ଏବେ କ୍ରୀଡ଼ା ନୀତି ଅନୁଯାୟୀ ଏକାଧିକ ଅଣ ଅଲିମ୍ପିଆଡ୍ ପଦକ ବିଜେତାଙ୍କୁ, ଅଂଶଗ୍ରହଣ କରିବାକୁ ସରକାର ହାତ ଖୋଲି ଦେଇଛନ୍ତି। କିନ୍ତୁ ଏକ କଷ୍ଟସାଧ୍ୟ ଖେଳରେ ତାଙ୍କୁ ସହାୟତା, ପ୍ରୋତ୍ସାହନ ରାଶି ଦେବାତ ଦୂରର କଥା ସାମାନ୍ୟ ଅଭିନନ୍ଦନ କିମ୍ବା ଶୁଭେଚ୍ଛା ବାର୍ତ୍ତାଟିଏ ଜଣାଇ ନାହାନ୍ତି ଓଡ଼ିଶା କ୍ରୀଡ଼ା ଓ ଯୁବ ସେବା ବିଭାଗ କିମ୍ବା କିମ୍ବା ମୁଖ୍ୟମନ୍ତ୍ରୀ। ଏବେ ଦେଶ ବିଦେଶରେ ସଫଳତା ପାଉଥିବା ଦଳ କିମ୍ବା କ୍ରୀଡ଼ାବିତ୍‌ଙ୍କୁ ବିଭାଗ, ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଓ ଅଭିନନ୍ଦନରେ ପୋତି ପକାଉଛନ୍ତି। ଏଭଳି କ୍ଷେତ୍ରରେ ପିଙ୍କିଙ୍କ ପ୍ରତି ମନ୍ତ୍ରୀ ଓ ପ୍ରଶାସକ କାହିଁକି ଚୁପ୍ ରହିଛନ୍ତି ତାହା ସନ୍ଦେହ ସୃଷ୍ଟି କରିଛି। ବିନା ସହାୟତା କିମ୍ବା ପ୍ରୋତ୍ସାହନରେ ବଲି ବିଲ୍ଡିଂ ଭଳି କ୍ରୀଡ଼ାରେ ତିଷ୍ଠି ରହିବା ସମ୍ଭବ ନୁହେଁ। ଏହାର ଅଭାବରେ ପିଙ୍କି ଯେ ଏବେ ଖେଳ ଛାଡ଼ିବାକୁ ଚିନ୍ତା କରିବା ନିଶ୍ଚିତ ଭାବେ ରାଜ୍ୟ ଲାଗି ଖରାପ ପରମ୍ପରା ସୃଷ୍ଟି କରିବ। ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ପୂର୍ବରୁ ପିଙ୍କି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଥିଲେ। ପିଙ୍କିଙ୍କ ମୁଣ୍ଡରେ ହାତ ରଖି ଆଶୀର୍ବାଦ ଦେବା ସହ ତାଙ୍କ ଲାଗି କିଛି ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏହି ପ୍ରତିଶ୍ରୁତି ୯ ମାସ ପୂରିବାକୁ ବସିଲାଣି। ପିଙ୍କି କିନ୍ତୁ ସହାୟତା ଓ ପ୍ରୋତ୍ସାହନ ଅଭାବରେ ଖେଳ ଛାଡ଼ିବାକୁ ବସିଲେଣି। ଖୋର୍ଦ୍ଧା ଜିଲ୍ଲାର ଝିଅ ଓ ଡେଲାଙ୍ଗର ବୋହୁ ଏବେ ଡୁମୁଡୁମାର ବାସିନ୍ଦା। ସରକାରୀ ସହାୟତା ବିନା ସେ ତାଙ୍କ ସ୍ୱପ୍ନ ପୂରଣ କରିବାରେ ସମର୍ଥ ହେବେ ନାହିଁ।

## ବେଢ଼ାକୁଦର ଡାକ ଜମାଖାତାରୁ ଟଙ୍କା ଗାଏବ

# ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେର୍‌ଫେର୍

ବାଙ୍ଗିରିପୋଷି, ୫।୧୨(ସମିସ): ବାଙ୍ଗିରିପୋଷି ସବ୍-ପୋଷ୍ଟ ଅଫିସ ଅଧୀନରେ ଥିବା ବେଢ଼ାକୁଦର ଉପ-ଡାକଘରୁ ଜମାକାରୀମାନଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ହେଉଥିବା ଜଣାପଡ଼ିଛି। ଜମାକାରୀମାନେ ବାଙ୍ଗିରିପୋଷି ସବ୍-ପୋଷ୍ଟ ଅଫିସକୁ ଟଙ୍କା ଉଠାଣ ପାଇଁ ଆସି ଆକାଉଣ୍ଟରେ ଟଙ୍କା ନଥିବାର ଜାଣିବାକୁ ପାଇ ନିରାଶ ହେଉଛନ୍ତି। ଯୋଗୀବନ୍ଧ ଗ୍ରାମର ଚିତ୍ତରଞ୍ଜନ ମହାନ୍ତ ଟଙ୍କା ଉଠାଇବାକୁ ଆସି ଖାତାରେ ଟଙ୍କା ନ ଥିବା ଜାଣି ହତାଶ ହୋଇ କାକୁତିମିନତି ହୋଇ ସବ୍ ପୋଷ୍ଟମାଷ୍ଟରଙ୍କୁ ଗୁହାରି କରିଥିଲେ। ଏହାକୁ ନେଇ ସବ୍ ପୋଷ୍ଟମାଷ୍ଟର ରାଇରଙ୍ଗପୁର ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଉକ୍ତ ଘୋଟାଲା ସମ୍ପର୍କରେ ଅବଗତ କରିଥିବାର ଜଣାପଡ଼ିଛି। ଏବେ ବି ବହୁ ଗରିବ ଖଟିଖିଆ ଲୋକ ବ୍ୟାଙ୍କ ବଦଳରେ ସରକାରଙ୍କ ସବୁଠାରୁ ଭରସାଯୋଗ୍ୟ ସଂସ୍ଥା ଡାକଘରେ ଟଙ୍କା ଜମା ରଖିଛନ୍ତି। କିନ୍ତୁ ଲୋକଙ୍କ କଷ୍ଟ ଉପାର୍ଜିତ ଟଙ୍କା ତାଙ୍କୁ ଠିକ୍ ସମୟରେ ମିଳୁନାହିଁ କିମ୍ବା ତାଙ୍କ ଜମାଖାତାରେ ଟଙ୍କା ମଧ୍ୟ ରହୁ ନ ଥିବା ଦେଖିବାକୁ ମିଳିଛି। ତେଣୁ ଜମାକାରୀଙ୍କ ଭରସା ତୁଟିବାରେ ଲାଗିଛି। ପ୍ରାୟ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେର୍‌ଫେର୍ ହୋଇଥିବା ନେଇ ସୂଚନା ମିଳିଛି। ତେବେ ଆଗକୁ ଅଧିକ ଖୋଳତାଡ଼ ହେଲେ ତଳୁ ଉପର ପର୍ଯ୍ୟନ୍ତ କିଏ କିଏ ଏଥିରେ ସମ୍ପୃକ୍ତ ଅଛନ୍ତି ଜଣାପଡ଼ିବା ସହ ଆହୁରି ଅନେକ ଦୁର୍ନୀତି ଧରାପଡ଼ିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷେ ବେଢ଼ାକୁଦର ଡାକଘର ଦାୟିତ୍ୱରେ ଥିବା ଅମିତ ମହାନ୍ତଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ।

**ପୋଷ୍ଟମାଷ୍ଟରଙ୍କ ସମ୍ପୃକ୍ତି ଥିବା ନେଇ ସନ୍ଦେହ**

**AFFIDAVIT**
I,Parbin Nesha W/o Jafar Iqbal Mohammad, residing at Kuranga Pradhan, Po-Raipur, PS-Sadar, Dist-Cuttack, PIN-754001, Odisha, declared that my husband name has been mistakenly mentioned as Jafar Iqbal Mohammed in my passport. The correct name is Jafar Iqbal Mohammad. In all future reference, he should be known as Jafar Iqbal Mohammad by this affidavit on dtd.16/06/2025

**ପୂର୍ବ ତଟ ରେଳପଥ**
'ଇ' କ୍ରୟ ପ୍ରଣାଳୀ
ଟେଣ୍ଡର ବିଜ୍ଞପ୍ତି ସଂ. PCMM/EP/2025-26/17, ତା.02.12.2025ରିଖ
କ୍ରମ ସଂ.01 : ଟେଣ୍ଡର ନଂ.02251446, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ସିଲିଣ୍ଡ୍ରିକାଲ ରୋଲର ବିୟରିଂ ସେଟ୍, ପରିମାଣ : T.S. ଅନୁସାରେ।
କ୍ରମ ସଂ.02 : ଟେଣ୍ଡର ନଂ.03251794A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଡବଲ ଆକ୍ଟିଙ୍ଗ୍ ହାଇଡ୍ରୋଲିକ୍ ସକ୍(Shock) ଅବଶୋଷକ, ପରିମାଣ : 1000 ଗୋଟି।
କ୍ରମ ସଂ.03 : ଟେଣ୍ଡର ନଂ.09253605A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 3 ମିଟର ଲମ୍ବରେ ଏମ୍ ଏସ୍ ଫ୍ଲାଟ୍ ସାଇଜ୍ 40mm x 6mm, ପରିମାଣ : T.S. ଅନୁସାରେ।
କ୍ରମ ସଂ.04 : ଟେଣ୍ଡର ନଂ.03253925B, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବ୍ରେକ୍ କାଲିପର ୟୁନିଟ୍, ପରିମାଣ : 104 ଗୋଟି।
କ୍ରମ ସଂ.05 : ଟେଣ୍ଡର ନଂ.03251470A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : LHB କୋଚ୍‌ଗୁଡ଼ିକ ନିମନ୍ତେ CBC କପଲର ନୁକଲ (Knuckle), ପରିମାଣ : 233 ଗୋଟି।
କ୍ରମ ସଂ.06 : ଟେଣ୍ଡର ନଂ.04251001A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଭାଲ୍‌ବ ରେଗୁଲେଟେଡ୍ ଲିଡ୍ ଏସିଡ୍ ବ୍ୟାଟେରୀ, ପରିମାଣ : T.S. ଅନୁସାରେ।
କ୍ରମ ସଂ.07 : ଟେଣ୍ଡର ନଂ.06255429, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 8.5 ରେ 1 ୱେଲ୍ଡଯୁକ୍ତ ସିଏମ୍‌ଏସ୍ କ୍ରସିଙ୍ଗ୍ B.G, ପରିମାଣ: T.S. ଅନୁସାରେ।
କ୍ରମ ସଂ.08 : ଟେଣ୍ଡର ନଂ.02251711, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : କଣ୍ଟ୍ରୋଲ ପୋର୍ସନ ER 787776-1994 ନିମନ୍ତେ ଓଭରହାଲିଙ୍ଗ୍ କିଟ୍, ପରିମାଣ : T.S. ଅନୁସାରେ।
କ୍ରମ ସଂ.09 : ଟେଣ୍ଡର ନଂ.04254313A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବ୍ରସ୍‌ଲେସ୍ ସେନ୍‌ସର ବିହୀନ DC ରେଲୱେ କ୍ୟାରେଜ୍ ଫ୍ୟାନ୍ସ, ପରିମାଣ : 3906 ଗୋଟି।
ଟେଣ୍ଡର ଖୋଲାଯିବା ତାରିଖ : ତା.15.12.2025ରିଖ (କ୍ରମ ସଂ.1 ଏବଂ 5 ପାଇଁ), ତା.18.12.2025ରିଖ (କ୍ରମ ସଂ.2 ଏବଂ 3 ପାଇଁ), ତା.16.12.2025ରିଖ (କ୍ରମ ସଂ.4 ପାଇଁ), ତା.29.12.2025ରିଖ (କ୍ରମ ସଂ.6 ଏବଂ 7 ପାଇଁ), ତା.17.12.2025ରିଖ (କ୍ରମ ସଂ.8 ପାଇଁ) ଏବଂ ତା.05.01.2026ରିଖ (କ୍ରମ ସଂ.9 ପାଇଁ)।
ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।
ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ ଭୁବନେଶ୍ୱର
PR-873/Q/25-26

**NOTICE**
By virtue of an affidavit sworn before Executive Magistrate, Talcher, dated 07/11/2025. I, MAMI MOHARANA, Address: Vill/PO-Ghantapada,PS-Colliery ,Dist.-Angul,Odisha-759103 declare that I have changed my name from MAMATA MAHARANA to MAMI MOHARANA. Henceforth, I shall be known as MAMI MOHARANA for all purposes.
MAMI MOHARANA

**WALK-IN-INTERVIEW**
REJUVENE URO NEPHRO HOSPITAL, Mangalabag, Cuttack required GDMO (Negotiable Salary),OT Technician, OT Incharge, GNM ICU Incharge (15k TO 20K and above Negotiable) ANM, Receptionist, GJAY Executive, OPD Staff (12K TO 15K) and above Negotiable. Minimum Experience-2Yrs
1st walk in interview on 7th December 2025
2nd walk in interview on 27th December 2025
Walk in interview timing-10:30AM TO 2:30PM
Interview Venue- REJUVENE URO NEPHRO HOSPITAL Ring Road, Mangalabag, Cuttack-753001, M-8763145837/ 9124948026, Mail ID-rejuveneuronephro@gmail.com

**NOTICE FOR MINOR**
By virtue of an affidavit sworn before Executive Magistrate, Gop, dated 29/10/2025, I DEBENDRA SWAIN, S/o Purnachandra Swain permanent resident of Village-Nuakholamara Gadasahi, Po: Lalitapahandi, Ps - Gop, Dist- Puri, State- Odisha, Pin- 752045 declare that I have changed my minor Son's name from PRADUMNA SWAIN (Old Name) to PRADYUMNA SWAIN (New Name). Henceforth, he shall be known as PRADYUMNA SWAIN for all future purposes.
(Sd- DEBENDRA SWAIN)

**VEHICLE FOR SALE**
NEW HOLAND 3230 TRACTOR, Model - 2022, Registration No-OD-04-S-2096, in as is where is condition, Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days

**AFFIDAVIT**
I Deepak Jena s/o- Jagannath Jena AT/Po- Chakeisab, Ps-Kamarda, Dist- Balasore, Odisha, declared by affidavit before Executive Magistrate , Bhograi No.4084/9.10. 2025, that I have changed my name Shiba Shankar Jena to Deepak Jena s/o Jagannath Jena and I shall be treated as same and one person. Hence my name as Deepak Jena for all future purpose.

**FOR SALE**
1 Number of Tractor – TAFE MF 246 DYNATRACK, Registration No.- OD-01-AU-9930, Model-2023, ENGINE NO – S3255N74848, CHASSIS NO - MEAAACD5LP2514869, For Details, contact – 94370 55763, 9437966073, SUNDARAM FINANCE LTD., First floor, Choudhury Nivas, SAHADEVKHUNTA, BALASORE,756001, PH. NO-06782-266658

**AFFIDAVIT**
By virtue of an affidavit (CF No. 02, dtd- 05/12/2025) sworn before the Executive Magistrate, Padampur. I, Narayan Benchhor, S/o Rajkumar Benchhor, permanent & current resident of AT/Po Paikmal, PS- Paikmal, Dist- Bargarh, PIN-768039, Odisha declare that I have changed my name from Narayan Benchhor to Narayana Benchhor. Henceforth, I shall be known as Narayana Benchhor (new name) for all purposes.

**NOTICE**
By virtue of an Affidavit sworn before Executive Magistrate, Bhubaneswar. dated 29.11.2025, CF No.01, I, Trinath Sahoo, aged about 45 years, S/o: Sankar Sahoo, residing at Totapada, PO: Baku, PS: Gadisagada, Dist: Puri, PIN: 752019, Aadhaar No.45606087 3983 currently residing at above address, declare that I have changed my daughter's name from Somali Sahoo (old name) to Sonali Sahoo (new name). Henceforth she shall be known as Sonali Sahoo for all purposes.
Sd/- Trinath Sahoo

**AFFIDAVIT**
By virtue of an affidavit sworn before the Notary Public Jeypore, dated 03.12.2025 I, JASPAL SINGH BHOGAL, S/o-Late Sohan Singh resident of new Street 1st lane, Po./Ps.-Jeypore, Dist.- Koraput, Odisha state that, in the Birth Certificate and Passport of my daughter ISHPREET KAUR my name has been wrongly mentioned as JASPAL SINGH. That JASPAL SINGH and JASPAL SINGH BHOGAL is one and same person.
Sd/- Jaspal Singh Bhogal

**AFFIDAVIT**
By virtue of an affidavit No.3059, sworn before the Executive Magistrate, Sukinda on dtd-04/12/2025, I Dharanidhar Mohapatra, S/o Late Nilamani Mahapatra, resident of At/Po/Ps-Sukinda, Dist- Jajpur, Odisha, Pin- 755018 declared that I have changed my minor son's name from Surja Prakash Mahapatra (old name) to Surya Prakash Mohapatra (new name). Henceforth he shall be known as Surya Prakash Mohapatra for all future purposes.
Dharanidhar Mohapatra

**AFFIDAVIT**
By virtue of an affidavit before the Notary Public, Titilagarh, on dated-05/12/2025. I, Muralidhar Chhura (applicant name), S/o- Nirakar Chhura, permanent resident of AT- Gunchitara, PO- Tentulikhunti, PS- Titilagarh, Dist-Balangir, (Odisha), PIN- 767037 now residing at the same place declare that I have changed my minor daughter's name from Premanjal Chhura (old name) to Premanjali Chhura (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as Premanjali Chhura (new name) for all future purposes.
Muralidhar Chhura

**FOR SALE**
1 Number of TRACTOR –ESCORTS PT EURO 45 4WD, Registration No.- OD-17-AC-4681, Model 2024, - ENGINE NO E3761024, CHASIS NO - T053669670FM, For Details, contact – 9437577742, SUNDARAM FINANCE LTD., 1ST Floor, Naik Bhaban, Ward No-18, NH-6, Near -Bhatli Chowk, DIST- BARGARH-768028(Odisha).

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, dated 05/05/2025, I KARTIK JENA, S/o Sarbeswar Jena permanent resident of Village- Batol, Po: Gadamotari, Ps - Delanga, Dist- Puri, State- Odisha, Pin- 752015 declare that I have changed my name from KARTTIK PATTANAYAK (Old Name) to KARTIK JENA (New Name). Henceforth, I shall be known as KARTIK JENA for all future purposes.
(Sd- KARTIK JENA)

**AFFIDAVIT**
By virtue of an affidavit sworn before The Executive Magistrate, Bhubaneswar, CF.NO- 33, dated 03-06-2025 I, BIPLAB DASS, S/o Muralidhar Mallik Permanent resident of At- Jagannathpur, Anantapur, Infront of MK Fly Ash Bricks, Po/Ps- Phulnakhara, Dist-Khordha, State- Odisha, PIN-754001, declare that I have changed my name from BIPLAB MALLIK (Old name) to BIPLAB DASS (New name), Henceforth, I shall be known as BIPLAB DASS for all purposes.
Sd-( BIPLAB DASS )

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• B. Pharm Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• D. Pharm Rs. 48,000/- P.A. Eligibility: +2 Sc. (PCB/M)
• B.M.L.T. Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• D.M.L.T. Rs. 48,000/- P.A. Eligibility: +2 Sc. Pass (PCB/M)
• M.P.H. Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌରପରିଷଦ, ଜଟଣୀ
OFFICE OF THE MUNICIPAL COUNCIL: JATANI
ସ୍ଥାନ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist-Khordha (Odisha), Pin-752050
E-mail – municipalityjatni@gmail.com, Phone. No. 0674- 2490826
**ସର୍ବସାଧାରଣ ନିମନ୍ତେ ସୂଚନା**
ଏତଦ୍ ଦ୍ୱାରା ଜଟଣୀ ପୌରାଂଚଳ ସମସ୍ତ ଜନସାଧାରଣ ମାନଙ୍କୁ ଜଣାଇ ଦିଆଯାଉଛି କି,
• ଜଟଣୀ ସହରକୁ ସରଳ ସୁନ୍ଦର କରବା ପାଇଁ ସମସ୍ତ ରାସ୍ତା ଓ ଗଳିକୁ ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ।
• ଘରର ସମସ୍ତ ଓଦା ଓ ଶୁଖିଲା ଅଳିଆକୁ ପୃଥକ ଭାବେ ପରିଷଦର ସ୍ୱଚ୍ଛ ବାହନ ଗାଡ଼ିରେ ଦିଅନ୍ତୁ।
• ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁନାହିଁ। ଯଦି କରନ୍ତି ତେବେ ପରିଷଦ ଜୋରିମାନା ରାଶି ଆଦାୟ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।
• ଆପଣ ମାନଙ୍କ ଠାରୁ ସଂଗୃହିତ ହେଉଥିବା ଅଳିଆରୁ ଉତ୍କୃଷ୍ଟ ମାନର ଜୈବିକ ଖତ ପ୍ରସ୍ତୁତ ହେଉଅଛି। ଏହାର ଉପଯୋଗ କରନ୍ତୁ।
• ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ପ୍ଲାନ୍ ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ। ଏବଂ ଗୃହ ସମାପ୍ତ ପରେ ତାହାକୁ ପଞ୍ଜିକରଣ କରାଇନିଅନ୍ତୁ।
• ବ୍ୟବସାୟୀ ମାନେ ନିଜର ବ୍ୟବସାୟ ପ୍ରତିଷ୍ଠାନର ନୂତନ ଟ୍ରେଡ୍ ଲାଇସେନ୍ସ ଓ ନବିକରଣ ନିମନ୍ତେ ସୁଜୋଗ ପୋର୍ଟାଲ ରେ ଅନ୍‌ଲାଇନ ରେ ଆବେଦନ କରାଇନିଅନ୍ତୁ ଓ ବିଭିନ୍ନ ଟିକସ ଯଥା Holding Tax, User Fee, Hoarding Fee ଓ ଅନ୍ୟାନ୍ୟ ଟ୍ୟାକ୍ସ ଠିକ ସମୟରେ ପୈଠ କରନ୍ତୁ।
• ଭୂମି ଅଧିକାର ସାବ୍ୟସ୍ତ ନିମନ୍ତେ ଭୂମିର ସର୍ବେକ୍ଷଣ (ନକ୍ସା) କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ।
• ବାଣିଜ୍ୟିକ ପ୍ରତିଷ୍ଠାନର ସୂଚନା ଫଳକ (Display Board) ୬୦ ଭାଗ ଓଡ଼ିଆ ଭାଷାରେ ସେପ୍ଟେମ୍ବର ମାସ ତା ୩୦.୦୯.୨୦୨୫ ରିଖ ସୁଦ୍ଧା ଲେଖନ୍ତୁ। ନଚେତ୍ ପରିଷଦ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଲେଖା ନ ସରିବା ପର୍ଯ୍ୟନ୍ତ ପ୍ରତି ଦିନ ୫୦୦ଶହ ଟଙ୍କା ଜୋରିମାନା ରାଶି ଆଦାୟ କରିବେ।
• ପାଇଖାନା ଟାଙ୍କି ସଫା ନିମନ୍ତେ ପରିଷଦର ସେସ୍ ପୁଲ ଗାଡ଼ି ପାଇଁ ଟୋଲ୍ ଫି ନଂ ୧୪୪୨୦ରେ ଯୋଗାଯୋଗ କରନ୍ତୁ।
• ରାସ୍ତା ବଡ଼ ଡ୍ରେନ୍ କୁ ଜବର ଦଖଲ କରନ୍ତୁ ନାହିଁ। ଯଦି କରନ୍ତି ତେବେ ପରିଷଦ ଉକ୍ତ ଜବରଦଖଲ କୁ ଉଚ୍ଛେଦ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ।
• ପରିଷଦ ଇଲାକାରେ ଥିବା ପୈଇଠାତ (ପୋଖରୀ) ଗୁଡ଼ିକୁ ପରିଷ୍କାର ରଖନ୍ତୁ।
ନିଖିଳ ଭାରତୀୟ ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଶ୍ରୀମତୀ ଆରତୀ ରାଉତ, ଉପାଧ୍ୟକ୍ଷା, ଜଟଣୀ ପୌର ପରିଷଦ
ଶ୍ରୀମତୀ ଆକ୍ରିତୀ ଗୋଏଙ୍କା, ନିର୍ବାହୀ ଅଧିକାରୀ, ଜଟଣୀ ପୌର ପରିଷଦ
ଶ୍ରୀଯୁକ୍ତ ଅନନ୍ତ ବେହେରା, ଅଧ୍ୟକ୍ଷ, ଜଟଣୀ ପୌର ପରିଷଦ

**ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼**
ଦରଖାସ୍ତ ଆହ୍ୱାନ
ବିଜ୍ଞପ୍ତି ସଂଖ୍ୟା- ୫୫୯୩, ତା. ୦୪.୧୨.୨୦୨୫
ବରଗଡ ଧନୁଯାତ୍ରା ନିମନ୍ତେ ଜର୍ଜ ହାଇସ୍କୁଲ ପଡିଆ ଓ ବରଗଡ଼ ଆର.ଏମ.ସି. ଅଫିସ ପ୍ରାଙ୍ଗଣ ଠାରେ ମୀନାବଜାର, ଦୋଳି, ଝୁଲା ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ଇତ୍ୟାଦି ପାଇଁ ଉପଯୋଗୀ କେବିନ/ ଖାଲି ଜାଗା ଓ ପଡିଆ ଗୁଡିକ ନିର୍ଦ୍ଦିଷ୍ଟ ସର୍ତ୍ତ ମାଧ୍ୟମରେ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ସର୍ତ୍ତାବଳୀ ସହ ଯୋଗେଇ ଦିଆଯିବ।
ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟରେ ଅଫିସ ସମୟ ମଧ୍ୟରେ (ସକାଳ ୧୧ ଘଟିକାରୁ ଅପରାହ୍ନ ୪ ଘଟିକା ସୁଦ୍ଧା) ତା. ୦୫.୧୨.୨୦୨୫ ଠାରୁ ତା.୧୨.୧୨.୨୦୨୫ (ଛୁଟିଦିନ ବ୍ୟତୀତ) ଅସ୍ଥାୟୀ କେବିନ ଦୋକାନ ଓ ଖାଲି ଜାଗା ପାଇଁ ଟ. ୧୦୦.୦୦(ଏକ ଶହ ଟଙ୍କା ମାତ୍ର) ବିନିମୟରେ ଆବଶ୍ୟକୀୟ ଫର୍ମ ଯୋଗେଇ ଦିଆଯିବ। ଇଚ୍ଛୁକ ବ୍ୟକ୍ତି ମାନେ ସଂପୃକ୍ତ ସ୍ଥାନ ମାନଙ୍କର ପ୍ରସ୍ତୁତ ନକ୍ସା, ପ୍ଲାନ ଏବଂ ସର୍ତ୍ତାବଳୀ ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଦେଖିପାରିବେ।
ଉପଲବଧ କେବିନ, ଝୁଲା ଏବଂ ଖାଲି ଜାଗା ଲଟେରୀ ମାଧ୍ୟମରେ ଆବଣ୍ଟିତ ହେବ। ଖାଲିଜାଗା ତଥା ଅସ୍ଥାୟୀ କେବିନ ଦୋକାନ ପାଇଁ ଆସନ୍ତା ତା. ୧୨.୧୨.୨୦୨୫ ରିଖ ଅପରାହ୍ନ ୫.00 ଘଟିକା ସମୟରେ ପ୍ରକ୍ରିୟା ଶେଷ ହେବ।
ପ୍ରକାଶ ଥାଉକି, କୌଣସି କାରଣ ନ ଦର୍ଶାଇ ଯେ କୌଣସି ପକ୍ଷଙ୍କ ଆବେଦନକୁ ରଦ୍ଦ କରିବାର କ୍ଷମତା ଅଧିକାରୀଙ୍କର ରହିଅଛି। ସବିଶେଷ ବିବରଣୀ ଜିଲ୍ଲା Website-http://bargarh.odisha.gov.in ରେ ମଧ୍ୟ ଉପଲବ୍ଧ ହେବ।
ଉପ-ଜିଲ୍ଲାପାଳ ତଥା ଆବାହକ
ଜମି-ଆବଣ୍ଟନ କମିଟି,
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼

୫ମ ସୁନକ୍ଷତ୍ର
ସକାଳ THE SAKALA
www.sakalaepaper.com
ଜଗତସିଂହପୁର

## ଭୂମିହୀନ ପରିବାରକୁ ଜମି ଦେବାକୁ ଦାବି



**ଜଗତସିଂହପୁର, ୫।୧୨(ସମିସ):** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୂରଣ ଓଡପଡ଼ା ଗ୍ରାମରେ ୫୦ ବର୍ଷରୁ ଅଧିକ ସମୟ ଧରି ରହି ଆସୁଛନ୍ତି ଅନେକ ଅନୁସୂଚିତ ଜନଜାତି ପରିବାର। ପାରାଦୀପ ବନ୍ଦର ଡକ୍ ଖନନ, କଟକ-ପାରାଦୀପ ରେଳପଥ ଏବଂ ଅନ୍ୟାନ୍ୟ ବଡ଼ବଡ଼ ପ୍ରକଳ୍ପରେ ସୁଦୂର ମୟୂରଭଞ୍ଜରୁ ଏମାନଙ୍କ ପୂର୍ବଜମାନେ ଜଗତସିଂହପୁର ଜିଲ୍ଲାକୁ ଆସି ଶ୍ରମିକ ଭାବେ କାମ କରୁଥିଲେ। ରହିବା ପାଇଁ ଅନ୍ୟ କୈାଣସି ବିକଳ୍ପ ନଥିବାରୁ ଏହି ଆଦିବାସୀ ସମ୍ପ୍ରଦାୟର ଶ୍ରମିକ ମାନେ ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୂରଣ ଓଡପଡ଼ା ଠାରେ ଅପନ୍ତରା ପରିତ୍ୟକ୍ତ ଜଙ୍ଗଲିଆ ଜାଗାରେ ଭୂଇଁପଲ୍ଲା ମାରି ରହିଥିଲେ। ସେବେଠାରୁ ଅତ୍ୟନ୍ତ ଦୟନୀୟ ଭାବେ ଏହି ଆଦିବାସୀ ପରିବାର ଗୁଡିକ ଏହିଠାରେ ରହି ଆସୁଥିବା ବେଳେ ବର୍ଷା ଦିନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥାନ୍ତି। ସେହିପରି ଏହି ବସ୍ତିକୁ ଭଲ ରାସ୍ତା ଖଣ୍ଡେ ନଥିବା ବେଳେ ବିଦ୍ୟୁତ୍ ସଂଯୋଗ ମଧ୍ୟ ମିଳିନାହିଁ। ଏଭଳି ପରିସ୍ଥିତିରେ ଜନ ଅଧିକାର ସୁରକ୍ଷା ସମିତିର ଆବାହକ ପ୍ରଦୀପ୍ତ ରାମଙ୍କ ନେତୃତ୍ୱରେ ଏହି ବସ୍ତିବାସିନ୍ଦାମାନେ ଏକ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣା ଦେଇଥିଲେ। ଶେଷରେ ଏକ ୩ ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଜୟ ସିଂ, ଝୁମୁରୀ ସିଂ, ଅନାମ ସିଂ, ଚମ୍ପା ସିଂ, ସୁଶାନ୍ତ ସିଂ, ସୀତା ସିଂ, ଗୁରୁବାରୀ ସିଂ, ଲକ୍ଷ୍ମୀ ସିଂ, ପଦ୍ମା ସିଂ, ସବିତା ସିଂ, ଝୁନି ସିଂ ଏବଂ ମାନ ସିଂ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

## ଆର୍‌ଏନ୍ ଅବନୀକାନ୍ତ ପାରାଦୀପ ବନ୍ଦରର ଚିଫ୍ ଭିଜିଲାନ୍ସ ଅଫିସର



**ପାରାଦୀପ, ୫।୧୨(ସମିସ):** ପାରାଦୀପ ବନ୍ଦରର ମୁଖ୍ୟ ସତର୍କତା ଅଧିକାରୀ ଭାବେ ଆର୍‌ଏନ ଅବନୀକାନ୍ତ ପରିଡ଼ା ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ୨୦୧୧ ବ୍ୟାଚର ଜଣେ ଆଇଆର୍‌ପିଏସ (ଭାରତୀୟ ରେଳବାଇ କାର୍ମିକ ସେବା) ଅଧିକାରୀ ଅଟନ୍ତି। ସେ ଜଗତସିଂପୁର ଜିଲ୍ଲାର ବାସିନ୍ଦା। ମୁମ୍ବାଇ ବିଶ୍ୱବିଦ୍ୟାଳୟରୁ ବିଏସ୍‌ସି ପାଠ ସମାପ୍ତ କରି ଜଣେ ବାଣିଜ୍ୟ ନୌସେନା ଅଧିକାରୀ ଭାବରେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ। ତାଙ୍କର ୧୮ ବର୍ଷର ସେବା ସମୟରେ, ସେ ମର୍ଚ୍ଚାଣ୍ଟ ନୌସେନାରେ ୪ ବର୍ଷ ଏବଂ ରେଳ ମନ୍ତ୍ରଣାଳୟରେ ପ୍ରାୟ ୧୪ ବର୍ଷ କାର୍ଯ୍ୟ କରିଥିଲେ। ଭାରତୀୟ ରେଳବାଇରେ ଥିବା ବେଳେ ଶ୍ରୀ ପରିଡ଼ା ଖୋର୍ଦ୍ଧା ଡିଭିଜନରେ ବିଭିନ୍ନ ପଦବୀରେ କାର୍ଯ୍ୟ କରିଥିଲେ। ପିପିଏରେ ଯୋଗଦେବା ପୂର୍ବରୁ, ସେ ପୂର୍ବତଟ ରେଳବାଇର ଖୋର୍ଦ୍ଧା ଡିଭିଜନର ବରିଷ୍ଠ ବିଭାଗୀୟ କାର୍ମିକ ଅଧିକାରୀ ଭାବରେ କାର୍ଯ୍ୟ କରୁଥିଲେ। ତାଙ୍କର ସାମୁଦ୍ରିକ କାର୍ଯ୍ୟ (ବିଶେଷକରି ଜାହାଜ ଚଳାଚଳ), ମାନବ ସମ୍ବଳ, ଶୃଙ୍ଖଳାଗତ କାର୍ଯ୍ୟ ଇତ୍ୟାଦିରେ ସମୃଦ୍ଧ ଅଭିଜ୍ଞତା ଅଛି। ସେ ବିଭିନ୍ନ ସରକାରୀ/ସରକାରୀ ସଂସ୍ଥାରେ ଅତିଥି ଅଧ୍ୟାପକ ଭାବରେ ଯୋଗଦେଇ ଶୃଙ୍ଖଳାଗତ କାର୍ଯ୍ୟ ଉପରେ ତାଲିମ ପ୍ରଦାନ କରନ୍ତି।

## କୃଷି ବିଜ୍ଞାନ କେନ୍ଦ୍ରରେ ମୃତ୍ତିକା ଦିବସ

**ଜଗତସିଂହପୁର, ୫।୧୨(ସମିସ):** କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁର ଆନୁକୂଲ୍ୟରେ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଜୀବନଜିତ ସେନ୍‌ଙ୍କ ସଭାପତିତ୍ୱରେ ପାଳିତ ଏହି ମୃତ୍ତିକା ଦିବସ ଅବସରରେ 'ସୁସ୍ଥ ସହର ପାଇଁ ସୁସ୍ଥ ମୃତ୍ତିକା' ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କୁଳମଣି ବାରିକ, କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡ. ପ୍ରଦୀପ୍ତ ମାଝୀ, କୃଷି ଯନ୍ତ୍ରପାତି ବୈଜ୍ଞାନିକ ଡ. ଦ୍ୱାରିକା ମୋହନ ଦାସ ପ୍ରମୁଖ ଯୋଗଦେଇ ମୃତ୍ତିକା ଓ ଜଳ ସଂରକ୍ଷଣ ଉପରେ ଚାଷୀମାନଙ୍କୁ ବିଶେଷ ଭାବରେ ଅବଗତ କରାଇଥିଲେ। ସ୍ୱରାଜ କୁମାର ବେହେରା ଓ ସୌମ୍ୟ ପ୍ରିୟଦର୍ଶିନୀ, ସହକାରୀ କୃଷି ଅଧିକାରୀ ମୃତ୍ତିକାର ସ୍ୱାସ୍ଥ୍ୟ କିପରି ବଢ଼ା ଯାଇପାରିବ ଏବଂ ଏହା ଦ୍ୱାରା ଚାଷୀମାନେ କିପରି ଲାଭବାନ ହେବେ ସେ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାହାମା ଅଞ୍ଚଳର ଅଗ୍ରଣୀ ଚାଷୀ ନୃସିଂହ ଚରଣ ବେହେରା ସମନ୍ୱିତ ଖାଦ୍ୟ ସାର ପରିଚାଳନା ଉପରେ ଆଲୋଚନା କରିଥିଲେ। ସଭାରେ ୪୦ଜଣ ଚାଷୀ, ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଯୋଗଦାନ କରି କାର୍ଯ୍ୟକ୍ରମଟିକୁ ଜୀବନ୍ତ କରିଥିଲେ। ପରିଶେଷରେ ଚାଷୀ ମାନେ ମୃତ୍ତିକା ପରୀକ୍ଷାଗାର ପରିଦର୍ଶନ କରିଥିଲେ ଏବଂ କିଛି ଚାଷୀ ଭାଇ ଭଉଣୀମାନଙ୍କୁ ମୃତ୍ତିକା କାର୍ଡ ପ୍ରଦାନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ତପନ କୁମାର ପଲେଇ, ସରିତା ଦାସ, ରାଜଶ୍ରୀ ସିଂ, ସମୀର ପଟ୍ଟନାୟକ, ବଳିଆ ମାଝୀ, ବିଜୟିନୀ ସାହୁ, ରୁଦ୍ରପ୍ରତାପ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ

**ପାରାଦୀପ, ୫।୧୨(ସମିସ):** ପାରାଦୀପ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଅସହାୟ କଲ୍ୟାଣ ସମିତି ଟ୍ରଷ୍ଟ ଏବଂ ଜେଏସ୍‌ଡବ୍ଲୁ ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ଷଣ୍ଢକୁଦ ବସ୍ତି ଅଞ୍ଚଳରେ ବୃଦ୍ଧ, ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏହା ସହିତ ଜେଏସଡବ୍ଲୁର ଚେୟାରମ୍ୟାନ ସଜ୍ଜନ ଜିନ୍ଦଲଙ୍କ ଜନ୍ମଦିନ ଅବସରରେ ଅସହାୟ ବୃଦ୍ଧ, ବୃଦ୍ଧାଙ୍କୁ ଟ୍ରଷ୍ଟ ମାଧ୍ୟମରେ ଷଣ୍ଢକୁଦ ଅଞ୍ଚଳରେ ଏହି କମ୍ବଳ ବଣ୍ଟନ କରାଯାଇଥିଲା। ହନୁମାନ ମନ୍ଦିର ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ପୂର୍ବତନ ବିଧାୟକ ବିଜୟ ନାୟକଙ୍କ ପୁତ୍ର ଶାଶ୍ୱତ ନାୟକ ଯୋଗଦେଇଥିଲେ। ଡମ୍ପର ମାଲିକ ସଂଘର ନୂତନ ସଭାପତି ବିଜୟ ନାୟକ (ସଦା)ଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଉତ୍ସବରେ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ପ୍ରୀତିରଞ୍ଜନ ମହାପାତ୍ର, ଉପଦେଷ୍ଟା ଅରୁଣ କୁମାର ଓଝା, ସଭାପତି ପଞ୍ଚାନନ ବେହେରା, ଉପସଭାପତି ତ୍ରିନାଥ ଗୋଛାୟତ, ସମ୍ପାଦିକା ପ୍ରୀତିରେଖା ନାୟକ, ସହ ସମ୍ପାଦକ କୈଳାଶ ଗୋଛାୟତ ଓ ଅନ୍ୟ ମାନଙ୍କ ମଧ୍ୟରେ ରଶ୍ମିତା ସାହୁ, ଲକ୍ଷ୍ମୀପ୍ରିୟା ମାଇତି, ରୁନିଆ ଜେନା, ରଶ୍ମିତା ଓଝା, ଶିବ ପ୍ରସାଦ ବାରିକ, ଉପସ୍ଥିତ ରହି ଅସହାୟ ବୃଦ୍ଧ, ବୃଦ୍ଧା, ମାନଙ୍କୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଟ୍ରଷ୍ଟର ବରିଷ୍ଠ ସଦସ୍ୟ ପ୍ରେମଲତା ବାରିକ ଧନ୍ୟବାଦ ଦେଇଥିଲେ।




## ସମ୍ପତ୍ତିକୁ ନେଇ ପୁଅ-ଝିଅଙ୍କ ମଧ୍ୟରେ ବିବାଦ
# ୧୦ ଘଣ୍ଟା ପଡ଼ିରହିଲା ମା'ର ଶବ

**ପାରାଦୀପ, ୫।୧୨(ସମିସ)**

ସମ୍ପତ୍ତିବାଡ଼ି ଭାଗବଣ୍ଟାକୁ ନେଇ ପୁଅଝିଅଙ୍କ ମଧ୍ୟରେ ବିବାଦ। ପୁଅକୁ ଅଣଦେଖା କରି ଝିଅମାନଙ୍କ ନାଁରେ ସମ୍ପତ୍ତି ଲେଖିଦେବାରୁ ବନ୍ଧା ପଡ଼ିଲା ମା'ର ଶବ। ଦୀର୍ଘ ୧୦ ଘଣ୍ଟା ଧରି ଗାଁ ଦାଣ୍ଡରେ ପଡ଼ିରହିଲା ଶବ। ଶେଷରେ ଗ୍ରାମବାସୀଙ୍କ ହସ୍ତକ୍ଷେପ ପରେ ଶବ ଗଲା ସ୍ୱର୍ଗଦ୍ୱାର।



ସୂଚନା ଅନୁଯାୟୀ ପାରାଦୀପ ଉପକଣ୍ଠ ବିଶ୍ୱାଳୀ ଗ୍ରାମର କାଉରା ସାମଲ ଓ ମାଳି ସାମଲଙ୍କ ଚାରିଝିଅ ଓ ଗୋଟିଏ ପୁଅ। କାଉରା ସାମଲ ବଞ୍ଚିଥିବା ସମୟରେ ନିଜର ସମ୍ପତ୍ତିକୁ ଝିଅମାନଙ୍କ ନାମରେ କରିଦେଇଥିଲେ। ଫଳରେ ଏକମାତ୍ର ପୁଅ ସମ୍ପତ୍ତିରୁ ବଞ୍ଚିତ ହୋଇ ଏକ ଚାଳ ଛପର ଘରେ ନିଜ ପରିବାର ସହ ରହୁଥିଲେ। ବାପ କାଉରା ସାମଲଙ୍କ ମୃତ୍ୟୁ ପରେ କୁଜଙ୍ଗ ମଙ୍ଗରାଜପୁର ଗ୍ରାମରେ ବିଭା ହୋଇଥିବା ଝିଅ କୁମାରୀ ନିକଟରେ ମା'ମାଳି ସାମଲ ରହୁଥିଲେ। ଗତକାଲି ସକାଳେ ମା' ମାଳିଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ଝିଅ ଜ୍ୱାଇଁ ମା'ଙ୍କ ଶବ ବିଶ୍ୱାଳୀ ଘରକୁ ଆଣି ପୁରୀ ନେବାକୁ ବସିଥିବା ବେଳେ ସୃଷ୍ଟି ହୋଇଥିଲା ଉତ୍ତେଜନା। ପୁଅବୋହୂ, ପଡ଼ୋଶୀ ଏବଂ ଗ୍ରାମବାସୀ ଘେରିପଡ଼ି ବାଟ ଓଗାଳିଥିଲେ। ପରେ ସାଇ ପଡ଼ିଶାଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଯେ ପର୍ଯ୍ୟନ୍ତ ସମ୍ପତ୍ତିରେ ପୁଅକୁ ଭାଗ ନ ମିଳିଛି, ସେ ପର୍ଯ୍ୟନ୍ତ ମା'ର ମୃତଦେହ ସଂସ୍କାର ହୋଇପାରିବନି ବୋଲି ରୋକଠୋକ୍ ଶୁଣାଇ ଦେଇଥିଲେ ଗ୍ରାମବାସୀ। ଫଳରେ ମଧ୍ୟାହ୍ନରୁ ରାତି ୧୦ଟା ପର୍ଯ୍ୟନ୍ତ ଗାଁ ଦାଣ୍ଡରେ ଶବ ପଡ଼ି ରହିଥିଲା। ଖବର ପାଇ ଲକ୍ଷ୍ମୀନା ପୁଲିସ ପହଞ୍ଚି ବୁଝାସୁଝା କରିଥିଲେ।

> ▶▶ ଝିଅଙ୍କୁ ସମସ୍ତ ସମ୍ପତ୍ତି ଦେଇଦେବା ହେଲା କାଳ
> ▶▶ ସାଇ ପଡ଼ିଶାଙ୍କ ସହିତ ଆଲୋଚନା ପରେ ଶବ ଗଲା ସ୍ୱର୍ଗଦ୍ୱାର

ପରେ ରାତି ୧୦ଟା ପରେ ସାଇପଡ଼ିଶା ଓ ଭଦ୍ରଲୋକଙ୍କ ଉପସ୍ଥିତରେ ମୀମାଂସା ହୋଇଥିଲା। ମୀମାଂସରୁ ପୁଅ ବାପା ଜାଗାରେ ଥିବା ଚାଳଘରେ ସବୁଦିନ ପାଇଁ ରହିବ ବୋଲି ଆଲୋଚନା ହେବା ପରେ ଶବ ସ୍ୱର୍ଗଦ୍ୱାର ଯାଇଥିଲା।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଙ୍ଗଠନିକ ବୈଠକ

**ବାଲିକୁଦା, ୫।୧୨(ସମିସ):** ବୋରିକିନା ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ କୈଳାସ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ କୃଷ୍ଣଚନ୍ଦ୍ର ବାରିକ, ଡ. ବିଷ୍ଣୁ ଚରଣ ସ୍ୱାଇଁ, ବଂଶୀଧର ଶତପଥୀ, ଅରୁଣ କୁମାର ମହାନ୍ତି, ବ୍ରହ୍ମାନନ୍ଦ ମହାନ୍ତି, ଗଗନ ବିହାରୀ ଶତପଥୀ, ଧର୍ମାନନ୍ଦ ଦାସ, ଭ୍ରମରବର ପାଇଟଲ, ବିଷ୍ଣୁ ପରିଡ଼ା, କୈଳାସ ସାହୁ, ଶ୍ୱେତ କୁମାର ସ୍ୱାଇଁ, ସର୍ବେଶ୍ୱର ବିଶ୍ୱାଳ, ଶିବ ଚରଣ ଜେନା, ଶରତ ଚନ୍ଦ୍ର ବାରିକ, ପ୍ରମୋଦ ବାରିକ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ଭୋଳାନାଥ ମହାନ୍ତି, ବୁଲାକି ସ୍ୱାଇଁ, ନିରଞ୍ଜନ ସ୍ୱାଇଁ, ଶିବ ଚରଣ ଜେନା, ଆଡ଼ଭୋକେଟ ଡଃ. ବୀର ନାରାୟଣ ପାତ୍ର, ଅଧ୍ୟାପକ ପ୍ରଦୀପ୍ତ ମିଶ୍ର, ସମାଜସେବୀ ବିଭୁତି ଭୂଷଣ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବାଲିକୁଦା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶରତ କିଶୋର କାନୁନଗୋଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପଣ୍ଡିତ ହୃଷୀକେଶ ସାହୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

## ଜଗତସିଂହପୁର ଜିଲ୍ଲା ଗସ୍ତରେ ଢେଙ୍କାନାଳ ଚାଷୀ

**ଜଗତସିଂହପୁର, ୫।୧୨(ସମିସ):** ଢେଙ୍କାନାଳ ଜିଲ୍ଲାର ୩ଟି କୃଷକ ଉତ୍ପାଦକ ସଂଗଠନର ୧୫ ଜଣ ନିର୍ଦ୍ଦେଶକ ମଣ୍ଡଳୀ ଓ ସଦସ୍ୟମାନେ ଦାୟିତ୍ୱରତ ଅଧିକାରୀ ଡ. ରୋଜାଲିନ ମହନ୍ତଙ୍କ ନେତୃତ୍ୱରେ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସିଛନ୍ତି। ସେମାନେ ଜଗତସିଂପୁର କୃଷି ବିଜ୍ଞାନ କେନ୍ଦ୍ରର କୃଷକ ଉତ୍ପାଦକ ସଂଗଠନର ଦାୟିତ୍ୱରତ ଅଧିକାରୀ ସସ୍ମିତା ପୁରୋହିତଙ୍କ ସହଯୋଗରେ ଏକ ବ୍ୟାପକ ଅନୁଭବ ବୃଦ୍ଧିର ଶିକ୍ଷାରକ ଭ୍ରମଣରେ ଅମୃତା କୃଷକ ଉତ୍ପାଦକ ସଙ୍ଗଠନ, ବାଣୀକ୍ଷେତ୍ର କୃଷକ ଉତ୍ପାଦକ ସଙ୍ଗଠନ ଏବଂ କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁରକୁ ଭ୍ରମଣ କରିଛନ୍ତି।




ସଦସ୍ୟମାନେ ଏଠାରେ ଛେନା, ପନିର୍, ଘିଅ, ଖୁଆ, ପେଡ଼ା ଇତ୍ୟାଦି ପ୍ରସ୍ତୁତି ପ୍ରକ୍ରିୟାକୁ ବୁଲି ଦେଖିନେଲେ। ଏହି ପ୍ରୟୋଗ ଗୁଡିକରେ ବ୍ୟବହୃତ ବିଭିନ୍ନ ଆଧୁନିକ ଯନ୍ତ୍ର- ମିଲ୍କ ସେପାରେଟର, ପାସ୍ତେରାଇଜର, ଚିଜ୍ ୟୁନିଟ୍ ଇତ୍ୟାଦିର ବ୍ୟାପକ ପ୍ରଦର୍ଶନ ଦେଖି ସଦସ୍ୟମାନେ ଦୁଗ୍ଧ ଉତ୍ପାଦନରୁ କିପରି ଅଧିକ ଆର୍ଥିକ ଲାଭ ହାସଲ କରିପାରିବେ ସେ ବିଷୟରେ ନୂଆ ଧାରଣା ପାଇଛନ୍ତି। ବାଣୀକ୍ଷେତ୍ର କୃଷକ ଉତ୍ପାଦକ ସଙ୍ଗଠନରେ ସଦସ୍ୟମାନେ ୧୩୮ଟି ସ୍ଥାନୀୟ ଧାନ ପ୍ରଜାତିର ପ୍ୟୁର୍ ଲାଇନ୍ ସଞ୍ଚ ପ୍ରକ୍ରିୟା ବିଷୟରେ ଯଥାର୍ଥ ତଥ୍ୟ ଅଧିଗତ ହୋଇଥିଲେ। ଶେଷରେ କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁରରେ କୃଷକ ଉତ୍ପାଦକ ସଂଗଠନର ସଦସ୍ୟମାନେ ମୃତ୍ତିକାର ଜୀବାଣୁ, ପୋଷକ ତତ୍ତ୍ୱ ଓ ବୃଦ୍ଧିତା ନିର୍ଣ୍ଣୟ ପଦ୍ଧତିକୁ ମୃତ୍ତିକା ପରୀକ୍ଷାଗାରରେ ନିକଟରୁ ଅନୁଭବ ନେଇଥିଲେ। ଏତତ୍ ବ୍ୟତୀତ ପ୍ଲାଣ୍ଟ ହେଲ୍ଥ କ୍ଲିନିକ୍ ରେ ରୋଗ-କୀଟ ଚିହ୍ନଟ ଓ ବୈଜ୍ଞାନିକ ବ୍ୟବସ୍ଥାପନ ବିଷୟରେ ବ୍ୟାପକ ଜ୍ଞାନ ପ୍ରାପ୍ତ ହୋଇଥିଲେ।

## ରଣପୁର ଜାଗ୍ରତ ଗୌରୀ ପୀଠରେ ଗୀତା ମହାଯଜ୍ଞ

**ବାଲିକୁଦା, ୫।୧୨(ସମିସ):** ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତର ରଣପୁର ସ୍ଥିତ ଜାଗ୍ରତ ଗୌରୀ ପୀଠରେ ଦୀର୍ଘ ୫ଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ସମାପନ ହୋଇଯାଇଛି। ଏଥିରେ ସୁନାମଧନ୍ୟ ଯାଜ୍ଞିକ ପଣ୍ଡିତ ମାନଙ୍କ ଦ୍ୱାରା ଏହି ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣାହୁତିରେ ବାଲିକୁଦା, ଏରସମା, ନାଉଗାଁ, ଜଗତସିଂହପୁର, ମାଛଗାଁ ପ୍ରଭୃତି ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଗୀତାପ୍ରେମୀ ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଜିଲ୍ଲାସ୍ତରୀୟ ଏହି ଗୀତା ଯଜ୍ଞ ପୂର୍ଣ୍ଣାହୁତିକୁ ପଣ୍ଡିତ ପ୍ରଫୁଲ୍ଲ ମିଶ୍ର, ହୃଦାନନ୍ଦ ମିଶ୍ର, ହୃଦୟାନନ୍ଦ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଉପଦେଷ୍ଟା ପଣ୍ଡିତ ହୃଷୀକେଶ ସାହୁ, ବରିଷ୍ଠ ଆଇନଜୀବୀ ଡ. ବୀରନାରାୟଣ ପାତ୍ର, ସଭାପତି ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର, ସମ୍ପାଦକ ଚନ୍ଦ୍ରଶେଖର ଶତପଥୀ, ବଟକୃଷ୍ଣ ମିଶ୍ର, ଶରତ ଚନ୍ଦ୍ର ବାରିକ, ଚକ୍ରଧର ଷଡ଼ଙ୍ଗୀ, ନରୋତ୍ତମ ଶତପଥି, ରାମଚନ୍ଦ୍ର ଗାୟା, ସୁଶାନ୍ତ କୁମାର ମହାନ୍ତି, ପ୍ରାଣକୃଷ୍ଣ ସାହୁ, ଆର୍ତ୍ତବନ୍ଧୁ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ଦୁର୍ଗାଚରଣ ଷଡ଼ଙ୍ଗୀ, ପୂର୍ଣ୍ଣଚନ୍ଦ୍ର ଶତପଥି, ଶିଶିର କୁମାର ଶତପଥି, କୁଳମଣି ରଥ, ଗଗନ ବିହାରୀ ଶତପଥି, ବିଷ୍ଣୁ ପ୍ରସାଦ ଦାସ, କୀର୍ତ୍ତିରଞ୍ଜନ ଶତପଥି, ଦୁର୍ଗା ଚରଣ ଷଡ଼ଙ୍ଗୀ, ସଚ୍ଚିକାନ୍ତ ଶତପଥି ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସକ୍ରିୟ ପରିଚାଳନା କରିଥିଲେ। ବାଲିକୁଦା ପୁଲିସ ତରଫରୁ ଆଇନ ଶୃଙ୍ଖଳା ରକ୍ଷାର ସମସ୍ତ ବ୍ୟବସ୍ଥା କରାଯାଇଥିଲା।

## ଡାକ୍ତର ନିଯୁକ୍ତିକୁ ବିରୋଧ କରି ଗଣଧାରଣା



**ତିର୍ତ୍ତୋଲ, ୫।୧୨(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ତଥା ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡା. ଶୁଭଜ୍ୟୋତି ମହାନ୍ତିଙ୍କ ବଦଳି ଓ ତାଙ୍କ ସ୍ଥାନରେ ଏଠାରେ ପୂର୍ବରୁ କାର୍ଯ୍ୟ କରିଥିବା ଡା. ପଙ୍କଜ ଚାନ୍ଦଙ୍କ ପୁନଃ ନିଯୁକ୍ତିକୁ ବିରୋଧ କରି ଗଣଧାରଣା ଦିଆଯାଇଛି। ଏହି ଗଣଧାରଣାରେ ଶିକ୍ଷାବିତ୍ ଅକ୍ଷୟ ସାହୁ, ପୂର୍ବତନ ସମବାୟ ବ୍ୟାଙ୍କ୍ ଅଧିକାରୀ ଫକିର ଚରଣ ସ୍ୱାଇଁ, ପୂର୍ବତନ ସେନା ଅଧିକାରୀ ସୁଶାନ୍ତ ଚରଣ ସାହୁ, ପିତାମ୍ବର ସାହୁ, ଯଶୋବନ୍ତ ନାଥ, ଜଗବନ୍ଧୁ ସ୍ୱାଇଁ, ଅଶ୍ୱିନୀ ସ୍ୱାଇଁ, ଆଦିତ୍ୟ ନାଥ ଶର୍ମା, ଦେବାଶିଷ ଶର୍ମା, ସୁକାନ୍ତ ସାହୁ, ପ୍ରମୋଦ ମହାନ୍ତି, ସ୍ଥାନୀୟ ସରପଞ୍ଚ ଶଶଧର ମଲ୍ଲିକ, ଜଡତିରା ସରପଞ୍ଚ ଶିବ ପ୍ରସାଦ ସାହୁ, କୋଳର ସରପଞ୍ଚ ଉମେଶ ବେହେରା, ପିପଳ ମାଧବ ସରପଞ୍ଚ ଅଶୋକ ନାୟକ, ମୁଳିସିଂ ସରପଞ୍ଚ ସାଫି ଆଜମଙ୍କ ସମେତ ବହୁ ଜନପ୍ରତିନିଧି, ସଚେତନ ନାଗରିକ ଓ ବୁଦ୍ଧିଜୀବୀ ଗଣଧାରଣାରେ ସାମିଲ ହୋଇଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ପଦବୀ ଦୀର୍ଘ ବର୍ଷ ଧରି ଖାଲି ପଡ଼ିଥିବାବେଳେ ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ମହାନ୍ତି ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଭାବେ କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ। ତେଣୁ ତାଙ୍କ ବଦଳି ବାତିଲ କରାଯାଉ। ପୂର୍ବରୁ ଏଠାରେ ନିଯୁକ୍ତ ହୋଇ ସେବା କାର୍ଯ୍ୟରେ ତ୍ରୁଟି କରିଥିବା ଡା. ଚାନ୍ଦଙ୍କ ପୁନଃ ନିଯୁକ୍ତିକୁ ବାତିଲ ସହ ଡା. ଚାନ୍ଦ ଦୁଇ ଜଣ ପିଲାଙ୍କ ନାମରେ ତିର୍ତ୍ତୋଲ ଥାନାରେ କରିଥିବା ମକଦ୍ଦମାକୁ ପ୍ରତ୍ୟାହାର କରାଯାଉ ବୋଲି ଦାବି ହୋଇଥିଲା। ଏହି ଗଣଧାରଣା ସନ୍ଧ୍ୟା ଯାଏ ଚାଲିଥିଲେ ମଧ୍ୟ କେହି ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ ଅଧିକାରୀ କିମ୍ବା ପ୍ରଶାସନର ଅଧିକାରୀ ଧାରଣାସ୍ଥଳକୁ ଆସିନଥିଲେ। ଆସନ୍ତାକାଲି ମଧ୍ୟ ଏହି ଧାରଣା ଜାରି ରହିବ ଧାରଣାକାରୀ ସୂଚନା ଦେଇଛନ୍ତି।

## କୁଜଙ୍ଗରେ 'ଗୃହ ସମ୍ପର୍କ ଅଭିଯାନ' ଶୁଭାରମ୍ଭ



**କୁଜଙ୍ଗ, ୫।୧୨(ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ପକ୍ଷରୁ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକରେ ଏକ ମାସ ବ୍ୟାପୀ 'ଗୃହ ସମ୍ପର୍କ ଅଭିଯାନ' ଆରମ୍ଭ କରାଯାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜଗତସିଂପୁର ଜିଲ୍ଲା ପ୍ରଚାର ପ୍ରମୁଖ ତାପସ କୁମାର ଦାଶ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏଥିରେ ସ୍ଥାନୀୟ ପଙ୍କପାଳ ପଞ୍ଚାୟତ ପ୍ରସିଦ୍ଧ ହରପାର୍ବତୀ ମନ୍ଦିର ପ୍ରାଙ୍ଗଣରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ବିଶିଷ୍ଟ ଜ୍ୟୋତିର୍ବିଦ ଡ. ଅରୁଣ କୁମାର ପାଣି ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ଏଥିରେ ବରିଷ୍ଠ କାର୍ଯ୍ୟକର୍ତ୍ତା କୃଷ୍ଣପ୍ରସନ୍ନ ଦାସ, ଶିବ ଚରଣ ପାତ୍ର, ସଚ୍ଚିକାନ୍ତ ଦାଶ, କ୍ଷୀରୋଦ ଦାସ ଓ ସିଦ୍ଧେଶ୍ୱର କୁମାର ଦାସ ସମେତ ବହୁ ସଂଖ୍ୟକ ସ୍ୱୟଂସେବକ ଉପସ୍ଥିତ ଥିଲେ। ଏକ ମାସ ମଧ୍ୟରେ ବ୍ଲକର ୧୧୫ ଗ୍ରାମ ପାଖାପାଖି ପାଞ୍ଚ ଲକ୍ଷ ପରିବାର ସହ ସମ୍ପର୍କ ସ୍ଥାପନ କରିବାର ଲକ୍ଷ୍ୟ ରଖାଯାଇଛି।

## କାଉଡ଼ିଆ ନଦୀରେ ବୁଡ଼ିଲା ଡଙ୍ଗା
# ଜଣେ ମତ୍ସ୍ୟଜୀବୀ ଉଦ୍ଧାର; ଜଣେ ନିଖୋଜ

**ପାରାଦୀପ, ୫।୧୨(ସମିସ):** ଅଠରବାଙ୍କି ବାଲିପ୍ଲଟ ନିକଟ କାଉଡ଼ିଆ ନଦୀରେ ଏକ ହାତବୁହା ଡଙ୍ଗା ବୁଡ଼ି ଯାଇ ଜଣେ ମତ୍ସ୍ୟଜୀବୀ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି। ନିଖୋଜ ମତ୍ସ୍ୟଜୀବୀ ଜଣଙ୍କ ହେଲେ ଯଦୁପୁର ଗ୍ରାମର ପ୍ରଫୁଲ୍ଲ ବେହେରା। ନଦୀରୁ ଜୁଆର ଛାଡ଼ିବା ସମୟରେ ଡଙ୍ଗାରେ ସ୍ଥାନୀୟ କିଛି ମତ୍ସ୍ୟଜୀବୀ ଛୋଟ ଛୋଟ ହାତ ବୁହା ଡଙ୍ଗାରେ ମାଛ ଧରୁଥିଲେ। ତେବେ ବୁଡିଯାଇଥିବା ଡଙ୍ଗାରେ ୨ ମତ୍ସ୍ୟଜୀବୀ ଥିଲେ। ସେମାନେ ଛୋଟ ଟଣାଜାଲ ସହାୟତାରେ ମାଛ ଧରୁଥିଲେ। ହଠାତ୍ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଦୁଇଜଣ ମତ୍ସ୍ୟଜୀବୀ ନଦୀରେ ପଡ଼ିଯାଇଥିଲେ। ଜଣେ ମତ୍ସ୍ୟଜୀବୀ ବୁଡିଯାଇଥିବା ଡଙ୍ଗାକୁ ଧରି କୂଳକୁ ଆସିଥିବା ବେଳେ ଅନ୍ୟ ମତ୍ସ୍ୟଜୀବୀ ପ୍ରଫୁଲ୍ଲ ବେହେରା ନିଖୋଜ ହୋଇଯାଇଛନ୍ତି। ଘଟଣାସ୍ଥଳରେ କୁଜଙ୍ଗ ଅଗ୍ନିଶମ ବିଭାଗ, ଓଡ୍ରାଫ୍ ଟିମ୍ ଓ ଆଦର୍ଶ ଥାନା ଏବଂ ମେରାଇନ ପୁଲିସ ପକ୍ଷରୁ ଖୋଜାଖୋଜି ଜାରିରହିଛି। ଜୁଆର ଭଟ୍ଟା ସମୟରେ ନଦୀରୁ ପାଣି ଗୁଡିକ ବହୁତ ଯୋରରେ ସମୁଦ୍ରକୁ ଯାଇଥାଏ। ସେହି ସ୍ରୋତରେ ମତ୍ସ୍ୟଜୀବୀ ଜଣଙ୍କ ଭାସିଯାଇଥିବା ଅନୁମାନ କରାଯାଉଛି। ଖବର ଲେଖା ହେବା ବେଳକୁ ମତ୍ସ୍ୟଜୀବୀଙ୍କ ପତ୍ତା ମିଳି ନଥିଲା।

## ଏସ୍‌ବିଆଇର କଏନ୍ ମେଳା

**ପାରାଦୀପ, ୫।୧୨(ସମିସ):** ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ ପାରାଦୀପ ଶାଖା ଆନୁକୂଲ୍ୟରେ ଏକ କଏନ ମେଳା ଏସ୍‌ବିଆଇ ମୁଖ୍ୟ ଶାଖା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ପୁରୁଣା ଟଙ୍କା ବିନିମୟରେ ନୂତନ ଟଙ୍କା ଦିଆଯିବା ସହ ଖୁଚୁରା କଏନ ମଧ୍ୟ କାରବାର ହୋଇଥିଲା। ବନ୍ଦର ସହରର ଅନ୍ତେବାସୀ ଏହି ଖୁଚୁରା ମୁଦ୍ରା ନେବା ସହ ପୁରୁଣା ଓ ଚିରା ଟଙ୍କା ବିନିମୟରେ ନୂଆ ଟଙ୍କା ନେଣଦେଣରେ ଭାଗ ନେଇଥିଲେ। ଆର୍‌ବିଆଇ ଅଧିକାରୀ ବାଣିଶ୍ରୀ ରାୟ ଏବଂ ପିକେ ମିଶ୍ରଙ୍କ ନେତୃତ୍ୱରେ ଏହି ମେଳା ଆୟୋଜିତ ହୋଇଥିଲା। ଏହି ମେଳାରେ ୨ ଲକ୍ଷ ୩୭ ହଜାର ୬୫୦ ଟଙ୍କା କାରବାର ହୋଇଥିଲା। ତେବେ ସଧାରଣରେ ବଜାରରେ ଖୁଚୁରା ମୁଦ୍ରାର ଅଭାବ ଏବଂ ଚିରାଫଟା ଟଙ୍କାର ଅବ୍ୟବହାରକୁ ଦୃଷ୍ଟିରେ ରଖି ଏହି ମେଳାର ଆୟୋଜନ କରାଯାଇଥିବା ନେଇ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ପରିଚାଳକ ବିଶ୍ୱଜିତ ବିଶ୍ୱାଳ ସୂଚନା ଦେଇଛନ୍ତି।

# ଜଗତସିଂହପୁର ପୁସ୍ତକମେଳାର ପ୍ରସ୍ତୁତି ବୈଠକ

**ଜଗତସିଂହପୁର, ୫।୧୨(ସମିସ)**

ଆସନ୍ତା ଜାନୁଆରୀ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ଜଗତସିଂହପୁର ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ହେବାକୁ ଥିବା ୨୭ତମ ପୁସ୍ତକ ମେଳା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ସାଂସ୍କୃତିକ ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଜେ.ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜଗତସିଂହପୁର ଜ୍ୟୋତିଶଙ୍କର ରାୟ ଓ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ନିରଞ୍ଜନ ବେହେରା, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ପ୍ରମୁଖ ଯୋଗ ଦେଇଥିଲେ। ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ ସଭା ପରିଚାଳନା କରିଥିଲେ। ଆଗାମୀ ପୁସ୍ତକମେଳାକୁ କିପରି ଭାବରେ ବିଗତ ଦିନ ଅପେକ୍ଷା ଆହୁରି ଭଲ ଭାବରେ କରାଯିବ ସେଥିପାଇଁ ଜିଲ୍ଲା ପ୍ରଶାସନ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାବକୁ ଜିଲ୍ଲାପାଳ କହିଥିଲେ। ଏହା ସହିତ ଶ୍ରୀମଦ୍ ଭଗବଦ ଗୀତାର ପ୍ରଚାର ପ୍ରସାର ନିମନ୍ତେ ଏକ ଗୀତା ଜ୍ଞାନ ଯଜ୍ଞର ଆୟୋଜନ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ଯୋଗ ଦେଇ ଆଦିକବି ସାରଳା ଦାସଙ୍କ ରଚିତ ଗ୍ରନ୍ଥର ଏକ ସ୍ୱତନ୍ତ୍ର ଷ୍ଟଲ ଖୋଲିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ପୁସ୍ତକମେଳାକୁ ଅଧିକ ଲୋକାଭିମୁଖୀ କରିବାକୁ ଅନ୍ୟ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକ ପୁସ୍ତକମେଳା ସହିତ ଜଡ଼ିତ ହୋଇ କିପରି ଅଧିକରୁ ଅଧିକ ବହି କିଣିବେ ସେଥିପାଇଁ ଜିଲ୍ଲା ଶିକ୍ଷା ବିଭାଗ ସହିତ ଯୋଗାଯୋଗ କରାଯିବ ବୋଲି ଉପଜିଲ୍ଲାପାଳ କହିଥିଲେ। ବୈଠକରେ ଜଗତସିଂହପୁର ପୌରନିର୍ବାହୀ ଅଧିକାରିଣୀ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ପ୍ରତିଚି ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର, ପୂର୍ତ୍ତ ବିଭାଗର ଅଧିକ୍ଷକ ଯନ୍ତ୍ରୀ ସର୍ବେନ୍ଦୁ ସୁତାର ଓ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

ଜଗତସିଂହପୁର ପୁସ୍ତକ ମେଳା ଅବସରରେ ପ୍ରକାଶିତ ହେଉଥିବା ସ୍ମୃତିପତ୍ର ନିମନ୍ତେ ଲେଖକ ଓ ସଦସ୍ୟ ସଦସ୍ୟା ମାନେ ସେମାନଙ୍କ ଲେଖା ଆସନ୍ତା ୨୦ ସୁଦ୍ଧା ମୁଖ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଆଚାର୍ଯ୍ୟ କିମ୍ବା ସାଂସ୍କୃତିକ ପରିଷଦର ସାଧାରଣ ସମ୍ପାଦକ ସାରଦା ଦାସଙ୍କ ନିକଟରେ ଦାଖଲ କରିବାକୁ ନିଷ୍ପତ୍ତି ହୋଇଥିଲା। ସମ୍ପାଦକ ସାରଦା ପ୍ରସାଦ ଦାସ ଆଗାମୀ ପୁସ୍ତକମେଳାର ସାମ୍ଭାବ୍ୟ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିବା ବେଳେ ଉପାଧ୍ୟକ୍ଷ ବିଜୟ କୁମାର ରାଉତ ସ୍ୱଗତ ଅଭିଭାଷଣ ଏବଂ ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ବିଦ୍ୟାପୁରୀ ପ୍ରକାଶନ ସଂସ୍ଥାର କଟକର ସ୍ୱତାଧିକାରୀ ଜୀବାନନ୍ଦ ମିଶ୍ର, ଜଗତସିଂହପୁର ସାଂସ୍କୃତିକ ପରିଷଦର ଯୁଗ୍ମ ସମ୍ପାଦକ ଡ. ସୁଧୀର କୁମାର ମହାନ୍ତି, ନରେଶ ଦାସ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର, ସଦସ୍ୟ ନଟବର ବାରିକ, ପ୍ରଦୀପ ଶତପଥି, ମହେନ୍ଦ୍ର କୁମାର ଆଚାର୍ଯ୍ୟ, ମନୋଜ କୁମାର ଦାଶ, ମାନସ କୁମାର କାନୁନଗୋ, ଡ. ଜ୍ୟୋତିର୍ମୟୀ ମହାନ୍ତି, ପ୍ରଜ୍ଞା ପାରମିତା ଚୌଧୁରୀ, ସୁଷମା ପ୍ରଧାନ, ହରପ୍ରସନ୍ନା ମହାନ୍ତି, ସରୋଜିନୀ ରଥ, ସତ୍ୟବ୍ରତ ବିଶ୍ୱାଳ, ମନୋଜ ମହାପାତ୍ର, ପ୍ରଭାତ ଦାଶ, ନାଟ୍ୟକାର କୈଳାସ ମଲ୍ଲିକ, ଲୋକନାଥ ଦାସ, ଅତନୁ କୁମାର ସ୍ୱାଇଁ, ବିଜୟଲକ୍ଷ୍ମୀ ମହାପାତ୍ର, ନିକୁଞ୍ଜ କିଶୋର ବେହେରା, ପ୍ରଦୀପ୍ତ କୁମାର ମିତ୍ର, ପ୍ରଦିପ୍ତ କିଶୋର ଚୌଧୁରୀ, ଅବନୀକାନ୍ତ ମହାରଣା, ଡ. ନିରଞ୍ଜନ ବିଶ୍ୱାଳ, ଉତ୍କଳ ରଞ୍ଜନ ମହାନ୍ତି, ରମାକାନ୍ତ ସାହୁ, ଦୁର୍ଯ୍ୟୋଧନ ମହାରଣା, ତିଳୋତ୍ତମା ଦାଶ, ଶ୍ରଦ୍ଧାମୟୀ ରାଉତ, ନିବେଦିତା ମହାନ୍ତି, ବେଦଦ୍ୟୁତ ପୃଷ୍ଟି, ଡ. ସୁରେନ୍ଦ୍ରନାଥ ତ୍ରିପାଠୀ, ରାଧାନାଥ ସାହୁ, ସୌମ୍ୟରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

● ମହିଳାଙ୍କୁ ଦୁଷ୍କର୍ମ, ଲୋକଲଜ୍ଜା ଭୟରେ ଆତ୍ମହତ୍ୟା

## ୫ ଦିନ ପରେ ପୁଲିସ ହାତ ଖାଲି

ଢେଙ୍କାନାଳ,୫ ।୧୨(ସମିସ): ସଦରଥାନା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ଦୁଷ୍କର୍ମ କରାଯିବା ପରେ ମହିଳା ଜଣକ ଲୋକଲଜ୍ଜା ଭୟରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣାର ୫ ଦିନ ପରେ ମଧ୍ୟ ପୁଲିସ ଅଭିଯୁକ୍ତକୁ ଗିରଫ କରିବାରେ ବିଫଳ ହୋଇଛି। ମହିଳା ଜଣକ ୩୦ ତାରିଖ ରାତି ୧୦ଟାରେ ତାଙ୍କ ସ୍ୱାମୀ ଘରେ ନ ଥିବା ବେଳେ ଏକୁଟିଆ ବାଡ଼ିପଟକୁ ପରିସ୍ରା କରିବାକୁ ଯାଇଥିଲେ। ଏହି ସମୟରେ ସାହିର କବି ଦାସଙ୍କ ପୁଅ ଟୁକୁ ଦାସ ତାଙ୍କୁ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲେ। ମହିଳା ଜଣକ ଚିତ୍କାର କରିବାରୁ ସେ ମୁହଁକୁ ଚାପି ଧରି ପାଟି କଲେ ଜୀବନରେ ମାରିଦେବାକୁ ଧମକ ଦେବା ସହ ଦୁଷ୍କର୍ମ କରିଥିଲା। ଏମିତିକି କାହାକୁ କହିଲେ ସ୍ୱାମୀ ଏବଂ ପିଲାକୁ ମାରିଦେବାକୁ ଧମକ ଦେଇ ଚାଲିଯାଇଥିଲା। ଭୟରେ ମହିଳା ଜଣକ କାହାରିକୁ କିଛି କହି ନ ଥିବା ବେଳେ ପରଦିନ ସନ୍ଧ୍ୟାରେ ଟୁକୁ ପୁଣି ତାଙ୍କୁ ଧମକ ଦେବା ସହ ବାଡ଼ିପଟକୁ ମହିଳାଙ୍କୁ ଡାକିଥିଲେ। ତେବେ ମହିଳା ଜଣକ ଲୋକଲଜ୍ଜା ଭୟରେ ଘରେ ଆତ୍ମହତ୍ୟା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି।

## ଅଗ୍ନିକାଣ୍ଡରେ ଗୋଟିଏ ପରିବାର ସର୍ବସ୍ୱାନ୍ତ

ପରଜଙ୍ଗ,୫ ।୧୨(ସମିସ): ପରଜଙ୍ଗ ବ୍ଲକ ସାଆନ୍ଦା ପଞ୍ଚାୟତ କେଞ୍ଜୁଡ଼ି ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାର ୩ ବଖରା ଚାଳଛପର ଘର ଭସ୍ମୀଭୂତ ହୋଇଛି। ଗ୍ରାମର ସୁକୁରୁ ପିଙ୍ଗୁଆ ଧାନ ଅମଳ କରିବା ପାଇଁ ବିଲକୁ ଯାଇଥିବା ବେଳେ ଘରେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ଘରର ସମସ୍ତ ଆସବାବପତ୍ର, ଧାନଚାଉଳ, ଲୁଗାପଟା ପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ବିପନ୍ନ ପରିବାରକୁ ପ୍ରଶାସନ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସାଇ ବାବାଙ୍କ ବାର୍ଷିକ ଉତ୍ସବ



ଢେଙ୍କାନାଳ,୫ ।୧୨(ସମିସ): ସ୍ଥାନୀୟ ମୀନାବଜାରସ୍ଥିତ ସାଇ ଦରବାର ପ୍ରାଙ୍ଗଣରେ ସାଇବାବାଙ୍କ ୧୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସକାଳ ୬ଟାରେ କାକଡ଼ ଆରତି ପରେ ବାବାଙ୍କ ସ୍ନାନ ହୋଇଥିଲା। ପରେ ମଧ୍ୟାହ୍ନ ଆରତି, ହୋମ ଓ ସନ୍ଧ୍ୟାରେ ଧୁମ ଆରତି ହୋଇଥିଲା। ସନ୍ଧ୍ୟାରେ ଶ୍ରୀ ସାଇ ଭଜନ ସନ୍ଧ୍ୟା ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ଭଜନ ଓ ସାଇ ଦିବ୍ୟଲୀଳା ପ୍ରବଚକ ଶୁଭାନ୍ୱେଷ ରଥଙ୍କ ଦ୍ୱାରା ସାଇଲୀଳା ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ରାତି ସାଢ଼େ ୯ରେ ବାବାଙ୍କ ଶେଯ ଆରତି କରାଯାଇଥିଲା। ରତ୍ନ ମହାପାତ୍ର ପରିବାର ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା।

## ମାଣବସା ଗୁରୁବାର ଭଜନ ସନ୍ଧ୍ୟା

ଭୁବନ,୫ ।୧୨(ସମିସ): ଭୁବନ ଏନ୍‌ଏସି ମହାଲକ୍ଷ୍ମୀ ବଣିକ ସଙ୍ଘ ପକ୍ଷରୁ ମାଣବସା ଗୁରୁବାର ଅବସରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବସଷ୍ଟାଣ୍ଡଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଭାପତି ଦୁଷ୍ମନ୍ତ ପୃଷ୍ଟି ଉଦଘାଟନ କରିଥିଲେ। ସମ୍ପାଦକ ବିପିନ ଦାସ ସଂଯୋଜନା କରିଥିଲେ। ବୁଦ୍ଧେଶ୍ୱର ଭଜନ ସନ୍ଧ୍ୟା ଅନୁଷ୍ଠାନର ମୁଖ୍ୟ ଚକ୍ରଧର ସାହୁ ପରିଚାଳନା କରିଥିଲେ।

## ଗଣେଶ ବଜାର ପକ୍ଷରୁ ମାଣବସା ଗୁରୁବାର ମହୋତ୍ସବ





ଢେଙ୍କାନାଳ,୫ ।୧୨(ସମିସ): ଗଣେଶ ବଜାର ପୂଜା ଅନୁଷ୍ଠାନ ପକ୍ଷରୁ ମାଣବସା ଗୁରୁବାର ମହୋତ୍ସବ ପାଳନ କରାଯାଇଛି। ଚଳିତ ବର୍ଷ ଏହି ମହୋତ୍ସବ ୭୫ ବର୍ଷରେ ପହଞ୍ଚିଥିବାରୁ ଅନୁଷ୍ଠାନ ପକ୍ଷରୁ ଏକ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଛି। ବଜାର ସଭାପତି ସଞ୍ଜୀବ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ସମାଜସେବୀ ରାମଚନ୍ଦ୍ର ପାତ୍ର, ଗଣେଶ ବଜାର ଉପଦେଷ୍ଟା ବସନ୍ତ କୁମାର ସାହୁ, ସଙ୍ଗୀତ ଗୁରୁ ଖାରବେଳ ପଟ୍ଟନାୟକ ଉଦଘାଟନ କରିଥିଲେ। ଗୁରୁବାର ପ୍ରାତଃରୁ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜା ଆରମ୍ଭ ହୋଇଥିଲା। କର୍ତ୍ତା ଅତୁଲ କୁମାର ନାୟକ ଓ ପୁରୋହିତ ଜଗନ୍ନାଥ ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ଶତରୂପା ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ୩ ହଜାର ଶ୍ରଦ୍ଧାଳୁ ମା'ଙ୍କ ପ୍ରସାଦ ସେବନ କରିଥିଲେ। ଅନୁଷ୍ଠାନର ଉପସଭାପତି ଶରତ କୁମାର ସାହୁ, ଉପଦେଷ୍ଟା ବିଶ୍ୱନାଥ ବେହେରା, ସମ୍ପାଦକ ଏମଡି ରଫିକ୍, ମାଧବ କୁମାର ସିଲ, ଶ୍ରୀକାନ୍ତ କୁମାର ସାହୁ, ଜଗନ୍ନାଥ ହୋତା, ଚିତ୍ତରଞ୍ଜନ ସାହୁ, ମାନସ କୁମାର ସାହୁ, ସୁଶାନ୍ତ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବୋଲି ମିଡିଆ ପ୍ରଭାରୀ ଶ୍ୟାମସୁନ୍ଦର ସାହୁ ସୂଚନା ଦେଇଛନ୍ତି।

### ସୌନ୍ଦର୍ଯ୍ୟଭରା ଭାଗୀରଥି ସାଗର

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ସତ୍ତ୍ୱେ ସୁଧୁରିଲାନାହିଁ ଗାରିମା

ଢେଙ୍କାନାଳ,୫ ।୧୨(ସମିସ)



ଢେଙ୍କାନାଳ ସହରର ସୌନ୍ଦର୍ଯ୍ୟଭରା ଭାଗୀରଥି ସାଗରର ପୁନରୁଦ୍ଧାର ନିମନ୍ତେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ସତ୍ତ୍ୱେ ଫେରିଲା ନାହିଁ ପୁରାତନ ଗାରିମା। ଭାଗୀରଥି ସାଗରର ସୌନ୍ଦର୍ଯ୍ୟକରଣ ନାମରେ କୋଟିକୋଟି ଖର୍ଚ୍ଚ ହେବାପରେ ମଧ୍ୟ ପୋଖରୀ ଏବେ ଅପରିଷ୍କାର ହୋଇ ପଡ଼ି ରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଆମ ପୋଖରୀ ଯୋଜନାରେ ସହରରେ ଥିବା ପୋଖରୀଗୁଡ଼ିକର ପଙ୍କ ଉଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣକୁ ନେଇ ବାରମ୍ବାର ପ୍ରଶ୍ନ ଉଠିଛି। ପୌରାଞ୍ଚଳର ୧୬ ପୋଖରୀ ମଧ୍ୟରୁ ୧୨ ପୋଖରୀର ପଙ୍କଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ପ୍ରାୟ ୯ କୋଟି ଟଙ୍କା ବ୍ୟୟବରାଦ କରାଯାଇ ବିଜ୍ଞପ୍ତି ଜାରି କରାଯାଇଥିଲା। ଏହି ପୋଖରୀଗୁଡ଼ିକୁ ପୁନରୁଦ୍ଧାର କରାଯାଇ ଚତୁଃପାଶ୍ୱର୍ ସୌନ୍ଦର୍ଯ୍ୟକରଣ ସହ ସଙ୍କୁଚିତ ନ କରି ସମସ୍ତ ପଙ୍କ ମାଟି ପୋଖରୀରୁ ବାହାର କରି ଅନ୍ୟତ୍ର ସ୍ଥାନାନ୍ତର କରାଯିବାର ନିଷ୍ପତ୍ତି ହୋଇଥିଲା। ମାତ୍ର କାର୍ଯ୍ୟ ଆରମ୍ଭର କିଛି ମାସ ମଧ୍ୟରେ ପୁନରୁଦ୍ଧାର ଯୋଜନାରେ ପଙ୍କ ମାଟିକୁ ପୋଖରୀ ହୁଡ଼ା ଭିତରେ ପକାଇ ଦେଇ ପ୍ରାୟ ୩୦ରୁ ୫୦ ଫୁଟ ସଙ୍କୁଚିତ କରାଯିବାରୁ ଅସନ୍ତୋଷ ଦେଖାଯାଇଥିଲା। ଏହାକୁ ଭାଗୀରଥି ସାଗର, କୁଞ୍ଜକାନ୍ତ ପୋଖରୀ ଏବଂ ହୀରାସାଗର ପୋଖରୀ ଅଞ୍ଚଳର ବାସିନ୍ଦା ବିରୋଧ କରିଥିଲେ। ଫଳରେ ପ୍ରଶାସନ ତରଫରୁ ଘଟଣାସ୍ଥଳ ପରିଦର୍ଶନ କରି ପୋଖରୀଗୁଡ଼ିକର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ଦୃଷ୍ଟିରୁ ପୋଖରୀ ମଧ୍ୟରେ ଥିବା ସବୁ ପଙ୍କ ମାଟି ବାହାରକୁ ସ୍ଥାନାନ୍ତର କରାଯିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ପଙ୍କ ମାଟି ସ୍ଥାନାନ୍ତର ନ କରି ଏହି ଐତିହାସିକ ପୋଖରୀଗୁଡ଼ିକୁ ପ୍ରାୟ ୫୦ ଫୁଟ ସଙ୍କୁଚିତ କରିଦିଆଯାଇଛି। ଆମ ପୋଖରୀ ଯୋଜନାରେ କୋଟିକୋଟି ଟଙ୍କା କେଉଁଠି ଖର୍ଚ୍ଚ ହେଲା ବୋଲି ପ୍ରଶ୍ନ ଉଠିଛି। ପୋଖରୀ ଉନ୍ନୟନ କାର୍ଯ୍ୟର ତଦନ୍ତ ପାଇଁ ଜଣେ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରିବା ସହ ଠିକାଦାରଙ୍କ ବିଲ୍ ବନ୍ଦ କରିବାକୁ ଦାବି କରାଯାଇଥିଲା।

ବର୍ତ୍ତମାନ ଢେଙ୍କାନାଳର ସର୍ବପୁରାତନ ନୂଆପୋଖରୀ ଶ୍ରୀହୀନ ହୋଇପଡ଼ିଛି। ଏହି ପୋଖରୀ ଉପରେ ସହରବାସୀ ନିର୍ଭର କରୁଥିବା ବେଳେ ଏଠାକୁ ଶୀତ ଦିନରେ ହଜାର ହଜାର ସାଇବେରିଆନ ପକ୍ଷୀ ଆସିଥାନ୍ତି। ତେବେ ଏହି ପୋଖରୀରେ ଅଧିକ ପାଣି ନ ଥିବାରୁ ଚଳିତବର୍ଷ ପକ୍ଷୀମାନେ ଏଠାକୁ ଆସିବା ବନ୍ଦ କରିଦେଇଛନ୍ତି। ପୋଖରୀରୁ ପଙ୍କ ଉଠାଇ ଅନ୍ୟତ୍ର ସ୍ଥାନାନ୍ତର ସହି ପୋଖରୀ ଚାରିପାଖ ସୌନ୍ଦର୍ଯ୍ୟକଣ କରିବାକୁ ପ୍ରସ୍ତାବ ଥିବାବେଳେ ବର୍ତ୍ତମାନ ସୁଦ୍ଧା ହୋଇନାହିଁ।

### ମନରେଗା କାର୍ଯ୍ୟରେ ଅନିୟମିତତା

## ଉପଜିଲ୍ଲାପାଳନଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

କାମାକ୍ଷାନଗର,୫ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ କଁଛିଆ ଗ୍ରାମରେ ମନରେଗା କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ସର୍ବସାଧାରଣ ସ୍ଥାନରେ ବେଆଇନ କାର୍ଯ୍ୟକୁ ବିରୋଧ କରି ଶତାଧିକ ଗ୍ରାମବାସୀ ଉପଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗ୍ରାମରେ ମନରେଗା ଯୋଜନାରେ ରାସ୍ତା କାମ ହେଉଛି। ମାତ୍ର ଯେଉଁ ରାସ୍ତାରେ ଗ୍ରାମର ଶତାଧିକ ଲୋକଙ୍କ ଚଳପ୍ରଚଳ ରହିଥିଲା ଏବଂ ସେମାନେ ବିଲବାଡ଼ିକୁ ଯିବାଆସିବା କରୁଥିଲେ ସେହି ରାସ୍ତାକୁ ଠିକାଦାର ଖୋଳି ଦେଇ ବେଆଇନ ଭାବେ ମୋରମ ଉଠାଉଛନ୍ତି। ଏ ନେଇ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଓ ଠିକାଦାରଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ରାତି ଅଧରେ ଜେସିବି ମାଧ୍ୟମରେ ଠିକାଦାର ବେଆଇନ ଭାବେ ମୋରମ ଖୋଳିବା ସହ ଗ୍ରାମବାସୀଙ୍କୁ କାମ କରାଇବାର ସୁଯୋଗ ଦେଉନାହାନ୍ତି। ତୁରନ୍ତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

ଢେଙ୍କାନାଳ,୫ ।୧୨(ସମିସ): କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଛି। ମୃତ୍ତିକା ପରୀକ୍ଷାଗାର ପରିସରରେ ଆୟୋଜିତ ଉତ୍ସବରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱନାଥ ଦାସ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ମାଟି ହେଉଛି ଆମର ଜୀବନ୍ତ ମାଆ। ଏହାକୁ ଗୁଣଯୁକ୍ତ କରିବା ଅତ୍ୟନ୍ତ ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ସୁସ୍ଥ ସହର ପାଇଁ ସୁସ୍ଥ ମୃତ୍ତିକା ଅପରିହାର୍ଯ୍ୟ ବୋଲି କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ତଥା ମୁଖ୍ୟ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି କହିଥିଲେ। ଜମିରେ ଅଧିକ ରାସାୟନିକ ସାର ପ୍ରୟୋଗ ମାଟି ମା' ପ୍ରତି ଅତ୍ୟାଚାର। ତେଣି ଖତ ଓ ଜୈବିକ ସାର ପ୍ରୟୋଗ ଉପରେ ଅଧିକ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ଜମିକୁ ପଡ଼ିଆ ନ ରଖି ସର୍ବଦା ଚାଷ କାର୍ଯ୍ୟରେ ନିୟୋଜିତ କଲେ ଜମିର ଉର୍ବରତା ବୃଦ୍ଧି ପାଇବ ବୋଲି କହିଥିଲେ। ମାଟି ହେଉଛି ସକଳ ଜୀବର ଆଧାର ବୋଲି ସମବାୟ ସମିତି ସମୂହର ଉପନିବନ୍ଧକ ଉମାଶଙ୍କର ଦାସ କହିଥିଲେ। ପିପିଏଲ




ଅଧିକାରୀ ବିନୋଦ କୁମାର ଲେଙ୍କା ମାଟି ପରୀକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭୂମିତ୍ର, ଅଣୁସାର ଓ ସନ୍ତୁଳିତ ରାସାୟନିକ ସାର ବ୍ୟବହାର ଏବଂ ଅଧିକ ଜୈବିକ ଖତସାର ପ୍ରୟୋଗ ପାଇଁ ପ୍ରବର୍ତ୍ତାଇଥିଲେ। ଜିଲ୍ଲା କୃଷି ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଦଳେଇ, ଆରଆରଟିଡିର ଆଡିସନାଲ ଡାଇରେକ୍ଟର ଡ. ଡିଆର ମିଶ୍ର, ମୃତ୍ତିକା ରସାୟନବିତ୍ ପଦାରବିନ୍ଦ ସାହୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ଆବଶ୍ୟକତା ଓ ଏହାର ଉପଯୋଗିତା ସମ୍ବନ୍ଧରେ ବୁଝାଇଥିଲେ। ଏହି ଅବସରରେ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। ସହକାରୀ କୃଷି ଅଧିକାରୀ ଶ୍ରୁତିରେଖା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ମହଙ୍ଗା ପଡ଼ିଲା ସ୍ତ୍ରୀ ଥାଉ ଥାଉ ଦ୍ୱିତୀୟ ବିବାହ

## ହିନ୍ଦୋଳ ସବ୍ ଜେଲ୍‌ର ୱାର୍ଡର ଗିରଫ

ହିନ୍ଦୋଳ,୫ ।୧୨(ସମିସ): ପ୍ରଥମ ସ୍ତ୍ରୀ ଥାଉ ଥାଉ ପୁଣି ଅନ୍ୟ ଜଣଙ୍କୁ ପ୍ରେମ ବିବାହ। ନିଜ ପତ୍ନୀର ପରିଚୟ ଦେଇ ସରକାରୀ କ୍ୱାର୍ଟର୍ସରେ ମଧ୍ୟ ଦ୍ୱିତୀୟ ପତ୍ନୀଙ୍କୁ ରଖିଥିଲେ। ଜଣେ ସରକାରୀ କର୍ମଚାରୀ ହୋଇ ସରକାରଙ୍କୁ ଠକି ଚାଲିଥିବାବେଳେ ଆଇନ ଜାଲରେ ଫସିଛନ୍ତି ହିନ୍ଦୋଳ ସବ୍ ଜେଲ୍‌ର ୱାର୍ଡର ବିଜୟ କୁମାର ରାଉତ। ଶୁକ୍ରବାର ପୁଲିସ ବିଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ଖାରଜ ହେବାରୁ ତାଙ୍କୁ ଝାରପଡ଼ା ଜେଲ ପଠାଇ ଦିଆଯାଇଛି।

ବିଜୟଙ୍କ ଘର ଆଠଗଡ଼ ଥାନା ସାମ୍‌ସେରପୁର ଗ୍ରାମରେ। ସେ ପୂର୍ବରୁ ବୈଦିକ ରୀତିରେ ବିବାହ କରିଥିଲେ। ମାତ୍ର ଅନ୍ୟ ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମସମ୍ପର୍କ ପରେ ଲୁଚିଛପି ତାଙ୍କୁ ମଧ୍ୟ ବିବାହ କରିଥିଲେ। ଏପରିକି ପ୍ରଥମ ପତ୍ନୀଙ୍କୁ ଛାଡ଼ପତ୍ର ନ ଦେଇ ବିଜୟ ଦ୍ୱିତୀୟ ବିବାହ କରିବା ସହ ଦ୍ୱିତୀୟ ପତ୍ନୀଙ୍କୁ ହିନ୍ଦୋଳ ଉପ କାରାଗାର ସରକାରୀ କ୍ୱାର୍ଟର୍ସରେ ନେଇ ରଖିଥିଲେ। ତେବେ ପ୍ରଥମ ପତ୍ନୀ ନ୍ୟାୟ ପାଇଁ ଏ ସମ୍ପର୍କରେ ଖୋର୍ଦ୍ଧା ପରିବାର ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ପରେ ବିଜୟ ୨୦୨୪ ଜୁନ ୬ରୁ ଫେରାର ହୋଇଯାଇଥିଲେ। ତେବେ କୋର୍ଟ ଜାମିନବିହୀନ ଗିରଫ ପରୱାନା ଜାରି କରିବା ପରେ ପୁଲିସ ତାଙ୍କୁ ଖୋଜୁଥିଲା। ବିଶେଷ ସୂତ୍ରରୁ ଖବର ପାଇ ଶୁକ୍ରବାର ଆଠଗଡ଼ ଅଞ୍ଚଳରୁ ପୁଲିସ ବିଜୟଙ୍କୁ କାବୁ କରିଛି। ପରେ ଖୋର୍ଦ୍ଧା ପରିବାର ଅଦାଲତରେ ହାଜର କରାଯାଇଥିଲା। ସେଠାରୁ ତାଙ୍କୁ ଝାରପଡ଼ା ଜେଲ ପଠାଇ ଦିଆଯାଇଛି।

## ବିଦ୍ୟୁତ କର୍ମଚାରୀ ସଂଘ କର୍ମକର୍ତ୍ତା ଚୟନ




ଖଜୁରିଆକଟା,୫ ।୧୨(ସମିସ): ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଓଡ଼ାପଡ଼ା ବ୍ଲକ ନାଧରାସ୍ଥିତ ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା ବିଦ୍ୟୁତ କର୍ମଚାରୀ ସଂଘ ଉପଖଣ୍ଡସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ସର୍କଲ ସମ୍ପାଦକ ପ୍ରାଣବନ୍ଧୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡିଭିଜନ ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ, ସହ ସମ୍ପାଦକ ଉପେନ୍ଦ୍ର ମାହୁନ୍ତ, ଡିଭିଜନ ସଂଗଠନ ସମ୍ପାଦକ ସଞ୍ଜିତ କୁମାର ଶତପଥୀ, ଉପଖଣ୍ଡ ସମ୍ପାଦକ ଶ୍ରୀବତ୍ସ ସାହୁ ଅତିଥି ରୂପେ ଯୋଗଦେଇ ସଂଘର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆସନ୍ତା ବର୍ଷ ପାଇଁ ଉପଖଣ୍ଡ ସମ୍ପାଦକ ଭାବେ ଶ୍ରୀବତ୍ସ ସାହୁ, ସଂଗଠନ ସମ୍ପାଦକ କୁଲୁ ଜେନାମଣି, ହିନ୍ଦୋଳ ରୋଡ ସେକ୍ସନ ସମ୍ପାଦକ ପ୍ରଜିତ ନାଥ, ଖଜୁରିଆକଟା-ସଞ୍ଜୀବ ସର, ହିନ୍ଦୋଳ-ସନ୍ତୋଷ ସାମନ୍ତ, ପରିଚାଳନା କମିଟି ସଦସ୍ୟ ଭାବେ ହିନ୍ଦୋଳ ରୋଡ୍-ଜିତେନ୍ଦ୍ର ପରିଡ଼ା, ଖଜୁରିଆକଟା-ଦେବପ୍ରକାଶ ନାଥ, ହିନ୍ଦୋଳ-ପ୍ରକାଶ ସାମଲ, ବ୍ୟବସାୟିକ ସଂଗଠନ ସମ୍ପାଦକ ସନ୍ତୋଷ ବେହେରାଙ୍କୁ ଚୟନ କରାଯାଇଛି। ଆନନ୍ଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ବିରୋଧୀ ହିଂସା ବନ୍ଦ ପାଇଁ ସକ୍ରିୟତା




ଢେଙ୍କାନାଳ,୫ ।୧୨(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ଇଶୋ ଅନୁଷ୍ଠାନ ମିଳିତ ଉଦ୍ୟମରେ ୧୬ ଦିନିଆ ମହିଳା ଏବଂ ବାଳିକା ବିରୋଧୀ ହିଂସା ରୋକିବା ପାଇଁ ଆଲୋଚନାଚକ୍ର ଜିଲ୍ଲାର ପୀଡ଼ିତା ମହିଳା, ପିଏଲଭି, ଏନଜିଓମାନଙ୍କୁ ନେଇ ଡିଏଲଏସଏ ସଭାଗୃହରେ ଅନୁଷ୍ଠିତ ହୋଇଛି। ଇଶୋର ସମ୍ପାଦିକା ପୁଷ୍ପାଞ୍ଜଳି ଜେନା ଅତିଥିଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଜଣାଇଥିଲେ। ମୁଖ୍ୟଅତିଥି ଭାବେ ରେଜିଷ୍ଟ୍ରାର ସଚିବ ସସ୍ମିତା ନାଏକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶୁଭଙ୍କର ମିଶ୍ର, ସମାଜସେବୀ ତଥା ଦଧିଚି ସଂଗଠନ ମୁଖ୍ୟ ଶୈଳବାଳା ମିଶ୍ର, ଭାନୁମତୀ ପାଣି, ସମାଜସେବୀ ଅନିମା ନାଏକ ପ୍ରମୁଖ ଯୋଗଦେଇଥିଲେ। ମହିଳାଙ୍କ ସୁରକ୍ଷା ପାଇଁ ରହିଥିବା ଆଇନଗୁଡ଼ିକ ସେମାନେ ଜାଣିବା ଉଚିତ ବୋଲି ଅତିଥିମାନେ କହିଥିଲେ। ଗାୟତ୍ରୀ ମହନ୍ତ, ଗାୟତ୍ରୀ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ସର୍ବେଶ୍ୱର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ହାଇୱା ଧକ୍କାରେ ବ୍ୟବସାୟୀ ମୃତ



ଢେଙ୍କାନାଳ,୫ ।୧୨(ସମିସ): ୫୫ନଂ ଜାତୀୟ ରାଜପଥର ଢେଙ୍କାନାଳ ଜିଲ୍ଲା କାଠଗଡ଼ା ନିକଟରେ ହାଇୱା ଧକ୍କାରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମଧ୍ୟପ୍ରଦେଶର ବାପୁଲାଲ ବଞ୍ଜାରା। ମଧ୍ୟପ୍ରଦେଶର କେତେକ ଲୋକ କାଠଗଡ଼ାରେ କମ୍ବଳ ବ୍ୟବସାୟ କରୁଥିଲେ। ଶୁକ୍ରବାର ସିଦ୍ଧି ଟ୍ରାନ୍ସପୋର୍ଟର ଏକ ହାଇୱା ଦ୍ରୁତଗତିରେ ଆସି ବାପୁଲାଲଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବାପୁଲାଲଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇବା ପରେ ହାଇୱା ଚାଳକ ଫେରାର ହୋଇଯାଇଛନ୍ତି। ପୁଲିସ ହାଇୱା ସହ ମୃତଦେହ ଜବତ କରିଛି। ଅନ୍ୟପଟେ ଗୁରୁବାର ବିଳମ୍ବିତ ରାତିରେ କାଠଗଡ଼ାଠାରୁ କିଛି ଦୂରରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ୫୫ନଂ ଜାତୀୟ ରାଜପଥ କଲେଜ ବାଇପାସ ଅଞ୍ଚଳ ଦୁର୍ଘଟଣାପ୍ରବଣ ଅଞ୍ଚଳ ରୂପେ ଚିହ୍ନଟ ହେବା ସତ୍ତ୍ୱେ ଜାତୀୟ ରାଜପଥ ବିଭାଗର ଚେତା କେବେ ପଶିବ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେବାରେ ଲାଗିଛି। ଏ ଦିଗରେ ପୁଲିସ ଏବଂ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ପକ୍କା ରାସ୍ତାରୁ ବଞ୍ଚିତ ସାପକରା, ବାରିଆରାଗୁଡ଼ି ଗ୍ରାମବାସୀ

### ବାରମ୍ବାର ଗୁହାରି ସତ୍ତ୍ୱେ ହେଉନି ରାସ୍ତା ନିର୍ମାଣ

ହିନ୍ଦୋଳ,୫ ।୧୨(ସମିସ)



୬୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ବାସ କରୁଥିବା ଗାଁକୁ ଯିବା ପାଇଁ ପକ୍କା ରାସ୍ତାଟିଏ ନାହିଁ। ଅସରାଏ ବର୍ଷାରେ ଗାଁକୁ ଯାଇପାରୁନି ଆମ୍ବୁଲାନ୍ସ। ଏଭଳି ଦୟନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଦୁଦୁରୁକୋଟ ପଞ୍ଚାୟତ ସାପକରା ଓ ବାରିଆରାଗୁଡ଼ି ଗ୍ରାମରେ। ଗ୍ରାମର ଅଧାରୁ ଅଧିକ ଲୋକ ଅନୁସୂଚିତ ଜାତିର। ପିଲାମାନଙ୍କ ପ୍ରାଥମିକ ଶିକ୍ଷା ପାଇଁ ଗ୍ରାମରେ ବିଦ୍ୟାଳୟ ରହିଛି। ହେଲେ ଅଧିକ ପାଠ ପଢ଼ିବା ପାଇଁ ଛାତ୍ରଛାତ୍ରୀମାନେ ନିକଟସ୍ଥ ଦୁଦୁରୁକୋଟ ଗ୍ରାମକୁ ଯିବାକୁ ପଡ଼ିଥାଏ, ଯାହାକି ବାରିଆରଗଡ଼ି ଓ ସାପକରା ଗ୍ରାମଠାରୁ ୩ କିଲୋମିଟରରୁ ଅଧିକ ଦୂରରେ ଅବସ୍ଥିତ। ସତମାଇଲ ନିକଟ ପୂର୍ତ୍ତ ରାସ୍ତାଠାରୁ ଘଞ୍ଚ ଜଙ୍ଗଲ ମଧ୍ୟ ଦେଇ ୨ କିଲୋମିଟର ଦୂରରେ ଅବସ୍ଥିତ ଏହି ଗ୍ରାମ। ବର୍ଷା ହେଲେ ଗ୍ରାମବାସୀ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। ଖରା ଓ ଶୀତ ଦିନରେ କଷ୍ଟେମଷ୍ଟେ ଗ୍ରାମକୁ ଯାଇହେଉଥିବା ବେଳେ ବର୍ଷା ଦିନରେ ଯିବା କଷ୍ଟକର। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦୀର୍ଘଦିନ ହେବ ଦାବି କରିଆସୁଛନ୍ତି। ହେଲେ କେହି କର୍ଣ୍ଣପାତ କରୁନାହାନ୍ତି। ଏ ନେଇ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ତୁରନ୍ତ ଏହି ଗାଁକୁ ରାସ୍ତା ନିର୍ମାଣ କରିବାକୁ ଦାବି ହେଉଛି।

## ଓଷ୍ଟାର ଜିଲ୍ଲାସ୍ତରୀୟ ସମ୍ମିଳନୀ

ଢେଙ୍କାନାଳ,୫ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଜିଲ୍ଲାସ୍ତରୀୟ ସମ୍ମିଳନୀ ଓଷ୍ଟା ଶିକ୍ଷକ ଭବନରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ସଂଘ ସଭାପତି ରାମ ରାଉତ ସଭାପତିତ୍ୱ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ ମୁଖ୍ୟଅତିଥି, ରାଜ୍ୟ ଶୈକ୍ଷିକ ସମ୍ପାଦକ ପ୍ରଣବ କୁମାର ଜେନା, ଆନ୍ଦୋଳନ ସମ୍ପାଦକ ରମାକାନ୍ତ ମହାପାତ୍ର ଓ ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଙ୍କଡ଼ାହାଡ଼ ବ୍ଲକର ସମ୍ପାଦକ ଦିଲୀପ କୁମାର ମାଝି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ସମ୍ପାଦକ ଶଶିକାନ୍ତ ଦାଶ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରି ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଶିକ୍ଷକ କର୍ମଚାରୀଙ୍କ ପେନସନ ଏବଂ ଅନୁଦାନ ଦେବାରେ ସରକାରଙ୍କ ଟାଳଟୁଳ ନୀତି ସମ୍ପର୍କରେ ସୂଚନା ଦେଇଥିଲେ। ଆଗାମୀ ବ୍ଲକସ୍ତରୀୟ ଓ ଜିଲ୍ଲାସ୍ତରୀୟ ଶିଶୁମେଳା ସୁଚାରୁରୂପେ ସମ୍ପାଦନ ପାଇଁ କର୍ମକର୍ତ୍ତାଙ୍କ ସହଯୋଗ ଲୋଡ଼ିଥିଲେ। ପୂର୍ବତନ ସଭାପତି ସନ୍ତୋଷ ପାଣିଗ୍ରାହୀ ଓ ପୂର୍ବ ସମ୍ପାଦକ ବିଭୂତି ସାମଲ ହେବାକୁଥିବା ରାଜ୍ୟସ୍ତରୀୟ ଆନ୍ଦୋଳନରେ ବହୁ ସଂଖ୍ୟାରେ ଯୋଗଦେବାକୁ ଆହ୍ୱାନ କରିଥିଲେ। ଦାବି ପୂରଣ ପାଇଁ ଆଗାମୀ ୧୦, ୧୧ ଓ ୧୨ ତାରିଖ ରାଜଧାନୀରେ ଅହୋରାତ୍ର ଧାରଣା ଦେବାକୁ କୁହାଯାଇଥିଲା। ୧୫ ଦିନ ମଧ୍ୟରେ ଦାବି ହାସଲ ନ ହେଲେ ପୁନର୍ବାର ଆନ୍ଦୋଳନ କରାଯାଇ ସମସ୍ତ ସ୍କୁଲ ତାଲା ବନ୍ଦ କରିବା ସହ ରାଜରାସ୍ତାରେ ଦୃଢ଼ ପ୍ରତିବାଦ କରି ସରକାରଙ୍କୁ ଅଚଳ କରାଯିବ ବୋଲି ବକ୍ତାମାନେ କହିଥିଲେ। ଅଶ୍ୱିନୀ ପଣ୍ଡା, ଅଞ୍ଜନ ମହାରଣା, ବିନୋଦ କୁମାର ସାହୁ, ଶୁଭସ୍ମିତା




ବେଉରା, ଜ୍ୟୋତିର୍ମୟ ପଟ୍ଟନାୟକ, ଉପଦେଷ୍ଟା ସରୋଜକାନ୍ତ ଦାସ ଏବଂ ପ୍ରଶାନ୍ତ କୁମାର ଧଳ, ବ୍ଲକ୍ ସମ୍ପାଦକ ତଥା ସଭାପତି ଯୋଗଦାନ କରିଥିଲେ। ସୁରେଶ ଚନ୍ଦ୍ର ପରିଡ଼ା ଧନ୍ୟବାଦ ଦେଇଥିଲେ। ଜିଲ୍ଲା ସଂଘ ଉପସଭାପତି ସୁବାସ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶହେଶଯ୍ୟା ବିଶିଷ୍ଟ ହସ୍ପିଟାଲ କୋଠା ନିର୍ମାଣରେ ଅନିୟମିତତା

## ଭୁଶୁଡ଼ିଲା ଛାତ; ୪ ଶ୍ରମିକ ଗୁରୁତର

ଗଣିଆ, ୫ା୧୨(ସମିସ): ଗଣିଆ ମେଡିକାଲ ପରିସରରେ ନିର୍ମାଣାଧୀନ ଥିବା ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ କୋଠା ପୋର୍ଟିକ ଭୁଶୁଡ଼ି ପଡ଼ିଛି। ଏଥିରେ ୪ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଗଣିଆ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଶ୍ରମିକମାନେ ହେଲେ, ନୟାଗଡ଼ ଶରଧାପୁର କାଳିଆ ଜେନା, ଦିଲ୍ଲୀପ ନାୟକ, ରାଜା ପ୍ରଧାନ, କାଳିଆ ପ୍ରଧାନ। ସେମାନେ ଛାତ ଉପରେ ଚଢ଼ି କାମ କରୁଥିବା ବେଳେ ହଠାତ୍ ଏକ ଭୀଷଣ ଶବ୍ଦ କରି ଭୁଶୁଡ଼ି ପଡ଼ିଥିଲା। ଶ୍ରମିକ କାଳିଆ ପ୍ରଧାନଙ୍କର ଅଣ୍ଟା ଏବଂ ପିଠିରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି। ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏଭଳି ଘଟିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଠିକାଦାର ଏବଂ ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତରା ଯୋଗୁଁ ଏଭଳି ନିମ୍ନମାନର କାର୍ଯ୍ୟ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ତଥା ପୂର୍ତ୍ତ ବିଭାଗ ଅଧିକାରୀଙ୍କ ଅପାରଗତା ଏଥିପାଇଁ ଦାୟୀ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଅପରପକ୍ଷେ, ଏହାକୁ ନେଇ ମେଡିକାଲ ପରିସରରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଛାତ ପଡୁଥିବା ବେଳେ ଯନ୍ତ୍ରୀ କିମ୍ବା ଠିକାଦାର କେହି ବି ଉପସ୍ଥିତ ନଥିବା ଅଭିଯୋଗ ହୋଇଛି। ଶ୍ରମିକମାନେ ଛାତ ଉପରେ କାମ କରୁଥିବା ବେଳେ ବିନା ହେଲ୍‌ମେଟ୍‌ରେ କାମ କରୁଥିବା ଜଣାପଡ଼ିଛି। ଉକ୍ତ ମେଡିକାଲ ନିର୍ମାଣକୁ ବର୍ଷବର୍ଷ ଲାଗି ଯାଇଥିବାବେଳେ ସମ୍ପୂର୍ଣ୍ଣ ହୋଇପାରିନାହିଁ। ପୋର୍ଟିକ ଯଦି ଭୁଶୁଡ଼ି ପଡୁଛି ତେବେ ନିର୍ମାଣାଧୀନ ଛାତର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଦୁଇ ଦଫା ଦାବିରେ ରାଜଧାନୀରେ ଗର୍ଜିଲେ ପ୍ରାଥମିକ ଶିକ୍ଷକ

# ବିଧାନସଭା ସମ୍ମୁଖରେ ଅହୋରାତ୍ର ଧାରଣା




ଭୁବନେଶ୍ୱର, ୫ା୧୨(ସମିସ): ରାଜ୍ୟର ହଜାର ହଜାର ପ୍ରାଥମିକ ଶିକ୍ଷକ ଦୁଇ ଦଫା ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମୂଳ ପଦକୁ ଅପଗ୍ରେଡ୍ କରିବା ସହ ୪୨ଶହ ଗ୍ରେଡ୍‌ପେ ପ୍ରଦାନ ଏବଂ ପ୍ରାଥମିକ ଶିକ୍ଷାରୁ ଠିକା ବ୍ୟବସ୍ଥା ଉଚ୍ଛେଦ କରି ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହ ନୋସନାଲ୍ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ହଟିବେ ନାହିଁ ବୋଲି କହିବା ସହ ପ୍ରାଥମିକ ଶିକ୍ଷକମାନେ ଅହୋରାତ୍ର ଧାରଣାରେ ବସିଛନ୍ତି।

'ପ୍ରାଥମିକ ଶିକ୍ଷକ ମହାସଂଘ' ବ୍ୟାନର୍‌ରେ ଆନ୍ଦୋଳନକୁ ଓହ୍ଲାଇଥିବା ଶିକ୍ଷକଙ୍କ ଅଭିଯୋଗ ଅନୁଯାୟୀ, ପ୍ରାଥମିକ ଶିକ୍ଷକଙ୍କ ଏହି ଦୁଇଟି ଦାବିନେଇ ବହୁବାର ଆନ୍ଦୋଳନ ହୋଇଛି। ଆନ୍ଦୋଳନ ସମୟରେ ସରକାରଙ୍କ ସହ ଆଲୋଚନା ହୁଏ ଏବଂ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦିଅନ୍ତି। ପ୍ରତିଶ୍ରୁତି ପାଇ ଆନ୍ଦୋଳନରୁ ଓହରିବା ପରେ ସରକାର ସେମାନଙ୍କ ସହ ପ୍ରତାରଣା କରୁଛନ୍ତି। ଏଣୁ ନିର୍ଣ୍ଣାୟକ ଆନ୍ଦୋଳନ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିବା ସଂଘ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଶିକ୍ଷକଙ୍କ ଆନ୍ଦୋଳନ ପାଇଁ ଶିକ୍ଷାଦାନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ବିଦ୍ୟାଳୟରେ ମାତ୍ର ଜଣେ ଲେଖାଏଁ ଶିକ୍ଷକ ଥିବାବେଳେ ଅନ୍ୟ ସମସ୍ତ ଶିକ୍ଷକ ଆନ୍ଦୋଳନରେ ଯୋଗଦେଇଛନ୍ତି। ଫଳରେ ପାଠପଢ଼ା ଏକପ୍ରକାର ଠପ୍ ହୋଇଯାଇଛି। ଆଗକୁ ସେମାନଙ୍କ ପରୀକ୍ଷା ଥିବାରୁ ଅଭିଭାବକମାନେ ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। ଶିକ୍ଷାଦାନ ପ୍ରଭାବିତ ହେବା ସମ୍ପର୍କରେ ମହାସଂଘର ଆବାହକ ରାମଲାଲ୍ ପଟେଲ୍ କହିଛନ୍ତି ଯେ ସରକାର ଯେତେ

**୨ ଦଫା ଦାବି ପୂରଣ ନ ହେଲେ ଆନ୍ଦୋଳନରୁ ହଟିବେ ନାହିଁ: ମହାସଂଘ**

**ବିଧାନସଭାରେ ପ୍ରସଙ୍ଗ ଉଠାଇଲେ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ**

ଶୀଘ୍ର ସେମାନଙ୍କ ଦାବି ପୂରଣ କରିବେ, ସେତେ ଶୀଘ୍ର ସେମାନେ ଶ୍ରେଣୀଗୃହକୁ ଫେରି ଶିକ୍ଷାଦାନ କରିବେ।

ଅପରପକ୍ଷରେ ବିଧାନସଭା ଶୂନ୍ୟକାଳରେ ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ ଏହି ପ୍ରସଙ୍ଗକୁ ଉଠାଇବା ସହ ଉଦବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ପ୍ରାୟ ଦେଢ଼ଲକ୍ଷ ପ୍ରାଥମିକ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ପୂର୍ବରୁ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ୍ ସିଟି ଥିବାବେଳେ ସେମାନେ ୨୨୦୦ ଗ୍ରେଡ୍-ପେ'ରେ ଦରମା ପାଉଥିଲେ। ମାତ୍ର ୨୦୧୭ରେ ସେମାନଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ଦୁଇ ସିଟି କରାଯାଇଛି। ସେହି ଅନୁସାରେ ସେମାନେ ସର୍ବନିମ୍ନ ୨୮୦୦ ଗ୍ରେଡ୍-ପେ' ପାଇବା କଥା। ଏନେଇ ସେମାନେ ବହୁବାର ଆନ୍ଦୋଳନ କରିଥିଲେ ମଧ୍ୟ ସେମାନଙ୍କ ଦାବି ପୂରଣ ହୋଇପାରି ନାହିଁ। ବର୍ତ୍ତମାନ ୨୨ଟି ରାଜ୍ୟର ପ୍ରାଥମିକ ଶିକ୍ଷକମାନେ ୪୨୦୦ଗେଡ୍-ପେ ପାଇଥିବାବେଳେ ରାଜ୍ୟର ପ୍ରାଥମିକ ଶିକ୍ଷକଙ୍କ ଦାବି ମଧ୍ୟ ପୂରଣ କରିବା ପାଇଁ ସରକାର ପଦକ୍ଷେପ ନେବାକୁ ଶ୍ରୀ ଦାସ ଗୃହରେ ଦାବି କରିଛନ୍ତି।

## ୯ ମାସରେ ୮୫ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର, ୫ା୧୨(ସମିସ): ଗତ ଜାନୁଆରୀ ୨୮ ଓ ୨୯ ତାରିଖରେ ରାଜ୍ୟ ସରକାର ଉତ୍କର୍ଷ ଓଡ଼ିଶା: ମେକ୍-ଇନ୍-ଓଡ଼ିଶା ସମ୍ମିଳନୀ ଆୟୋଜନ କରିଥିଲେ। ସମ୍ମିଳନୀରେ ୧୬ ଲକ୍ଷ ୭୩ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ୫୯୩ଟି ପ୍ରକଳ୍ପ ନିବେଶ ପ୍ରସ୍ତାବ ସରକାରଙ୍କ ହସ୍ତଗତ ହୋଇଥିଲା। ତନ୍ମଧ୍ୟରେ ଗତ ୯ ମାସରେ ରାଜ୍ୟ ସରକାର ୮୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନା କରିଛନ୍ତି। ଏହାର ମୂଲ୍ୟ ପ୍ରାୟ ୨ଲକ୍ଷ ୪ହଜାର କୋଟି ଟଙ୍କା ହେବ ବୋଲି ଗୃହରେ ତଥ୍ୟ ରଖିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ।

ଆଜି ପ୍ରଶ୍ନକାଳରେ ବିଧାୟକ ଅରବିନ୍ଦ ମହାପାତ୍ର ଗତ ୨୦୨୪ ମସିହା ଏପ୍ରିଲ ମାସରୁ ଗତ ନଭେମ୍ବର ଯାଏଁ ରାଜ୍ୟରେ ମୋଟ ଶିଳ୍ପ ପ୍ରତିଷ୍ଠା ସମ୍ପର୍କରେ ପ୍ରଶ୍ନ କରିଥିଲେ। ସେହିପରି କେନ୍ଦ୍ରାପଡ଼ାରେ ନିପ୍ପନ ଷ୍ଟିଲ କାରଖାନା ପ୍ରତିଷ୍ଠା ନେଇ ମଧ୍ୟ ମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଲୋଡ଼ିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ଏହି ଅବଧି ମଧ୍ୟରେ ୩୨୪ ବୃହତ୍, ମଧ୍ୟମ ପ୍ରକଳ୍ପକୁ ସରକାର ଅନୁମୋଦନ ଦେଇଛନ୍ତି। ଏହାଦ୍ୱାରା ୭ ଲକ୍ଷ ୬ ହଜାର ୨୦୯ କୋଟି ନିବେଶ ହେବାକୁ ଥିବା ବେଳେ ମୋଟ ୪ ଲକ୍ଷ ୫୭ହଜାର ୨୫୨ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି।

ସେହିପରି, ନିପ୍ପନ ଷ୍ଟିଲ ବିଷୟରେ ମନ୍ତ୍ରୀ କହିଥିଲେ ଯେ ପାରାଦୀପ ଓ ମହାକାଳପଡ଼ାଠାରେ ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ ନିଜର କାରଖାନା ପ୍ରତିଷ୍ଠା କରିବାକୁ ଯାଉଛି। ଏଥିପାଇଁ ସରକାରୀ ସ୍ତରରେ ପ୍ରକ୍ରିୟା ଜାରି ରହିଛି। ଉପରୋକ୍ତ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ସରକାର ଭିତ୍ତିଭୂମି ବିକାଶ ଜାରି ରଖିଛନ୍ତି। ମହାକାଳପଡ଼ାରେ ପ୍ରକଳ୍ପ ପାଇଁ ରାସ୍ତା, ବିଦ୍ୟୁତ୍ ଯୋଗାଣର ବ୍ୟବସ୍ଥା କରାଯାଉଛି। ତେବେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମୋଦନ ଏଯାଏଁ ମିଳପାରିନାହିଁ। ଉପରୋକ୍ତ ଅନୁମୋଦନ ମିଳିଲା ପରେ ସରକାର ପ୍ରକଳ୍ପର ଶିଳାନ୍ୟାସ କରିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

**କେନ୍ଦ୍ରାପଡ଼ାରେ ନିପ୍ପନ ଷ୍ଟିଲ ପାଇଁ ମିଳିନି ପରିବେଶ ଅନୁମୋଦନ**

**ପାରିପାର୍ଶ୍ୱିକ ବିକାଶ ଜାରି ରଖିଛନ୍ତି ସରକାର**

ବିଧାୟକ ଇରାଶିଷ ଆଚାର୍ଯ୍ୟ ରାଜ୍ୟରେ ବୟନ ଶିଳ୍ପର ସ୍ଥିତି ସମ୍ପର୍କରେ ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ନୂଆ ସରକାର ଆସିବା ପରେ ୫୦ଟି ବୟନ ଶିଳ୍ପକୁ ଅନୁମୋଦନ ଦିଆଯାଇଛି। ସେହିପରି ନିକଟରେ ରାଜ୍ୟ ସରକାର ଓଡ଼ିଶା ଟେକ୍ସ ସମ୍ମିଳନୀ ୨୦୨୫ ଆୟୋଜନ କରିଥିଲେ। ଏଥିରେ ୬ ଜିଲ୍ଲାରେ ଆଧୁନିକ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା କରିବାକୁ ସ୍ଥିର ହୋଇଛି। ସେହିପରି ସମ୍ମିଳନୀରେ ମୋଟ ୭୮୦୮ କୋଟି ଟଙ୍କାର ନିବେଶ ପାଇଁ ଏମ୍‌ଓୟୁ ହୋଇଥିବା ବେଳେ ଏହାଦ୍ୱାରା ୪୯ ହଜାର ନିଯୁକ୍ତି ପ୍ରଦାନ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି।

ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଯେଉଁ କମ୍ପାନୀ ପ୍ରକଳ୍ପ ପାଇଁ ଜମି ନେଉଛନ୍ତି, ପରବର୍ତ୍ତୀ ମୂହୁର୍ତ୍ତରେ ଶିଳ୍ପ ପ୍ରତିଷ୍ଠା କରୁନାହାନ୍ତି, ସେହି ଜମିର ମାଲିକାନା ପରିବର୍ତ୍ତନ କ୍ଷେତ୍ରରେ ସରକାରଙ୍କ ପଦକ୍ଷେପ ସଂପର୍କରେ ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ପ୍ରକଳ୍ପ ପାଇଁ ଜମି ବ୍ୟବହାର ନହେଲେ ଉକ୍ତ ଜମି ଇଡକୋ ଲ୍ୟାଣ୍ଡ ବ୍ୟାଙ୍କ ନିକଟକୁ ଫେରସ୍ତ ହୋଇଆସୁଛି। ନିକଟରେ ଅନୁଗୋଳରେ ମେସର୍ସ ମୋନେଟ୍ ନିକଟରୁ ୫୬୪ ଏକର ଜମି ସରକାର ଫେରସ୍ତ ଆଣିଛନ୍ତି। ସେହିପରି ଗତ ୪ବର୍ଷ ମଧ୍ୟରେ ରାଜ୍ୟରେ ୨୦୦୦ରୁ ଉର୍ଦ୍ଧ୍ୱ ଯୁବକ/ଯୁବତୀ ରାଜ୍ୟରେ ବିଭିନ୍ନ ଷ୍ଟାର୍ଟ-ଅପ୍ ପ୍ରତିଷ୍ଠା କରିଛନ୍ତି ବୋଲି ମନ୍ତ୍ରୀ ଗୃହରେ ସୂଚନା ରଖିଛନ୍ତି।

## ଭିଜିଲାନ୍ସ ଜାଲରେ ଫରେଷ୍ଟର



ଝାରସୁଗୁଡା/ଇବ ଥର୍ମାଲ, ୫ା୧୨(ସମିସ): ୫ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲ ଫରେଷ୍ଟର୍ ଗୌରାଙ୍ଗ ସାହୁ। ବନ୍ଧବାହାଲ ଅଞ୍ଚଳରେ ମୋହିତ ପ୍ରଧାନଙ୍କୁ ଗଛକଟା ଅନୁମତି ଦେବା ପାଇଁ ଫରେଷ୍ଟର୍ ଶ୍ରୀ ସାହୁ ଆଜି ନିଜ ଅଫିସ୍‌ରେ ଲାଞ୍ଚ ଟଙ୍କା ନେଉଥିବା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ସୂଚନାନୁଯାୟୀ, ବନ୍ଧବାହାଲ ଅଞ୍ଚଳରେ ନିଜ ଜମିରେ ଥିବା ଏକ ଶୁଖିଲା ନୀଳଗିରି ଗଛକୁ କାଟିବା ଏବଂ ପରିବହନ କରିବା ପାଇଁ ମୋହିତ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ରେଞ୍ଜ ଅଧୀନ ବନ୍ଧବାହାଲ ସେକ୍ସନର ଫରେଷ୍ଟରଙ୍କ ନିକଟରେ ଆବେଦନ କରିଥିଲେ। ଅନୁମତି ଦେବା ପାଇଁ ଫରେଷ୍ଟର ଗୌରାଙ୍ଗ ଆବେଦନକାରୀ ମୋହିତଙ୍କୁ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ନ ଦେଲେ କାମ ହେବ ନାହିଁ ବୋଲି ରୋକଠୋକ୍ ମନା କରିଦେଇଥିଲେ। ଏନେଇ ମୋହିତ ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ଫରେଷ୍ଟରଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା।

## ଦାଦନ ସମସ୍ୟା: ନିଜ ଫାଶରେ ଫସିଲେ ସରକାର

**ସ୍ଲୋଗାନରେ ସୀମିତ ଦାଦନ ମୁକ୍ତ ରାଜ୍ୟ: ବିଜେଡି**

**ସରକାରଙ୍କ ପାଖରେ ନାହିଁ ରୋଡମ୍ୟାପ : କଂଗ୍ରେସ**

**ରାଜ୍ୟରେ ଦାଦନ ଏବେକାର ସମସ୍ୟା ନୁହେଁ: ଶାସକ**

ଭୁବନେଶ୍ୱର,୫ା୧୨(ସମିସ): ଓଡ଼ିଶାରେ ଖଣି, ପାଣି ପ୍ରାକୃତିକ ସମ୍ପଦ ଭରପୂର ମାତ୍ରାରେ ମହଜୁଦ ଅଛି। ଏହାସତ୍ତ୍ୱେ କାମ ନ ପାଇ ପ୍ରତିବର୍ଷ ଲକ୍ଷ ଲକ୍ଷ ଶ୍ରମିକ କାମ ଖୋଜିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ଦାଦନ ମୁକ୍ତ ରାଜ୍ୟ ଏବେ କେବଳ ସ୍ଲୋଗାନରେ ସୀମିତ। ଏହାକୁ ରୋକିବା ପାଇଁ ସରାକାରଙ୍କ ପାଖରେ କୌଣସି ନିର୍ଦ୍ଦିଷ୍ଟ ରୋଡମ୍ୟାପ ନାହ ବୋଲି ବିଧାନସଭାରେ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ। ଅପରପକ୍ଷେ ସରକାରଙ୍କ ସପକ୍ଷରେ ଯୁକ୍ତି ବାଢ଼ି ଶାସକ ଦଳ ବିଧାୟକମାନେ ଦାଦନ ସମସ୍ୟା ବହୁ ପୁରୁଣା ଓ ଏହାର ସମାଧାନ ପାଇଁ ସରକାର ପ୍ରତିବଦ୍ଧତାର ସହ ଆଗକୁ ବଢୁଛନ୍ତି ବୋଲି ଯୁକ୍ତି ବାଢ଼ିଛନ୍ତି।

ଦାଦନ ସଂକ୍ରାନ୍ତ ମୁଲତବୀ ଆଲୋଚନାକୁ ଆରମ୍ଭ କରି କଂଗ୍ରେସ ବିଧାୟକ ଅଶୋକ ଦାସ କହିଥିଲେ ଯେ ପ୍ରତିବର୍ଷ ୩ ରୁ ୫ ଲକ୍ଷ ଶ୍ରମିକ ବାହାର ରାଜ୍ୟକୁ ରୋଜଗାର ପାଇଁ ଯାଉଛନ୍ତି। ଏପଟେ ଆମ ରାଜ୍ୟର ଶିଳ୍ପସଂସ୍ଥାରେ ବାହାର ଲୋକଙ୍କୁ ନିଯୁକ୍ତି ଦେଉଛନ୍ତି। ୨୦୨୪ ମେ ୩ ସୁଦ୍ଧା ୧୧ ଲକ୍ଷ ୪ ହଜାର ୨୨୯ ନିଯୁକ୍ତି ଆଶାୟୀ ବିଭିନ୍ନ ନିଯୋଜନ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରିଥିବାବେଳ ଆହୁରି ଲକ୍ଷଲକ୍ଷ ନିଜର ନାମ ପଞ୍ଜୀକରଣ କରିନାହାନ୍ତି। ମାତ୍ର ରାଜ୍ୟ ସରକାର ନିଜ ଦୋଷ ଢ଼ାଙ୍କିବା ପରିବର୍ତ୍ତେ ସବୁବେଳେ ପୂର୍ବ ସରକାରଙ୍କୁ ଦୋଷ ଦେଉଛନ୍ତି। ବିଧାୟିକା ସୋଫିଆ ଫିର୍ଦ୍ଦୋଷ କହିଥିଲେ ଯେ ଏବେ ରାଜ୍ୟର ବେକାରୀ ସ୍ଥିତି ଉତ୍କଟ। ୫ମ ଶ୍ରେଣୀ ଯୋଗ୍ୟତା ଥିବା ହୋମଗାର୍ଡ ପଦବୀ ପାଇଁ ଇଞ୍ଜିନିୟରିଂ ପିଲା ଆବେଦନ କରିଛନ୍ତି। ପରୀକ୍ଷା ଦୁର୍ନୀତି ଆମ ରାଜ୍ୟକୁ ବଦନାମ କରିଛି। ଇଜ୍ ଅଫ ଡୁଇଂ ବିଜନେସରେ ଓଡ଼ିଶା ବହୁ ପଛରେ ରହିଛି ବୋଲି ସେ କହିଛନ୍ତି। ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ ବିଜେପି ସରକାର ଦାଦନ ମୁକ୍ତି କରିବା ନାରା ଦେଇ ଶାସନକୁ ଆସିଥିଲେ। ହେଲେ ସରକାରଙ୍କର ଗତିବିଧିରୁ ତାହା ପୂରଣ ହେବା ଭଳି ଲାଗୁନାହିଁ। ଉପ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଟାସ୍କ ଫୋର୍ସ କମିଟି କଣ ସୁପାରିଶ କରିଛନ୍ତି, ମନ୍ତ୍ରୀ ଗୃହକୁ ଜଣାନ୍ତୁ। କେନ୍ଦ୍ର ସରକାର ମନରେଗା ଯୋଜନାକୁ ପଙ୍ଗୁ କରିସାରିଲେଣି। ଯାହା ପରୋକ୍ଷରେ ଦାଦନ ସମସ୍ୟାକୁ ବୃଦ୍ଧି କରୁଛି ବୋଲି ରଣେନ୍ଦ୍ର କହିଛନ୍ତି। ସେହିପରି ବିଜେଡି ବିଧାୟକ ପ୍ରଦୀପ ସାହୁ ବେକାରୀ ସମସ୍ୟା ପାଇଁ ରାଜ୍ୟରେ ଅପରାଧ ବଢ଼ି ଚାଲିଛି ବୋଲି ଯୁକ୍ତି ବାଢ଼ିଛନ୍ତି।

ଶାସକ ଦଳ ପକ୍ଷରୁ ଆଲୋଚନାରେ ଭାଗ ନେଇ ବିଜେପି ବିଧାୟକ ପ୍ରତାପ ଚନ୍ଦ୍ର ନାୟକ କହିଥିଲେ ଯେ ଦାଦନ ସମସ୍ୟା ଦୀର୍ଘ ଦିନର । ପୂର୍ବ ସରକାରର ଇଚ୍ଛାଶକ୍ତିର ଅଭାବ ଥିଲା। ସେଥିପାଇଁ ଆଜି ଏତେ ସଂଖ୍ୟାରେ ସରକାରୀ ପଦବୀ ଖାଲି ପଡ଼ିଛି ବୋଲି ବିଜେପି ବିଧାୟକ ଯୁକ୍ତି ବାଢ଼ି ଥିଲେ। ସେହିଭଳି ବିଜେପି ବିଧାୟକ କହ୍ନେଇ ଡ଼ାଙ୍ଗ, ସନତ ଗଡତିଆ, ରଘୁନାଥ ଜଗଦଳା ପ୍ରମୁଖ ଆଲୋଚନାରେ ଭାଗ ନେଇ ନୂଆ ସରକାର ଲୋକଙ୍କୁ ନିଯୁକ୍ତି ଦେବା ପ୍ରତିଶ୍ରୁତି ପୂରଣ କରିବେ ବୋଲି ଦୃଢ଼ୋକ୍ତି ବାଢ଼ିଛନ୍ତି।

## ଧାନ ବିଲରେ ମୃତ ହାତୀ ଛୁଆ



କେନ୍ଦୁଝର, ୫ା୧୨(ସମିସ): କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗ ପିଢ଼ ରେଞ୍ଜ କସଡ଼ା ଗାଁ ନିକଟସ୍ଥ ଏକ ଚାଷ ବିଲରୁ ମାଇ ହାତୀ ଛୁଆର ଶବକୁ ଜବତ କରାଯାଇଛି। ବନବିଭାଗ ଟିମ ହାତୀ ଛୁଆଟିର ମୃତ୍ୟୁ କାରଣ ଖୋଜୁଛି। ଛୁଆର ବୟସ ୮ରୁ ୧୦ବର୍ଷ ହେବ। ମୃତ୍ୟୁର କାରଣ ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ବନବିଭାଗ କହିଛି। ଶନିବାର ହାତୀ ଛୁଆଟିର ଶବ ବ୍ୟବଚ୍ଛେଦ କରାଯିବ। ଶୁକ୍ରବାର ଅପରାହ୍ଣରେ ଖବର ପାଇ ଭୂୟାଁ ଜୁଆଙ୍ଗ ପୀଢ ଏସିଏଫ୍ ଡ ସୁଦୀପ୍ତ ପଣ୍ଡା, ରେଞ୍ଜର ନୟନକାନ୍ତ ସାହୁ, ଶୁଆକାଟୀ ବିଟ୍ ଫରେଷ୍ଟର ଜ୍ୟୋତିର୍ମୟ ପଟ୍ଟନାୟକ, ଫରେଷ୍ଟ ଗାର୍ଡ ଚନ୍ଦ୍ରକାନ୍ତ ମହାନ୍ତ ଏବଂ ହାତୀ ସ୍କ୍ୱାଡ୍ ଘଟଣାସ୍ଥଳକୁ ଯାଇଥିଲେ। ସେ ଅଞ୍ଚଳରେ ବୁଲାବୁଲି କରୁଥିବା ୪୦ଟି ହାତୀ ମଧ୍ୟରୁ ଛୋଟ ମାଇ ହାତୀଟି ମୃତ୍ୟୁ ପରେ ଅଲଗା ହୋଇଥିବା ଅନୁମାନ କରାଯାଉଛି। ଉକ୍ତ ହାତୀ ଦଳ ନିକଟସ୍ଥ ଲୁଣଘର ଜଙ୍ଗଲ ଅଞ୍ଚଳରେ ରହିଥିବା ସୂଚନା ମିଳିଛି।

### ଘରକୁ ଫେରିବାର ବାଟ ଫିଟାଇଲା ଜୟ ଜଗନ୍ନାଥ ଧ୍ୱନି

## ୧୨ ବର୍ଷ ପରେ ବାଂଲାଦେଶରୁ ଫେରିବେ ନିଖୋଜ ସୁଦାମ



ବଡ଼ସାହି, ୫ା୧୨(ସମିସ): ପାଖାପାଖି ୧୨ବର୍ଷ ତଳେ ନିଖୋଜ ହୋଇଯାଇଥିବା ସୁଦାମ ହେମ୍ବ୍ରମ (୪୦) ଆସନ୍ତାକାଲି (ଶନିବାର) ବାଂଲାଦେଶରୁ ନିଜ ଘରକୁ ଫେରିବେ। ସୁଦାମଙ୍କୁ ଘରକୁ ଫେରାଇ ଆଣିବା ପାଇଁ ସୁଦାମଙ୍କ ପୁତୁରା ଏବଂ ସମ୍ପର୍କୀୟ ଆଜି ଭାରତ-ବାଂଲାଦେଶ ସୀମା 'ବେନାପୋଲ' ବର୍ଡର୍‌କୁ ଗସ୍ତ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସୁଦାମଙ୍କ ପରିବାର, ବନ୍ଧୁବାନ୍ଧବ ଓ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

ସୁଦାମଙ୍କ ଘର ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ୍ ଅଧୀନ ପାଉଁଶିଆ ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ। ୧୨ବର୍ଷ ତଳେ ତାଙ୍କ ବାପା କିଶୋରଙ୍କ ମୃତ୍ୟୁ ପରେ ତାଙ୍କର ମସ୍ତିଷ୍କ ବିକୃତି ବାହାରିଥିଲା। ପରେ ସେ କୁଆଡ଼େ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ବି ତାଙ୍କର ପତ୍ତା ମିଳିନଥିଲା। ପରିବାରଲୋକେ ମଧ୍ୟ ତାଙ୍କର ଫେରିବା ଆଶା ଛାଡ଼ି ଦେଇଥିଲେ। ତେବେ ସୁଦାମ ଏପରି ବୁଲୁବୁଲୁ ଯାଇ ବାଂଲାଦେଶରେ ପହଞ୍ଚି ଯାଇଥିଲେ। ବିଭିନ୍ନ ରେଳଷ୍ଟେସନ୍, ବସ୍‌ଷ୍ଟାଣ୍ଡ, ରାସ୍ତାରେ ବୁଲୁଥିବା ବେଳେ ସେ ସବୁବେଳେ 'ଜୟ ଜଗନ୍ନାଥ, ଜୟ ଜଗନ୍ନାଥ' ଭଜି ହେଉଥିଲେ। ସୁଦାମଙ୍କ ଅବସ୍ଥା ଦେଖି ସେଠାକାର ଏକ ସାମାଜିକ ଅନୁଷ୍ଠାନ 'ମାନବ ସେବା ସଂଗଠନ'ର ସମାଜସେବୀ ଜନାବ ଅବ୍‌ଦୁଲ ଗିନି ଫିଟୁ ତାଙ୍କୁ ଉଦ୍ଧାର କରିଥିଲେ। ଚାଲିଚଳଣ ଓ ଭାଷାରୁ ଅବଦୁଲ ବୁଝିଯାଇଥିଲେ ଯେ ସୁଦାମ ଜଣେ ଭାରତୀୟ ନାଗରିକ ଏବଂ ତାଙ୍କ ଘର ଓଡ଼ିଶାରେ ହୋଇଥିବ। ସେ ତାଙ୍କର ଚୁଟି, ଦାଢ଼ି, ନଖ କାଟି ତାଙ୍କର ଚିକିତ୍ସା ଓ ଖାଦ୍ୟପେୟର ବ୍ୟବସ୍ଥା କରିଥିଲେ। ଏହାପରେ ହୋମ୍ ରେଡିଓରେ ପଶ୍ଚିମବଙ୍ଗ ରେଡିଓ କ୍ଲବ୍‌କୁ ଫଟୋ ପଠାଇବା ପରେ ତାଙ୍କ ପୁତୁରା ସୁବାସ ତାଙ୍କୁ ଭିଡିଓ ମାଧ୍ୟମରେ ଚିହ୍ନଟ କରିବାରୁ ତାଙ୍କ ଫେରିବା ପାଇଁ ବାଟ ଫିଟିଥିଲା। ହୋମ୍-ରେଡିଓରେ ପଶ୍ଚିମବଙ୍ଗର ସମ୍ପାଦକ ଅମ୍ବରୀଶ ନାଗ ବାଂଲାଦେଶ ହାଇକମିସନର୍ ଓ ଭାରତୀୟ ଦୂତାବାସ ସହ ଯୋଗଯୋଗ କରିଥିଲେ। ମାତ୍ର ଆଇନଗତ ଜଟିଳତା ଓ ଆର୍ଥିକ ଅନଟନ ସମସ୍ୟା ମୁଣ୍ଡ ଟେକିଥିଲା। କିନ୍ତୁ ସରକାରଙ୍କ ପକ୍ଷରୁ ଏହାକୁ ଦୂର କରାଯାଇଛି। ଫଳରେ ତାଙ୍କ ପୁତୁରା ଓ ସମ୍ପର୍କୀୟ ପ୍ରଶାସନ ମାଧ୍ୟମରେ ତାଙ୍କୁ ଘରକୁ ଫେରାଇବା ପାଇଁ ଭାରତ-ବାଂଲାଦେଶ ସୀମାକୁ ଗସ୍ତ କରିଛନ୍ତି। ଶନିବାର ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ 'ବେନାପୋଲ' ବର୍ଡର୍‌କୁ ଗସ୍ତ କରିବେ ବୋଲି ଜଣାଯାଇଛି।

## ଅଣସଂରକ୍ଷିତ କୀର୍ତ୍ତିରାଜି ଚିହ୍ନଟ ପାଇଁ ଗଠନ ହେବ କମିଟି

ଭୁବନେଶ୍ୱର,୫ା୧୨(ସମିସ): ରାଜ୍ୟର ୪୦୦୦ରୁ ଉର୍ଦ୍ଧ୍ୱ କୀର୍ତ୍ତିରାଜି ଚିହ୍ନଟ ହୋଇଛି ଏବଂ ଏହା ଉପରେ ଗବେଷଣା ପାଇଁ ନିଷ୍ପତ୍ତି ହୋଇଛି ବୋଲି ଆଜି ପ୍ରଶ୍ନକାଳରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି।

ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଅଣସଂରକ୍ଷିତ କୀର୍ତ୍ତିରାଜି ଚିହ୍ନଟ ପ୍ରକ୍ରିୟା ଆଗକୁ ନେବାପାଇଁ ସେଣ୍ଟର୍ ଫର୍ ହେରିଟେଜ୍ ଷ୍ଟଡିଜ ସହ ରାଜ୍ୟ ସରକାର ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଆଗକୁ ରାଜ୍ୟ ସରକାର ବିଭିନ୍ନ ବ୍ୟକ୍ତିବିଶେଷ, ବିଶେଷଜ୍ଞଙ୍କୁ ନେଇ ଏକ ଟିମ୍ ଗଠନ କରିବେ। ଏହି ଟିମ୍‌ର କାର୍ଯ୍ୟକାଳ ୩ ବର୍ଷ ରହିବ। ଟିମ୍‌ର ଚିହ୍ନଟ ପ୍ରକ୍ରିୟା ପରେ ସବୁ କ୍ଷେତ୍ରକୁ ବିଚାର କରି ଚିହ୍ନିତ କୀର୍ତ୍ତିରାଜିର ପାରିପାଶ୍ୱର୍ିକ ବିକାଶ କରାଯିବ ବୋଲି ମନ୍ତ୍ରୀ ଗୃହରେ ସୂଚନା ରଖିଛନ୍ତି।

**୩ ବର୍ଷରେ ସରିବ ଚିହ୍ନଟ ପ୍ରକ୍ରିୟା**

ଶୁକ୍ରବାର ପ୍ରଶ୍ନକାଳରେ ମୂଳ ପ୍ରଶ୍ନକର୍ତ୍ତା ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ଏବଂ ଅନ୍ୟ ସଦସ୍ୟମାନେ ନିଜ ନିଜ ଅଞ୍ଚଳର ଐତିହ୍ୟ, କୀର୍ତ୍ତିରାଜି ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବି କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ୮୨ଟି ଐତିହ୍ୟ ଚିହ୍ନଟ କରାଯାଇଛି। ସେହିପରି ରାଜ୍ୟ ସରକାର ୨୧୨ଟି ଐତିହ୍ୟକୁ ମାନ୍ୟତା ଦେବା ସହ ଏହାର ସଂରକ୍ଷଣ କରୁଛନ୍ତି। ତେବେ ୪୦-୫୦ ବର୍ଷ ପୂର୍ବେ ଇନ୍‌ଟାକ୍ ଦ୍ୱାରା ଏକ ବେସରକାରୀ ସର୍ଭେ କରାଯାଇଥିଲା। ଏଥିରେ ରାଜ୍ୟରେ ୪୦୦୦ ଐତିହ୍ୟ ରହିଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ଐତିହ୍ୟ ଚୋରି କ୍ଷେତ୍ରରେ ଓଡ଼ିଶାର ନାମ ସର୍ବଭାରତୀୟ ସ୍ତରରେ ଖରାପ ଅଛି। ତେଣୁ ପ୍ରତ୍ୟେକ ଐତିହ୍ୟ, କୀର୍ତ୍ତିରାଜିର ଡକ୍ୟୁମେଣ୍ଟେସନ ହେବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ବିଧାୟକ ଅଶ୍ୱିନୀ ପାତ୍ରଙ୍କ ଏକ ପ୍ରଶ୍ନରେ ମନ୍ତ୍ରୀ କହିଛନ୍ତି ଯେ କଟକ ବାଲିଯାତ୍ରାକୁ ୟୁନେସ୍କୋ ଦ୍ୱାରା ମାନ୍ୟତା ଦେବା ପାଇଁ ସରକାର ପ୍ରୟାସ କରୁଛନ୍ତି। ସେହିପରି ସଦସ୍ୟ ଯୋଗେଶ ସିଂ, ପବିତ୍ର ସାଉନ୍ତା, ଭାସ୍କର ମଢ଼େଇ ପ୍ରମୁଖ ନିଜ ନିଜ ଅଞ୍ଚଳର ପୁରାତନ ମନ୍ଦିର, ପୁଷ୍କରିଣୀ ଏବଂ ଐତିହ୍ୟର ବିକାଶ ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ଏନେଇ ରୁଲିଂ ଦେଇ କହିଥିଲେ ଯେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଐତିହ୍ୟ କିର୍ତ୍ତୀରାଜି ରହିଛି। ପ୍ରାୟ ୧୫ ଜଣ ବିଧାୟକ ଏନେଇ ମନ୍ତ୍ରୀଙ୍କ ଧ୍ୟାନ ଆକର୍ଷଣ କରିବାକୁ ଚାହୁଁଛନ୍ତି। ତେଣୁ ସଦସ୍ୟମାନେ ଏନେଇ ମନ୍ତ୍ରୀଙ୍କୁ ଫର୍ଦ୍ଦିକିଆ ନୋଟ୍ ପ୍ରଦାନ କରନ୍ତୁ ଏବଂ ମନ୍ତ୍ରୀ ଏହା ଉପରେ ଅନୁଧ୍ୟାନ କରନ୍ତୁ ବୋଲି ବାଚସ୍ପତି କହିଥିଲେ।


**ସୁକରପଡ଼ା ମଦ୍ରାସାରେ ମୌଲବି ପଦ ପାଇଁ ଦରଖାସ୍ତ ଆହ୍ୱାନ**

ସୁକରପଡ଼ା ସ୍ଥିତ ମଦ୍ରାସା ଇସଲାମିଆ ମୋହିଉଦ୍ଦିନ୍‌ରେ ଖାଲିଥିବା ଏକ ଗୋଟି ମୌଲବି ପଦବୀ ପୂରଣ ପାଇଁ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପଦ ପାଇଁ ଆବଶ୍ୟକୀୟ ଯୋଗ୍ୟତା ଥିବା ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସାକ୍ଷାତକାରରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ଆସନ୍ତା ତା ୧୫/୧୨/୨୦୨୫ ରିଖ ସୋମବାର ଦିନ ଦିବା ୧୦ ଘଟିକାରେ ସାକ୍ଷାତକାର ଅନୁଷ୍ଠିତ ହେବ। ଏଥିପାଇଁ ଇଚ୍ଛୁକ ପ୍ରାର୍ଥୀମାନେ ସେମାନଙ୍କ ଦରଖାସ୍ତ ଫର୍ମ, ଶିକ୍ଷାଗତ ଯୋଗ୍ୟତା ଏବଂ ବୟସ ସମ୍ବନ୍ଧୀୟ ସମସ୍ତ ପ୍ରମାଣପତ୍ରର ମୂଳ କପି ଏବଂ ଅବିକଳ ନକଲ ସହିତ ଉପସ୍ଥିତ ହେବାକୁ କୁହାଯାଇଛି। ମୌଲବି ପଦବୀ ପାଇଁ ଆବେଦନ କରୁଥିବା ପ୍ରାର୍ଥୀଙ୍କ ବୟସ ସୀମା ୧୮ ବର୍ଷରୁ କମ୍ କିମ୍ବା ୩୨ ବର୍ଷରୁ ଅଧିକ ହୋଇ ନ ଥିବ। ଶିକ୍ଷାଗତ ଯୋଗ୍ୟତା କ୍ଷେତ୍ରରେ, ପ୍ରାର୍ଥୀ ଓଡ଼ିଶା ମଦ୍ରାସା ବୋର୍ଡ଼ରୁ ମାହିର ଉତ୍ତୀର୍ଣ୍ଣ ହୋଇଥିବା ଅନିବାର୍ଯ୍ୟ। ଏହା ସହିତ ସାଧାରଣ ବିଇଡି ଯୋଗ୍ୟତା କିମ୍ବା ଓଟିଇଟି ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। ଆବେଦନକାରୀମାନେ ସାକ୍ଷାତକାର ସମୟରେ ନଗଦ ୨୫୦ ଟଙ୍କା ଫି' ଆକାରରେ ଦାଖଲ କରିବେ ଏବଂ ଦରଖାସ୍ତ ସହିତ ସମସ୍ତ ଆବଶ୍ୟକୀୟ ପ୍ରମାଣପତ୍ରର ନକଲ ସଂଯୁକ୍ତ କରିବେ। ମଦ୍ରାସା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଉପସ୍ଥିତ ରହିବାକୁ ସୂଚନା ଦିଆଯାଇଛି।

MADRASA ISLAMIA MOHINDDIN
AT/PO-SUKARAPADA DIST-CUTTACK ODISHA
MOBILE-9938067758



OFFICE OF THE SORO MUNICIPALITY, SORO, BALASORE

No. 5138 Date 01.12.2025

C-1643

"e" Procurement Notice

BID Identification No. SOROM_06_2025-26.

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

| | | |
|---|---|---|
| 1. Name of the Work | : | Construction of Civil work as mentinoed in DTCN |
| 2. No. of works | : | 78 nos. |
| 3. Estimated Cost | : | As per Work List |
| 4. Period of Completion | : | 90 days. |
| 5. Date &Time of availability of Bid documents in the Portal | : | 05.12.25 at 10.00 A.M. to 15.12.25 up to 5.00P.M. |
| 6. Last date & time for receipt of bids in the portal | : | 15.12.2025 up to 05:00 P.M. |
| 7. Bid received online shall be opened on | : | 16.12.2025 at 10:00 A.M. |
| 8. Name and address of the officer inviting Bid | : | Executive Officer, Soro Municipality |

Further details can be seen from the procurement portal i.e. www.tendersodisha.gov.in

Executive Officer
Soro Municipality

OIPR-13166/11/0021/2526

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେଇପାରେ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ି ଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ମାନ ସମ୍ମାନ ବୃଦ୍ଧି ପାଇବ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ବ୍ୟବସାୟରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ନିମନ୍ତେ ବିଦେଶ ଯାତ୍ରା କରିପାରନ୍ତି।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। ପରିଶ୍ରମ ଅନୁସାରେ ସଫଳତା ମିଳିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ରହିଛି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଉଧାର ଟଙ୍କା ଫେରି ପାଇବେ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରୁହନ୍ତୁ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

## ଆଜିର ଦିନରେ

- ୧୭୬୮ - ଏନ୍‌ସାଇକ୍ଲୋପିଡିଆ ବ୍ରିଟାନିଆର ପ୍ରଥମ ସଂସ୍କରଣ ପ୍ରକାଶିତ।
- ୧୯୧୭-ଫିନ୍‌ଲ୍ୟାଣ୍ଡ ଋଷରୁ ସ୍ୱାଧୀନ ହେଲା।
- ୧୯୫୬- ଭାରତୀୟ ସମ୍ବିଧାନର ଜନକ ବାବାସାହେବ ଆମ୍ବେଦକରଙ୍କ ନିଧନ।
- ୧୯୭୨- ରାଷ୍ଟ୍ରୀୟ ନିରାପତ୍ତା ପରିଷଦର ସ୍ଥାପନା।
- ୧୯୯୯-ଇଣ୍ଡୋନେସିଆ ଜେଲ୍‌ରୁ ୨୮୩ କଏଦୀ ଫେରାର୍।


# କାମ ନ ସାରିଲେ କାଫେରୁ ଆସିବା ମନା

ଅନେକ ଲୋକଙ୍କର କାମକୁ ସଙ୍ଗେ ସଙ୍ଗେ ସାରିବା ଅଭ୍ୟାସ ନ ଥାଏ। ସେଥିପାଇଁ ସେମାନେ ସମୟ ଗଡ଼ାଇ ଚାଲନ୍ତି। ହେଲେ ଜାପାନରେ ଏମିତି ଏକ କାଫେ ଅଛି, ଯାହାକି ଲୋକଙ୍କର ଏହି ଅଭ୍ୟାସରେ ସୁଧାର ଆଣିବାରେ ସଫଳ ହୋଇଛି କହିଲେ ଭୁଲ୍ ହେବ ନାହିଁ। କୋଏନଜିକିଟା ଅଞ୍ଚଳରେ ଥିବା ଏହି କାଫେର ନାଁ ହେଉଛି ମାନୁସ୍କ୍ରିପ୍ଟ ରାଇଟିଂ କାଫେ। କାଫେର ନିୟମ ଅନୁଯାୟୀ, ଥରେ ଏହା ଭିତରକୁ



ପ୍ରବେଶ କଲେ କାମ ନ ସାରି ସେଠାରୁ ବାହାରିବା ମନା। ତେବେ ଜଣେ ଟ୍ରାଭେଲ ବ୍ଲଗର୍ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ଏହା ସମସ୍ତଙ୍କ ନଜରକୁ ଆସିଛି। ସମୟରେ କାମ ସାରି ପାରୁ ନ ଥିବା ଲୋକଙ୍କ ପାଇଁ ଏହି କାଫେ ଉଦ୍ଦିଷ୍ଟ ବୋଲି କୁହାଯାଉଛି। କାଫେ ଭିତରକୁ ପ୍ରବେଶ କରିବା ମାତ୍ରେ ଗୋଟିଏ କାଗଜରେ ନିଜ ନାଁ, କେଉଁ କାମ କରିବା ଲକ୍ଷ୍ୟ ରଖିଛନ୍ତି ଏବଂ କାମକୁ ପୂରା କରିବାର ସମୟ ଅବଧି ବିଷୟରେ ଲେଖିବାକୁ ହେବ। ସବୁଠୁ ବଡ଼ କଥା ହେଲା, କାମ ନ ସରିବା ପର୍ଯ୍ୟନ୍ତ କାଫେର କର୍ମଚାରୀ ଲୋକଙ୍କୁ ବାହାରକୁ ଛାଡ଼ନ୍ତି ନାହିଁ। ଏହି କାଫେରେ କେବଳ ୧୦ଟି ସିଟ୍ ଅଛି। ଏହା କେବଳ ଲେଖକ, ଏଡିଟର ଏବଂ କଳାକାରମାନଙ୍କ ପାଇଁ ହିଁ ଉଦ୍ଦିଷ୍ଟ। ସେହିପରି ଏଠାରେ ଜଣେ ସୁରୁଖୁରୁରେ କାମ କରିବା ପାଇଁ କାଫେ ପକ୍ଷରୁ ହାଇସ୍ପିଡ ୱାଇଫାଇ ସହ ଚାର୍ଜିଂ ପଏଣ୍ଟର ସୁବିଧା ବି ରହିଛି। କାଫେର ଅନ୍ୟତମ ବିଶେଷତ୍ୱ ହେଉଛି, ଏଠାରେ ଚା' ଓ କଫି ସମ୍ପୂର୍ଣ୍ଣ ମାଗଣା। ସେହିପରି କାମ କେତେ ବାଟ ଆଗକୁ ଗଲା କି ନାହିଁ, କାଫେର କର୍ମଚାରୀ ନଜର ରଖନ୍ତି। ତା'ସହ କାମରୁ ଧ୍ୟାନ ବିଚ୍ୟୁତ ହେଲେ ସେମାନେ କାମ କରିବା ଲାଗି ପ୍ରୋତ୍ସାହିତ କରନ୍ତି। ଅନ୍ୟପଟେ କରୋନାରେ ୱାର୍କ ଫର୍ମ ହୋମ୍ ଆରମ୍ଭ ହେବାରୁ ଏହି କାଫେର ଆରମ୍ଭ ହୋଇଥିଲା। କାରଣ ଘରେ ଲୋକେ କାମ କରିବା ବେଳେ ସେତେ ବେଶି ଧ୍ୟାନ କେନ୍ଦ୍ରିତ କରିପାରନ୍ତି ନାହିଁ। ଏଣୁ କାଫେ ମାଲିକ ଏମିତି ଏକ ସ୍ଥାନ ତିଆରି କଲେ, ଯେଉଁଠି କାମ ସାରିବାର ସମୟ ସୀମା ନିର୍ଦ୍ଧାରଣ କରାଗଲା। ଅବଶ୍ୟ କାମ ଏଠାରେ ଶେଷ ହେବା ପରେ ଗ୍ରାହକଙ୍କୁ ଏକ ଷ୍ଟିକର ମିଳେ ଏବଂ ଏହା କାମରୁ ମୁକ୍ତ ହେବା କଥାକୁ ସୂଚାଏ। ଅନ୍ୟପଟେ ଗ୍ରାହକଙ୍କୁ ଏଠାରେ ବସିବା ଲାଗି ଘଣ୍ଟା ପ୍ରତି ୨୫୦ ଟଙ୍କା ଦେବାକୁ ପଡ଼ିଥାଏ। ଲୋକେ କାଫେର ଏହି ନିୟମକୁ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

## ରାତିରେ ଲାଇଟ୍ ଜଳାଇ ଶୋଇବା କ୍ଷତିକାରକ



ଅନେକ ଲୋକ ରାତିରେ ଶୋଇବା ପୂର୍ବରୁ ଲାଇଟ୍ ବନ୍ଦ କରିକି ଶୁଅନ୍ତି। ଆଉ କେତେ ଜଣ ଅନ୍ଧାରକୁ ଡରି ରାତିରେ ଲାଇଟ୍ ଜଳାଇ ଶୁଅନ୍ତି। ତେବେ ହାଭାର୍ଡ ବିଶ୍ୱବିଦ୍ୟାଳୟର ଏକ ଗବେଷଣାରେ ରାତିରେ ଲାଇଟ୍ ଜଳାଇ ଶୋଇବା ଆଦୌ ଭଲ ନୁହେଁ ବୋଲି କୁହାଯାଇଛି। ବିଶ୍ୱବିଦ୍ୟାଳୟର ଗବେଷକମାନେ ଲୋକଙ୍କ ଶୋଇବା ଉପରେ ଏକ ଗବେଷଣା କରିଥିଲେ। ଏହି ଗବେଷଣାରୁ ସାମ୍ନାକୁ ଆସିଲା ଯେ, ରାତିରେ ଶୋଇବା ବେଳେ କୃତ୍ରିମ ଆଲୋକ ଆଖି ଉପରେ ପଡ଼ିଲେ ଏହାଦ୍ୱାରା ହୃଦୟ ଓ ମସ୍ତିଷ୍କ ପ୍ରଭାବିତ ହୋଇଥାଏ। ଗବେଷଣାରେ ଦେଖା ଯାଇଛି ଯେ, ଶୋଇବା ବେଳେ ଅଳ୍ପ ଆଲୋକ ଯଦି ଆଖି ଉପରେ ପଡ଼େ, ମସ୍ତିଷ୍କ ସକ୍ରିୟ ହୋଇ ଉଠେ। ଏଥିଯୋଗୁଁ ଧମନୀରେ ରକ୍ତ ସଞ୍ଚାର ଦ୍ରୁତ ଗତିରେ ହୁଏ। ତେବେ ରକ୍ତ ପ୍ରବାହ ଦ୍ରୁତ ଗତିରେ ହେଲେ ଏହା ହୃଦୟ ଉପରେ ପ୍ରଭାବ ପକାଏ। ତେଣୁ ରାତିରେ ଲାଇଟ୍ ଲଗାଇ ଶୋଇବା ଉଭୟ ହୃଦୟ ଏବଂ ମସ୍ତିଷ୍କ ପାଇଁ କ୍ଷତିକାରକ। ରାତିରେ ଲାଇଟ୍ ଜଳାଇବା ଦ୍ୱାରା ଏହାର ପ୍ରଭାବ ପୂରା ଶରୀର ଉପରେ ପଡ଼େ। ଅନ୍ୟପଟେ ଲାଇଟ୍ ଲଗାଇ ରାତିରେ ଶୋଇବା ଅଭ୍ୟାସରେ ପରିବର୍ତ୍ତନ ଆଣିବାକୁ ଗବେଷକମାନେ ପରାମର୍ଶ ଦେଇଛନ୍ତି।

## ଜାନୁଆରୀ ୧୬ରେ 'ହ୍ୟାପି ପଟେଲ'

ବଲିଉଡ୍‌ର ମିଷ୍ଟର ପରେଫକ୍ଟନିଷ୍ଟ ଅମିର୍ ଖାନ୍‌ଙ୍କ ପ୍ରଯୋଜିତ ଗୁଇନ୍ଦାଭିତ୍ତିକ ଫିଲ୍ମ 'ହ୍ୟାପି ପଟେଲ :ଖତରନାକ ଜାସୁସ୍'ର ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଜଣାଶୁଣା ଷ୍ଟାଣ୍ଡଅପ୍ କମେଡିଆନ୍ ବୀର ଦାସ ଏହି ଫିଲ୍ମ ମାଧ୍ୟମରେ ତାଙ୍କ ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିଛନ୍ତି। ମୋନା ସିଂହ ଓ ବୀର ଦାସ ଏଥିରେ ଲିଡ୍ ରୋଲରେ ନଜର ଆସିବେ। ଫିଲ୍ମର ଟାଇଟଲ୍ ଭଳି ଏହାର ଆନାଉନ୍ସମେଣ୍ଟ ଭିଡିଓ ବି ବେଶ୍ ଆକର୍ଷଣୀୟ ହୋଇଛି। ଭିଡିଓରେ ଅମିର୍ ବୀର୍‌ଙ୍କୁ ଫିଲ୍ମରେ ଆକ୍ସନ୍, ସ୍ପାଇ କାହିଁ ବୋଲି ପ୍ରଶ୍ନ କରିବା ସହ ଏହା ଏକ ଫ୍ଲପ୍ ଫିଲ୍ମ ହେବ ବୋଲି କହି ପିଟିଛନ୍ତି। ଏହି ସମୟରେ ସେଠାରେ ଦର୍ଶକ ପହଞ୍ଚି ଫିଲ୍ମର ପ୍ରଶଂସା କରିଛନ୍ତି। ଏହାପରେ ଅମିର୍‌ଙ୍କ ସ୍ୱର ବଦଳି ଯାଉଛି, ସେ ଦର୍ଶକଙ୍କ ହଁରେ ହଁ ମିଶାଇଛନ୍ତି। ବୀର ଓ ଅମିର୍‌ଙ୍କ ଏହି ପ୍ରମୋସନାଲ ଭିଡିଓ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଏହି ଫିଲ୍ମ ଆସନ୍ତା ଜାନୁଆରୀ ୧୬ରେ ପରଦାକୁ ଆସିବ। ଏଠାରେ ପ୍ରକାଶ ଥାଉ କି, ଅମିର୍‌ଙ୍କ ପ୍ରଡକ୍ସନ୍ ହାଉସ୍ ବେଶ୍ ଦମ୍‌ଦାର୍ କାହାଣୀ ପରଦାକୁ ଆଣିଥାଏ। 'ଲଗାନ୍', 'ତାରେ ଜମିନ୍ ପର', 'ଦଙ୍ଗଲ' ଓ 'ସିକ୍ରେଟ୍ ସୁପରଷ୍ଟାର୍' ପରେ ଅମିର୍‌ଙ୍କ ପ୍ରଡକ୍ସନ କମ୍ପାନି ଦର୍ଶକଙ୍କୁ 'ହ୍ୟାପି ପଟେଲ' ମାଧ୍ୟମରେ ଏକ ନୂଆ ଅନୁଭୂତି ଦେବାକୁ ଯାଉଛି। 'ଦିଲ୍ଲୀ ବେଲି' ପରେ ବୀର ଓ ଅମିର୍ ପୁଣି ଥରେ ଏକାଠି କାମ କରୁଛନ୍ତି।



## ବହି ଆମର ସାଥୀ





ସୁଜିତ କୁମାର ମିଶ୍ର

ସକଳ ଜ୍ଞାନ ଅର୍ଜନ ପାଇଁ
ବହି ଆମର ସାଥୀ,
ରଖିବା ତାକୁ ସାଇତି ଆମେ
ଅତି ଆଦରେ ନିତି ।
ସବୁ ସପନ ସଫଳ ହୁଏ
ଥିଲେ ପାଖରେ ବହି,
ମନ ଭିତର ବହୁ ପ୍ରଶ୍ନର
ଉତ୍ତର ଦିଏ କହି ।
ବହି ପଢ଼ିକି କଲାମ୍ ହେଲେ
ସଂସାରେ ବୈଜ୍ଞାନିକ,
ଚମକିଲେ ସେ ସାରା ବିଶ୍ୱରେ
ହୋଇଲେ ବଡ଼ଲୋକ ।
ଜଗାଏ ବହି ଆତ୍ମବିଶ୍ୱାସ
ସନ୍ଦେହ କରି ଦୂର,
ସଫଳକାମୀ ମଣିଷ ଗଢ଼େ
ଶ୍ରଦ୍ଧାରେ ନିରନ୍ତର ।
ବହିଟି ପରା ଜଣା ଅଜଣା
ନୀତିଶିକ୍ଷାରେ ଭରା,
ଆମ ଜୀବନ ଚଲାପଥରେ
ସିଏ ଆଲୋକ ଧାରା ।
ଦୁଃଖ ବେଳାରେ ଥାଏ ସେ ପାଶେ
ଆପଣା ଲୋକ ହୋଇ,
ପଢ଼ିଲେ ପିଲେ ସୁଖର ହସ
ପରାଣୁ ଝରୁଥାଇ ।
ନ ଥିଲେ କେହି ପାଖରେ କେବେ
ବହିଟି ଆଶାବାଡ଼ି,
ତା' ପାଇଁ ସିନା ଆମ ଜୀବନ
ଆଗକୁ ଯାଏ ମାଡ଼ି ।■


ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ- ୭୬୮୩୮୬୭୭୪୨


## ଶୀତ ଆଗମନେ



ଚିତ୍ତରଞ୍ଜନ ମହାନ୍ତି

ଶୀତ ଆସେ ପାଦ ଥାପି
ପୌଷ,ମାଘ ମାସ ଦୁଇ
ଶୀତକୁ ଯାଉନା ଡରି
ବୋଉ କୋଳ ଭରସି ।।
ଶୀତ ଆସେ ମଠେଇ
ମାଘ ଧରେ ଜଡ଼େଇ
ବୋଉ ଖୋଜେ ରେଜେଇ
ଶୀତ ଖେଳେ ଲୁଚକାଳି ।।
ସବୁରି ପ୍ରିୟ ଶୀତ
ରେଜେଇ କମ୍ବଳ ଖୋଜ
ଘୋଡ଼େଇ ଦେଲେ ଦେହ
ଶୀତ ସାଥେ ହୁଏ ମିତ ।।
ଥିଲେ ବି ଶୀତର ଜାଡ଼
ଏଦୁନିଆ ଦିଏ ଶ୍ରେୟଷ
ଚାଷୀଭାଇ ଓଠେ ହସ
ଦେଖି ତା'ର ସୁନା କ୍ଷେତ ।।
ଶୀତରେ ପରବ ସକଳ
ପିଠାପଣାର ମହକ !
ତରୁ ଲତା ଫୁଲ ଫଳ
ପନି ପରିବା ସବୁଜ ।।
ଶୀତ ଏମିତିକା ଋତୁ
ଥକୁନା କାମ କରିଯାଉ
ପ୍ରକୃତି ଶୋଭା ଅପରୂପା
ବଢେ ଜିଇଁବାର ଆଶା ।।
ଶୀତ ଲୋଡ଼େ ଉଷ୍ମତା
ଗ୍ରୀଷ୍ମ ଲୋଡ଼େ ଶୀତଳତା
ଇଚ୍ଛାମତେ ସବୁ ମିଳେନା
ସବୁ ଈଶ୍ୱରଙ୍କ ରଚନା ।।■




ତଗିରା,ରାଣୀତାଲ, ଭଦ୍ରକ
ମୋ – ୯୪୩୮୬୭୦୧୫୦


## ପ୍ରହେଳିକା

- କେବେ କେବେ ଶୀତଦିନ ସକାଳେ
ସୂରୁଜ ନ ଦିଶେ ଆକାଶ କୋଳେ
ଅନ୍ଧାରୁଆ ଲାଗେ ବାଟ ଓ ଘାଟ
ଦେହକୁ ଲାଗଇ ଶୀତ ବହୁତ
ବୁନ୍ଦା ବୁନ୍ଦା ପାଣି ଝରି ପଡ଼ଇ
ବର୍ଷା ନୁହେଁ ସିଏ ଦେହକୁ ଭିଜାଏ
ପାରିବକି ତା'ର ନାମଟି କହି।

ଉତ୍ତର-କୁହୁଡ଼ି

- ଗରମ ପୋଷାକ ଅଟଇ ସିଏ
ଶୀତଦିନ ହେଲେ ସେ ଦେଖା ଦିଏ
ପିନ୍ଧିଲେ ଲାଗଇ ଭାରି ସୁନ୍ଦର
ତା'ପାଇଁ ନଥାଏ ଶୀତକୁ ଡର
ନାନା ରଙ୍ଗେ ମିଳେ ସିଏ
ପିଲାଠାରୁ ବୁଢ଼ା ସଭିଏଁ ପିନ୍ଧନ୍ତି
କୁହ ତା'ର ନାମ କିଏ।

ଉତ୍ତର-ସୁଇଟର୍

- ହେମାଳ ପବନ ଯେବେ ବହଇ
ମୁଣ୍ଡରେ ପିନ୍ଧନ୍ତି ଭଉଣୀ ଭାଇ
ମୁଣ୍ଡ କାନକୁ ସେ ଦିଏ ଘୋଡ଼େଇ
ଶୀତର କୋପକୁ ଦିଏ ଦୂରେଇ
କୋମଳ ଦରବଟିଏ
ଶୀତ କୁହୁଡ଼ିରୁ ରକ୍ଷା କରେ ସିଏ
କୁହ ତା'ର ନାମ କିଏ।

ଉତ୍ତର-ଶୀତ ଟୋପି


ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬


## ସୁମନ

### ଗୁରୁଙ୍କର ପରୀକ୍ଷା



ରମେଶ ଚନ୍ଦ୍ର ଦାଶ



ଭାଲୁର ବିଦ୍ୟାଳୟରେ ବିଲୁଆ, ଗୋଧି, ନେଉଳ, ଗଧ, ଅଜଗର ପ୍ରଭୃତି ପ୍ରାଣୀମାନେ ଛାତ୍ର ଥିଲେ। ସେ ବୁଢ଼ା ହୋଇଯିବାରୁ ଆଉ ପୂର୍ବଭଳି ପଢ଼ାଇ ପାରିଲା ନାହିଁ। ସେ ଅବସର ନେଇ ଘରେ ରହିଲା। ଦିନେ ସେ ଭାବିଲା- ମୁଁ ଏତେ ଛାତ୍ରଙ୍କୁ ପାଠ ପଢ଼ାଇଛି। ମୁଁ ସେମାନଙ୍କୁ କହି ମୋ ପାଇଁ ଗୋଟିଏ ଭଲ ଘରଟିଏ ତିଆରି କରାଇବି। ତେଣୁ ସେ ବିଲୁଆ, ଗୋଧି ଓ ନେଉଳଙ୍କୁ ଡାକି ତାର ମନକଥା କହିଲା। ସେମାନେ କହିଲେ-" ଏହା ଆମ ପାଇଁ ସାମାନ୍ୟ କଥା। ଆମେ ନିଶ୍ଚିତ ଭାବରେ ଖୁବ୍ ଶୀଘ୍ର ଆପଣଙ୍କ ରହିବା ପାଇଁ ଏମିତି ଘରଟିଏ ତିଆରି କରିଦେବୁ ଯେ ଯେମିତି ଅନ୍ୟମାନେ ଦେଖିଲେ ଆଶ୍ଚର୍ଯ୍ୟ ହୋଇଯିବେ।" ସେମାନଙ୍କ କଥାରେ ଭାଲୁର ମନ ଭାରି ଖୁସି ହୋଇଗଲା। ସେ ନୂଆଘରେ କେମିତି ରହିବ ସେହିକଥା ସଦାବେଳେ ଭାବିବାରେ ଲାଗିଲା। ପନ୍ଦରଦିନ ମଧ୍ୟରେ ଘର ତିଆରି କରିଦେବେ ବୋଲି ସ୍ଥିର ହେଲା। ତାପରେ ଯେ ଯେଉଁଆଡ଼େ ଚାଲିଗଲେ। ପନ୍ଦର ଦିନ ପୂରିଗଲା। ଘରକାମ ଆରମ୍ଭ ହେଲା ନାହିଁ। ଭାଲୁ ପଚାରିବାରୁ ବିଲୁଆ କହିଲା, "ଆପଣଙ୍କ ପାଇଁ ଯେତେବେଳେ ଘର ହେବ ତାହା ଗୋଟିଏ ଭଲଦିନ ଦେଖି ଆରମ୍ଭ କରାଯିବ। ଆମେ ସେହି ଭଲ ଦିନ ଅପେକ୍ଷାରେ ଅଛୁ।" ପୁଣି କିଛି ଦିନ ଗଲା। ଭାଲୁ ଗୋଧି ଦୁଆରେ ପହଞ୍ଚି ଘରକଥା ପଚାରିବାରୁ ସେ କହିଲା, "ବ୍ୟସ୍ତ ହୁଅନ୍ତୁ ନାହିଁ। ଆପଣଙ୍କର ଯଦି ବର୍ତ୍ତମାନ ରହିବାରେ ଅସୁବିଧା ହେଉଛି ତେବେ ଆମ ଘରେ ରହିପାରନ୍ତି। କିଛି ଅସୁବିଧା ନାହିଁ। ଆମେ ଖୁବ୍ ଶୀଘ୍ର ଆପଣଙ୍କ ଘର ତିଆରି ଆରମ୍ଭ କରୁଛୁ।" ସେ ଆଉ ନେଉଳ ପାଖକୁ ଗଲା ନାହିଁ। ନେଉଳ ବି ସେହିଭଳି କିଛି କହିବ ବୋଲି ଭାଲୁ ମନେକଲା।

କିନ୍ତୁ ନେଉଳ ଅନ୍ୟ କେତେକ ପ୍ରାଣୀଙ୍କୁ ନେଇ ଭାଲୁ ପାଇଁ ଘରଟିଏ ତିଆରି କରି ଦିନେ ଭାଲୁ ଦୁଆରେ ପହଞ୍ଚି ତାକୁ ଡାକିଲା। ଭାଲୁ ଏସବୁ ବାବଦରେ କିଛି ଜାଣି ନ ଥାଏ। ସେ ଯେତେବେଳେ ଶୁଣିଲା ଯେ ନେଉଳ ଏକାକୀ ତା' ପାଇଁ ଘର ତିଆରି କରିଛି ସେ କହିଲା, "ମୁଁ ରହିବା ପାଇଁ ଘର ଚାହୁଁନଥିଲି। ପ୍ରକୃତରେ ତୁମେମାନେ ମୋଠାରୁ କେତେ କର୍ତ୍ତବ୍ୟବୋଧ ଓ ଦାୟିତ୍ୱବୋଧ ଶିକ୍ଷା କରିଛ, ତାହା ଜାଣିବା ପାଇଁ ଏପରି କହିଥିଲି।" ଭାଲୁ ନେଉଳକୁ ଆଶୀର୍ବାଦ ଦେଇ କହିଲା, "ଯେଉଁମାନେ ନିଜ କଥା ଅନୁସାରେ କାମ କରନ୍ତି; ସେମାନେ ଦୁନିଆରେ କୌଣସି ପରିସ୍ଥିତିରେ ହାରନ୍ତି ନାହିଁ। ଯେଉଁମାନେ ଏପରି ନ କରି ଠକିବାର ବାହାନା କରନ୍ତି ସେମାନେ ନିଜକୁ ନିଜେ ଠକି ହୋଇଥାନ୍ତି।" ■



ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ
ମୋ - ୯୭୭୬୨୩୮୫୨୨


## ଛୋଟ ହାତର ଛବି





ଇଭାଂଶୀ ମିଶ୍ର
ଦ୍ୱିତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ପ୍ରଶଂସା ତ୍ରିପାଠୀ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ଉତ୍ତରବାଡ଼
ଭଣ୍ଡାରିପୋଖରୀ





କୀର୍ତ୍ତି କ୍ରିଷ୍ଣା ରାଉତ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡ଼ା, ପୁରୀ





ସିଦ୍ଧ ମନୀଷ ସାହୁ
ପଞ୍ଚମ ଶ୍ରେଣୀ
ଗାଇଡାନ୍ସ ଇଂଲିଶ୍ ମିଡିୟମ୍ ସ୍କୁଲ
ଡୁମୁଡୁମା, ଭୁବନେଶ୍ୱର

## ଭାରତ-ଦକ୍ଷିଣ ଆଫ୍ରିକା ଶେଷ ଦିନିକିଆ ଆଜି


# ଟସ୍ ଓ କୁହୁଡ଼ି ହେବ ନିର୍ଣ୍ଣାୟକ

ବିଶାଖାପାଟଣା, ୫।୧୨(ଏଜେନ୍ସି)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି। ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୧୭ ରନ୍‌ରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୪ ୱିକେଟରେ ବିଜୟୀ ହେବା ଫଳରେ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ଏଠାରେ ଆସନ୍ତାକାଲି ସିରିଜ୍‌ର ତୃତୀୟ ତଥା ନିର୍ଣ୍ଣାୟକ ମୁକାବିଲା ହେବ। ଏଥିରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ୨-୧ ବ୍ୟବଧାନରେ ସିରିଜ୍ କବ୍‌ଜା କରିବ। ଏହା ପୂର୍ବରୁ ଖେଳାଯାଇଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଦକ୍ଷିଣ ଆଫ୍ରିକା ୨-୦ରେ କ୍ଲିନ୍ ସୁଇପ୍ କରିଥିଲା। ଏଣୁ ଏଠାରେ ଶେଷ ଦିନିକିଆରେ ବିଜୟୀ ହୋଇ ଭାରତ କ୍ରମାଗତ ଦୁଇଟି ସିରିଜ୍ ପରାଜୟ ଏଡ଼ାଇବାକୁ ସମସ୍ତ ପ୍ରକାର ଉଦ୍ୟମ କରିବ। ଏହି ମ୍ୟାଚ୍‌ରେ ଟସ୍ ଓ କୁହୁଡ଼ି ଯେ ମ୍ୟାଚ୍‌ରେ ଶେଷ ମୁକାବିଲାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ଏଥିରେ ସନ୍ଦେହ ନାହିଁ।

ରାୟପୁରରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ପ୍ରଥମେ ବ୍ୟାଟିଂ କରି ଭାରତ ୩୫୮ ରନ୍ କରିଥିଲେ ମଧ୍ୟ ଏହି ମୁକାବିଲାକୁ ହାରିଯାଇଥିଲା। ଭ୍ରମଣକାରୀ ଦଳର ବ୍ୟାଟିଂ ଲାଇନ୍ ଏତେ ଶକ୍ତିଶାଳୀ ଯେ, କ୍ୱାଲିଟୀ ବୋଲିଂ ନ ହେଲେ ଯେତେବଡ଼ ଟାର୍ଗେଟ୍‌କୁ ହାସଲ କରିବାର ଦକ୍ଷତା ରଖିଛି। ଫ୍ଲାଟ ପିଚ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇବା ଭାରତ ଲାଗି କଷ୍ଟକର। ଘରୋଇ ମାଟିରେ ସ୍ପିନରଙ୍କୁ ଖେଳିବା





ଭ୍ରମଣକାରୀ ଦଳ ଲାଗି ସହଜ ହୋଇଯାଇଛି। ଜାଡେଜା, ସୁନ୍ଦର ଓ କୁଲଦୀପଙ୍କୁ ନେଇ ଗଠିତ ଭାରତର ସ୍ପିନ୍ ବାହିନୀ ଆଦୌ ବିପଦ ସୃଷ୍ଟି କରୁନାହିଁ। ଏଣୁ ଭାରତ ବ୍ୟାଟିଂ ଉପରେ ନିର୍ଭର କରୁଛି। ଦଳ ଦିନିକିଆ ମ୍ୟାଚ୍‌ରେ କ୍ରମାଗତ ୧୯ଟି ଟସ୍ ହାରିଛି। ଭାରତରେ ଏବେ ପ୍ରବଳ କୁହୁଡ଼ି ପଡ଼ୁଛି।

ପଛରେ ବୋଲିଂ ଓ ଫିଲ୍ଡିଂ କରିବା କଷ୍ଟକର ହେଉଛି। ଏଣୁ ଆସନ୍ତାକାଲି ମ୍ୟାଚ୍‌ରେ ଯେଉଁ ଦଳ ଟସ୍ ଜିତିବ, ସେହିଦଳ ନିଶ୍ଚିତ ଭାବେ ପ୍ରତିପକ୍ଷ ଦଳକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିବ। କ୍ରମାଗତ ୨୦ତମ ମୁକାବିଲାରେ ଭାରତ ଯଦି ଟସ୍ ନ ଜିତେ ତେବେ ଏହି ସିରିଜ୍ ଜିତିବା ଦଳ ଲାଗି ସ୍ୱପ୍ନ ହୋଇ ରହିଯିବ। ଅନ୍ୟ ପକ୍ଷରେ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳୁଥିବାବେଳେ ଦକ୍ଷିଣ ଆଫ୍ରିକାର ଦୁଇଜଣ ଖେଳାଳି ତଥା ଫାଷ୍ଟ ବୋଲର ନାନ୍ଦ୍ରେ ବର୍ଗର ଓ ବ୍ୟାଟର ଟୋନି ଡି ଜୋର୍ଜିଙ୍କ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରୀ ହୋଇଛି। ଏମାନେ ଫିଟ୍ ହେବେ ବୋଲି ଆଶା କମ୍। ବର୍ଗରଙ୍କ ସ୍ଥାନରେ ଓଟନେଲ ବାର୍ଟମ୍ୟାନ୍ ଓ ଡି ଜୋର୍ଜିଙ୍କ ସ୍ଥାନରେ ରିୟାନ ରିକେଲଟନଙ୍କ ଖେଳିବା ସମ୍ଭାବନା ରହିଛି।

**ଖେଳ ଆରମ୍ଭ : ଦିନ ୧ଟା ୩୦**

**ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

**ସମ୍ଭାବ୍ୟ ଖେଳାଳି ଦଳ**

**ଭାରତ**: ଜୟସ୍ୱାଲ, ରୋହିତ, କୋହଲି, ଗାଏକ୍ୱାଡ୍, ରାହୁଲ (ଅଧିନାୟକ), ସୁନ୍ଦର, ଜାଡେଜା, ରାଣା, କୁଲଦୀପ, ଅର୍ଶଦୀପ ଓ ପ୍ରସିଦ୍ଧ କ୍ରିଷ୍ଣା। ବେଞ୍ଚ୍- ପନ୍ତ, ଜୁରେଲ, ରେଡ୍ଡୀ ଓ ବର୍ମା।

**ଦକ୍ଷିଣ ଆଫ୍ରିକା**: ମାରକ୍ରମ, ଡି କକ, ରିକେଲଟନ, ବଭୁମା (ଅଧିନାୟକ), ବ୍ରିଜ୍‌କେ, ବ୍ରେଭିସ୍, ଜାନ୍‌ସେନ, ବୋଶ୍, ମହାରାଜ, ଏନ୍‌ଗିଡି, ବାର୍ଟମ୍ୟାନ୍। ବେଞ୍ଚ୍- ହର୍ମନ, ଡି ଜୋର୍ଜି, ବର୍ଗର, ଏନ୍‌ଗିଡି, ସୁବ୍ରାୟେନ୍।

## ● ଏଫ୍‌ଆଇଏଚ୍ ଜୁନିଅର ହକି ବିଶ୍ୱକପ୍

# ସେମିରେ ଭାରତ-ବେଲଜିୟମ୍

ଚେନ୍ନଇ, ୫।୧୨(ଏଜେନ୍ସି): ଭାରତ ଓ ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ମଧ୍ୟରେ ଏଫ୍‌ଆଇଏଚ୍ ପୁରୁଷ ଜୁନିଅର ହକି ବିଶ୍ୱକପ୍‌ର ସେମିଫାଇନାଲ ମୁକାବିଲା ଡିସେମ୍ବର ୭ରେ ଖେଳାଯିବ। ଏହି ଦିନ ଅନ୍ୟ ଏକ ସେମିରେ ସ୍ପେନ୍ ସହ ଆର୍ଜେଣ୍ଟିନା ଖେଳିବ। ସ୍ଥାନୀୟ ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମ୍‌ରେ ଶୁକ୍ରବାର ଖେଳାଯାଇଥିବା ଉତ୍କଣ୍ଠାପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ଭାରତ ୪-୩ ପେନାଲ୍ଟି ସୁଟ୍‌ଆଉଟରେ ଶକ୍ତିଶାଳୀ ବେଲଜିୟମକୁ ପରାସ୍ତ କରିଥିଲା। ଉଭୟ ଦଳ ନିର୍ଦ୍ଧାରିତ ସମୟରେ ୨-୨ ଓ ପେନାଲ୍ଟି ସୁଟ୍‌ଆଉଟରେ ପ୍ରଥମ ୩ଟିରେ ଗୋଲ ସ୍କୋର କରିଥିଲେ। ଉଭୟ ଦଳର ଚତୁର୍ଥ ସଟ୍‌କୁ ଗୋଲକିପର ଅଟକାଇଦେଇଥିଲେ। ପଞ୍ଚମ ସଟ୍‌କୁ ମଧ୍ୟ ଭାରତୀୟ ଗୋଲରକ୍ଷକ ବିକ୍ରମଜିତ ସିଂ ଅଟକାଇ ଭାରତକୁ ଜିତିବା ଆଶା ଦେଇଥିଲେ। ପଞ୍ଚମ ସଟ୍ ମାରିଥିବା ଅଙ୍କିତ ପାଲ କାହାରିକୁ ନିରାଶ ନ କରି ଏହାକୁ ଗୋଲରେ ପରିଣତ କରିବା ସହ ଭାରତୀୟ ଶିବିରରେ ଆନନ୍ଦ ଖେଳାଇ ଦେଇଥିଲେ। ନିର୍ଦ୍ଧାରିତ ସମୟରେ ଶାରଦାନନ୍ଦ ତିୱାରୀ ଓ ଅଧିନାୟକ ରୋହିତ ଗୋଲ ଦେଇଥିଲେ। ଅନ୍ୟ କ୍ୱାର୍ଟର ଫାଇନାଲରେ ଜର୍ମାନୀ ୩-୧ ପେନାଲ୍ଟିରେ ଫ୍ରାନ୍ସକୁ, ସ୍ପେନ୍ ୪-୩ରେ ନ୍ୟୁଜିଲାଣ୍ଡକୁ ଓ ଆର୍ଜେଣ୍ଟିନା ୧-୦ ଗୋଲରେ ନେଦରଲାଣ୍ଡକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। **ମହିଳା ଦଳର ବୃହତ୍ ବିଜୟ**: ସାଣ୍ଟିଆଗୋଠାରେ ଚାଲିଥିବା ଏଫ୍‌ଆଇଏଚ୍ ମହିଳା ଜୁନିଅର ହକି ବିଶ୍ୱକପ୍‌ରେ ଆଜି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୪-୦ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରି ଗ୍ରୁପ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ଗ୍ରୁପ୍‌ରେ ଜର୍ମାନୀ ହ୍ୟାଟ୍ରିକ ବିଜୟ ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

## ● ଇନ୍ଦୋରରେ ହୋଟେଲ ଅଭାବ

# ଏସ୍‌ଏମ୍‌ଏଟି ନକ୍‌ଆଉଟ୍ ପୁଣେକୁ ସ୍ଥାନାନ୍ତରିତ

ମୁମ୍ବଇ, ୫।୧୨(ଏଜେନ୍ସି): ଖେଳାଳିଙ୍କ ରହିବା ଲାଗି ଇନ୍ଦୋରରେ ଥିବା ହୋଟେଲ ଗୁଡିକରେ ରୁମ୍‌ର ଅଭାବ ଯୋଗୁଁ ଡିସେମ୍ବର ୧୨ରୁ ୧୮ ଯାଏ ଏଠାରେ ଖେଳାଯିବାକୁ ଥିବା ସୟଦ ମୁସ୍ତାକ ଅଲି ଟି-୨୦ (ଏସ୍‌ଏମ୍‌ଏଟି) ନକ୍ ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ପୁଣେ ସ୍ଥାନାନ୍ତରିତ କରାଯାଇଛି। ନକ୍‌ଆଉଟରେ ୮ଟି ଦଳର କିଛି ସୁପରଷ୍ଟାରଙ୍କ ସମେତ ଶ୍ରେଷ୍ଠ ଖେଳାଳି ଅଂଶଗ୍ରହଣ କରିବେ। ଏହି ସମୟରେ ଅର୍ଥାତ୍ ଡିସେମ୍ବର ୯ରୁ ୧୨ ତାରିଖ ଯାଏ ଡାକ୍ତରମାନଙ୍କର ଏକ ବିଶ୍ୱ ସମ୍ମିଳନୀ ଆୟୋଜିତ ହେଉଥିବାରୁ ହୋଟେଲ ରୁମ୍ ଆଗୁଆ ବୁକ୍ ହୋଇଯାଇଛି।


## ବାରବାଟୀରେ ଟିକଟ କିଣିବା ପାଇଁ ସଂଘର୍ଷ











# ଭୁବନେଶ୍ୱରରେ ପହଞ୍ଚିଲେ ଦକ୍ଷିଣ ଆଫ୍ରିକା ଟି-୨୦ ଖେଳାଳି

ଭୁବନେଶ୍ୱର, ୫।୧୨(ସମିସ): କଟକର ବାରବାଟୀ ଷ୍ଟାଡିୟମ୍‌ରେ ଭାରତ ସହ ପ୍ରଥମ ଟି-୨୦ ମ୍ୟାଚ୍ ଖେଳିବାକୁ ଦକ୍ଷିଣ ଆଫ୍ରିକାର ୫ଜଣ ଖେଳାଳି ଏଠାରେ ଆଜି ଆସି ପହଞ୍ଚିଛନ୍ତି। ଏହି ଖେଳାଳିମାନେ ହେଲେ ଓପନର ରୀଜା ହେଣ୍ଡ୍ରିକ୍ସ, ୱିକେଟକିପର ଡୋନୋଭାନ ଫେରେରା, ଅଲରାଉଣ୍ଡର ଡେଭିଡ୍ ମିଲର, ସ୍ପିନର ଜର୍ଜ ଲିଣ୍ଡେ ଓ ଫାଷ୍ଟ ବୋଲର କ୍ୱେନା ମାଫକା। ଏମାନେ ଏଠାରେ ହୋଟେଲରେ ରହିବେ। ଡିସେମ୍ବର ୭ରେ ଦକ୍ଷିଣ ଆଫ୍ରିକା ଦଳର ଅବଶିଷ୍ଟ ଖେଳାଳି ଭୁବନେଶ୍ୱରରେ ପହଞ୍ଚିବେ। ଆଇଡେନ୍ ମାରକ୍ରମଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଏହି ଟି-୨୦ ସିରିଜ୍ ଖେଳିବ। ଆସନ୍ତାକାଲି ଭାରତୀୟ ଖେଳାଳି ସୂର୍ଯ୍ୟକୁମାର ଯାଦବ, ଯଶପ୍ରୀତ୍ ବୁମ୍‌ରା, ହାର୍ଦ୍ଦିକ ପାଣ୍ଡ୍ୟା, ଅଭିଷେକ ଶର୍ମା ଓ ସଞ୍ଜୁ ସାମସନଙ୍କ ପରି ୧୦ଜଣ ଖେଳାଳି ଆସିବାର କାର୍ଯ୍ୟକ୍ରମ ରହିଛି।

# ଓଡ଼ିଶା ବିପକ୍ଷରେ ଖେଳିବେ କୋହଲି

ନୂଆଦିଲ୍ଲୀ, ୫।୧୨ (ଏଜେନ୍ସି): ବିସିସିଆଇର ଘରୋଇ ଲିଷ୍ଟ-ଏ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫି ଡିସେମ୍ବର ୨୪ରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ତାରକା ଭାରତୀୟ ବ୍ୟାଟର୍ ବିରାଟ କୋହଲି ସମ୍ପ୍ରତି ପ୍ରକାଶ କରିଛନ୍ତି। ଫଳରେ ଦୀର୍ଘ ୧୫ ବର୍ଷ ପରେ କୋହଲି ବିଜୟ ହଜାରେ ଟ୍ରଫି ଖେଳିବେ। କୋହଲି ଶେଷଥର ଲାଗି ୨୦୦୯-୧୦ ସିଜନରେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେଇଥିଲେ। କୋହଲିଙ୍କ ଦଳ ଦିଲ୍ଲୀ ଏଥର ବିଜୟ ହଜାରେ ଟ୍ରଫିରେ ଗ୍ରୁପ୍-ଡି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଦିଲ୍ଲୀ ସମେତ ହରିୟାଣା, ଗୁଜରାଟ, ଓଡ଼ିଶା, ସର୍ଭିସେସ୍, ଆନ୍ଧ୍ର ପ୍ରଦେଶ ଓ ସୌରାଷ୍ଟ୍ର ଦଳ ସ୍ଥାନ ପାଇଛି। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହିକ୍ରମରେ ଡିସେମ୍ବର ୩୧ରେ ଓଡ଼ିଶା ଓ ଦିଲ୍ଲୀ ମଧ୍ୟରେ ବେଙ୍ଗାଲୁରୁର ଆଲୁରରେ ଅନୁଷ୍ଠିତ ହେବ। ଯେହେତୁ କୋହଲି ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ସମ୍ମତି ଜଣାଇଛନ୍ତି ତେଣୁ ଓଡ଼ିଶା ବିପକ୍ଷ ମ୍ୟାଚରେ ସେ ଖେଳିବା ଆଶା ଉଜ୍ଜଳ ରହିଛି।


# ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ଅଗ୍ରଣୀ

ବ୍ରିସ୍‌ବେନ୍, ୫।୧୨(ଏଜେନ୍ସି): ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଜୋ ରୁଟ୍‌ଙ୍କ ଅପରାଜିତ ୧୩୪ ଓ ଜ୍ୟାକ୍ କ୍ରାଲୀଙ୍କ ୭୬ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ପ୍ରଥମ ଇନିଂସରେ ୩୩୪ ରନ୍ କରିଥିଲା। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୩୭୮ ରନ୍ କରିବା ସହ ୪୪ ରନ୍‌ରେ ଆଗୁଆ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ଆଲେକ୍ସ କ୍ୟାରୀ ୪୬ ଓ ମାଇକେଲ ନେସର ୧୫ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେକ୍ ୱିଦରାଲ୍ଡ ୭୨, ମାର୍ନସ ଲାବୁସେନ ୬୫ ଓ ଷ୍ଟିଭେନ୍ ସ୍ମିଥ୍ ୬୧, କାମେରନ ଗ୍ରୀନ୍ ୪୫ ଓ ଟ୍ରାଭିସ୍ ହେଡ୍ ୩୩ ରନ୍ କରିଥିଲେ।

## ୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ବ୍ୟାଡ୍‌ମିଣ୍ଟନ

# ଡବଲ୍ ଫାଇନାଲରେ ତନ୍‌ଭୀ

ଭୁବନେଶ୍ୱର, ୫।୧୨ (ସମିସ)



ଓଡ଼ିଶାର ନଂ-୧ ଖେଳାଳି ତନ୍‌ଭୀ ପତ୍ରୀ, ସ୍ୱାତୀ ନାୟକ ଓ ନିମିଶା ଓଝାଙ୍କ ଯୋଡି କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୧୫ ଓ ୧୭ ବର୍ଷରୁ କମ୍ ୩୭ତମ ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପର ଫାଇନାଲ ଖେଳିବାକୁ ଯୋଗ୍ୟତା କରିଛନ୍ତି। ତନ୍‌ଭୀ ଉଭୟ ବିଭାଗର ଏକକ ଏବଂ ସ୍ୱାତୀ- ନିମିଶାଙ୍କ ଯୋଡି ୧୫ ବର୍ଷରୁ କମ୍ ବାଳିକା ବିଭାଗର ଯୁଗଳ କାଟାଗୋରୀର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଆସନ୍ତାକାଲି ହେବାକୁ ଥିବା ୧୫ ବର୍ଷରୁ କମ୍ ଫାଇନାଲରେ ୧୪ତମ ତନ୍‌ଭୀଙ୍କ ସହ ତେଲଙ୍ଗାନାର ଅବନି ବିକ୍ରମ ଗୋବିନ୍ଦଙ୍କର ମୁକାବିଲା ହେବ। ସେହିପରି ୧୭ ବର୍ଷରୁ କମ୍ ବିଭାଗରେ ଟାଇଟଲ ଲାଗି ତାମିଲନାଡୁର ଦୀକ୍ଷା ଏସ୍‌ଆର୍ ସହ ଲଢ଼େଇ କରିବେ। ସେହିପରି ୧୫ ବର୍ଷରୁ କମ୍ ବାଳିକା ଯୁଗଳ ଟାଇଟଲ ଲାଗି ଓଡ଼ିଶାର ସ୍ୱାତୀ-ନିମିଶାଙ୍କ ସହ ମହାରାଷ୍ଟ୍ରର ସରାୟୁ ରଞ୍ଜନେ ଓ ସୋୟାରା ସେଲାରଙ୍କ ଯୋଡି ସହ ମୁକାବିଲା ହେବ। ବାଳକ ବିଭାଗ ୧୫ ବର୍ଷରୁ କମ୍ ବିଭାଗରେ ପୁଷ୍କର ସାଇଙ୍କ ସହ ହର୍ଷିତ ଖତ୍ରୀଙ୍କର ଓ ୧୭ ବର୍ଷରୁ କମ୍ ବିଭାଗରେ ଟପ୍ ସିଡ ଜଗସେର ସିଂହଙ୍କ ସହ ବିରାଜ ଶର୍ମାଙ୍କର ମୁକାବିଲା ହେବ।

■ **ଡବଲ ଫାଇନାଲ ମୁକାବିଲା**

ଓଡ଼ିଶାର ତାରକା ଖେଳାଳି ତନ୍‌ଭୀ ଆଜି ପ୍ରଥମେ ୧୫ ବର୍ଷରୁ କମ୍ ବାଳିକା ଏକକ ସେମିଫାଇନାଲ ଖେଳିଥିଲେ। ଏଥିରେ ସେ ୨୧-୧୨, ୨୧-୧୯ରେ ତେଲଙ୍ଗାନାର ହାମସିନୀ ଚଦରମଙ୍କ ପରାସ୍ତ କରି ଫାଇନାଲକୁ ଉନ୍ନିତ ହୋଇଥିଲେ। ଅନ୍ୟ ଏକ ସେମିଫାଇନାଲରେ ତେଲଙ୍ଗାନାର ଅବନୀ ବିକ୍ରମ ଗୋବିନ୍ଦ ୨-୦ରେ ପଞ୍ଜାବର ଇନାୟତ ଗୁଲାଟିଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ୧୭ ବର୍ଷରୁ କମ୍ ବାଳିକା ଏକକ ସେମି ଫାଇନାଲରେ ତନ୍‌ଭୀ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ୨୧-୧୧, ୨୧-୪ରେ ଏକତରଫା ଭାବେ ଆନ୍ଧ୍ରର ହସାନା ଶ୍ରୀଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ତାମିଲନାଡୁର ଦୀକ୍ଷା ଏସ୍‌ଆରଙ୍କ ସହ ମୁକାବିଲା ହେବ।

### ସ୍ୱାତୀ- ନିମିଶାଙ୍କ ପ୍ରଥମ ଫାଇନାଲ

୧୫ ବର୍ଷରୁ କମ୍ ବାଳିକା ବିଭାଗ ଯୁଗଳ ସେମି ଫାଇନାଲରେ ବିଜୟୀ ହୋଇ ପ୍ରଥମଥର ଜାତୀୟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ



ପ୍ରବେଶ କରିଛନ୍ତି ଓଡ଼ିଶାର ଯୋଡି ସ୍ୱାତୀ ନାୟକ ଓ ନିମିଶା ଓଝା। ସେମି ଫାଇନାଲରେ ତାମିଲନାଡୁର ନୟନିକା ଏ. ଏବଂ ଧନ୍ୟା ଏସ୍‌ଜେ୍ଙ୍କ ଯୋଡିଙ୍କୁ ୨୧-୧୬, ୯-୨୧, ୨୧-୧୨ ସେଟ୍‌ରେ ପରାସ୍ତ କରି ସ୍ୱାତୀ- ନିମିଶା ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଫାଇନାଲରେ ମହାରାଷ୍ଟ୍ରର ସରାୟୁ ରଞ୍ଜନେ- ସୋୟାରା ସେଲାରଙ୍କ ଯୋଡି ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ସ୍ୱାତୀ-ନିମିଶାଙ୍କ ସହ ସରାୟୁ-ସୋୟାରା ଯୋଡି ମଧ୍ୟରେ ଫାଇନାଲ ମୁକାବିଲା ହେବ।

'ନନ୍ଦିଘୋଷ ଟିଭି'
ନନ୍ଦିଘୋଷ
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୬ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS